# ବନ୍ଦ ହୋଇଯିବ ହର୍ମୁଜ ପ୍ରଣାଳୀ ଫେରିଗଲା ୨୧ ଜାହାଜ

ତେହରାନ,୧୮।୪: ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମୟସୀମା ନିକଟତର ହେବା ସହିତ, ହର୍ମୁଜ ପ୍ରଣାଳୀକୁ ଘେରି ରହିଥିବା ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇବା ଆରମ୍ଭ କରିଛି। ହର୍ମୁଜ ପ୍ରଣାଳୀ ପୁନଃ ଖୋଲାଯାଇଥିବା ଘୋଷଣା ମଧ୍ୟରେ, ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସ୍ଥାପନ କରିଛି। 'ଏକ୍ସ' (ପୂର୍ବରୁ ଟୁଇଟର) ରେ ଏକ ପୋଷ୍ଟରେ କୁହାଯାଇଛି ଯେ ସମସ୍ତ ପ୍ରକାରର ପରିବହନ ପାଇଁ ଆଇଆରଜିସି ନୌସେନାରୁ ଅନୁମତି ନେବା ବାଧ୍ୟତାମୂଳକ। ବେସାମରିକ ଜାହାଜଗୁଡ଼ିକୁ କେବଳ ଇରାନ ଦ୍ୱାରା ନିର୍ଦ୍ଦିଷ୍ଟ ମାର୍ଗ ଦେଇ ଯିବାକୁ ଅନୁମତି ଦିଆଯାଇଛି, ଯେତେବେଳେ ସାମରିକ ଜାହାଜଗୁଡ଼ିକ ଏହି ଅଞ୍ଚଳ ଦେଇ ଯିବା ପାଇଁ ନିଷିଦ୍ଧ ରହିଛି। ଏପରି ଅନୁମତି ନ ପାଇବା ଫଳରେ ପୁଣି ଥରେ ପ୍ରଣାଳୀ ବନ୍ଦ ହୋଇଯିବ।


# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com Weekly (ସାପ୍ତାହିକ) PRGI NO-ORORI/26/A0341



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |



VOL-1 | ISSUE-9 | BHUBANESWAR | April 19 to 25 April, 2026 | Rs--8/- | ବର୍ଷ-୧ | ସଂଖ୍ୟା-୯ | ଭୁବନେଶ୍ୱର | ଅପ୍ରେଲ ୧୯ ରୁ ଅପ୍ରେଲ ୨୫, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

## ପ୍ରଶାସନରୁ ଦୁର୍ନୀତି ଦୂର କରାଯାଇ ପାରିବ କି ?

ଏ ସମ୍ପର୍କରେ ଗତ ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲି ଆସିଛି । ପ୍ରଶାସନିକ ସଂସ୍କାର କମିଶନମାନେ ଅନେକ ପରାମର୍ଶ ଦେଇ ଆସିଛନ୍ତି । ସେଗୁଡ଼ିକ ଲାଇବ୍ରେରୀମାନଙ୍କର ଶୋଭା ବର୍ଦ୍ଧନ କରୁଛନ୍ତି । କିନ୍ତୁ କ୍ରମେ ଦୁର୍ନୀତି ବଢ଼ିଛି ସିନା କମି ନାହିଁ । ଜନସାଧାରଣଙ୍କ ମତରେ ବୋଧ ହୁଏ ଏଭଳି କୌଣସି ଅଫିସ ନାହିଁ ଯେଉଁଠାରେ ଦୁର୍ନୀତି ନାହିଁ, ଯଦିଓ ସେହି ଅଫିସମାନଙ୍କରେ ଆଜି ମଧ୍ୟ କିଛି ସାଧୁ କର୍ମଚାରୀ ଅଛନ୍ତି ଯେଉଁମାନେ କି ନିଜ ସାଧୁତାକୁ ନେଇ ଗର୍ବିତ ।

ଦୁର୍ନୀତିକୁ ଦୂର କରିବା ପାଇଁ ଭିଜିଲାନ୍ସ, ସିବିଆଇ ଭଳି ସଂସ୍ଥାମାନ ସୃଷ୍ଟି କରାଯାଇଛି । ପ୍ରତି ବର୍ଷ ଦୁର୍ନୀତି ନିବାରଣ ପକ୍ଷ ପାଳନ କରାଯାଉଛି । ଦୁର୍ନୀତିରୁ ଦୂରରେ ରହିବା ପାଇଁ ସମୂହ ଶପଥ ନିଆଯାଉଛି । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖା ଯାଉଛି ଯେ, ଦୁର୍ନୀତି ନିବାରଣ ସଂସ୍ଥାଗୁଡ଼ିକ ନିଜର ବିଶ୍ୱସନୀୟତା ହରାଇଛନ୍ତି। ମାନ୍ୟବର ସୁପ୍ରିମକୋର୍ଟ ସିବିଆଇକୁ ପିଞ୍ଜରାବଦ୍ଧ ଶୁଆ ବୋଲି ସମ୍ବୋଧନ କରିଛନ୍ତି । ଭିଜିଲାନ୍ସର ଚିତ୍ର ମଧ୍ୟ ଉଜ୍ଜ୍ୱଳ ନୁହେଁ । ଅଧିକାରୀମାନେ କୋଟି କୋଟି ଟଙ୍କା ଠୁଳ କରିବା ପର୍ଯ୍ୟନ୍ତ ଭିଜିଲାନ୍ସ ଚୁପ ରହୁଛି ଯଦିଓ ସେ ସମ୍ପର୍କରେ ଊଣା ଅଧିକେ ସମସ୍ତେ ଜାଣନ୍ତି । ଚଢ଼ାଉ ସମୟରେ ଯେଉଁ ଜୋଶ ଦେଖାଯାଏ ତାହା କେସ ଅନୁସନ୍ଧାନ ସମୟରେ ଧିମା ପଡ଼ିଯାଏ । ମାମଲା କୋର୍ଟକୁ ଯିବା ବେଳକୁ ତାହା ଧୂମକେତୁର ଲାଞ୍ଜ ପରି ମଳିନ ହୋଇ ସାରିଥାଏ । ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଜାଣନ୍ତି ଯେ, ସେମାନଙ୍କର ଦୁର୍ଦ୍ଦଶା ସାମୟିକ । ସମୟ କ୍ରମେ ତାହା ଅପସରି ଯିବ ।

ଫଳରେ ଦୁର୍ନୀତିର ଚେର ଭିତରକୁ ଭିତରକୁ ଚାଲି ଯାଉଛି । ଖବରକାଗଜ ସମ୍ବାଦରୁ ଜଣାଯାଉଛି ଯେ, ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କର ସମ୍ପତ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଛି । କାହାର ବହୁତଳ ପ୍ରାସାଦ ତ କାହାର ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ଲାଟ, ତାହା ପୁଣି ନାମୀ ସହରରେ। କାହାର କୋଟି କୋଟି ଟଙ୍କାର ନଗଦ ଟଙ୍କା ତ କାହାର କେଜି କେଜି ସୁନା । ସତେ ଯେପରି ଏକ ଖୋଲା ପ୍ରତିଯୋଗିତା ଚାଲିଛି ଅନୈତିକ ସମ୍ପତ୍ତି ଠୁଳ କରିବାରେ । ଯେତିକି ଚଢ଼ାଉ ବଢୁଛି ସେତିକି ଅନୈତିକ ସମ୍ପତ୍ତି ମଧ୍ୟ ବଢୁଛି ।

ପ୍ରସିଦ୍ଧ ସମାଜସେବୀ ଆନ୍ନା ହଜାରେ 'ଦୁର୍ନୀତି ବିରୁଦ୍ଧରେ ଭାରତ' ବା 'ଇଣ୍ଡିଆ ଏଗେନଷ୍ଟ କରପସନ' ନାମରେ ଏକ ଅଭିଯାନ ଆରମ୍ଭ କରିଥିଲେ । ଉକ୍ତ ଲୋକପାଳ ଯିଏ କି ସମଗ୍ର ରଖିବେ, ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ପରେ ଏକ ଲୋକପାଳ ସଂସ୍ଥା ଉଭେଇ ଯିବ ତାହା ହେଲା ନାହିଁ ସଂସ୍ଥାଗୁଡ଼ିକୁ ଦୁର୍ବଳ କରି ରଖିବା ଲୋକାୟୁକ୍ତ ନିଷ୍କ୍ରିୟ ତ କେଉଁଠି ଲୋକାୟୁକ୍ତରେ ଅଭିଯୋଗ

ଆଜି ସିଙ୍ଗାପୁର ସମଗ୍ର ପରିଗଣିତ । ଟ୍ରାନ୍ସପାରେନ୍ସି ବିଶ୍ୱର ତୃତୀୟ ସର୍ବୋତ୍କୃଷ୍ଟ ଥିଲା ସମ୍ପୂର୍ଣ୍ଣ ଭାବରେ ଯୁଦ୍ଧ – ଏ ସମସ୍ତ ସିଙ୍ଗାପୁରର କୁଆନ ୟୁଙ୍କର ଆବିର୍ଭାବ ହେଲା ପ୍ରଧାନମନ୍ତ୍ରୀ ରହିଲେ । ମାତ୍ର



ବିଜୟ କୁମାର ପଟ୍ଟନାୟକ

ଅଭିଯାନର ମୁଖ୍ୟ ଦାବୀ ଥିଲା ଏକ ସ୍ୱୟଂସମ୍ପୂର୍ଣ୍ଣ ଭାରତ ବର୍ଷରେ ଦୁର୍ନୀତି ଉପରେ ତୀକ୍ଷଣ ନଜର କୋର୍ଟରେ ହାଜର କରିବେ । ଅନେକ ସଂଘର୍ଷ ସୃଷ୍ଟି କରାଗଲା। କିନ୍ତୁ ଦୁର୍ନୀତି ଯେ କୁହୁକ ଭଳି । ରାଜ୍ୟ ଗୁଡ଼ିକର ଅଭିଜ୍ଞତା ହେଲା ଲୋକପାଳ ପାଇଁ ସରକାରମାନେ ସଦା ଚେଷ୍ଟିତ । କେଉଁଠି ସେଥିରେ କେହି ସଭ୍ୟ ନାହାନ୍ତି । ଏଣେ ପରେ ଅଭିଯୋଗ । କାର୍ଯ୍ୟ ଶୂନ । ବିଶ୍ୱରେ ଏକ ଦୁର୍ନୀତିମୁକ୍ତ ଦେଶ ଭାବରେ ଇଣ୍ଟରନେସନାଲର ଆକଳନ ଅନୁଯାୟୀ, ଏହା ଦେଶ । କିନ୍ତୁ ସମୟ ଥିଲା ଯେତେବେଳେ ଏହା ଦୁର୍ନୀତିପୂର୍ଣ୍ଣ ।ବଟି ଆଦାୟ, ଦାଦାଗିରି, ଗ୍ୟାଙ୍ଗ ଦୈନନ୍ଦିନ ଘଟଣା ଥିଲା । ଏହି ସମୟରେ ଲୀ ।୧୯୫୯ ରୁ ୧୯୯୦ ପର୍ଯ୍ୟନ୍ତ ସେ ସେଠାର ତିରିଶ ବର୍ଷରେ ସେ ସିଙ୍ଗାପୁରକୁ ଏକ ବିଶ୍ୱ ସ୍ତରୀୟ ଅର୍ଥନୀତିରେ ପରିଣତ କରିଦେଲେ । ମାତ୍ର ୩୦ ବର୍ଷରେ ସେ ସିଙ୍ଗାପୁରର ବାର୍ଷିକ ମୁଣ୍ଡପିଛା ଜାତୀୟ ଆୟ ୧୫୦୦ ଡ଼ଲାର ରୁ ୧୮,୦୦୦ ଡ଼ଲାରରେ ପହଞ୍ଚାଇ ଦେଲେ । ସମସ୍ତ ପ୍ରକାରର ଦାଦାବଟିକୁ ଖତମ କରିଦେଲେ । ଦୁର୍ନୀତି ବିରୁଦ୍ଧରେ ସେ ଏତେ କଠୋର ଥିଲେ ଯେ, ଏକା ଥରେ ତାକୁ ମୂଳୋତ୍ପାଟନ କରିଦେଲେ । ଅପରାଧୀମାନଙ୍କୁ ପ୍ରକାଶ୍ୟରେ ବେତ୍ରାଘାତ କରିବା ତାଙ୍କର ରାଜତ୍ୱର ମୂଳମନ୍ତ୍ର ଥିଲା ।

ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ, ଭାରତ ବା ଓଡ଼ିଶା ସିଙ୍ଗାପୁର ନୁହେଁ । ଏଠାରେ ଏକଛତ୍ରବାଦ ବା ବେତ୍ରାଘାତ ଶାସନ ଚାଲି ପାରିବ ନାହିଁ । ତାହାର ଅର୍ଥ ନୁହେଁ ଯେ, ଗଣତନ୍ତ୍ରରେ କେବଳ ଦୁର୍ନୀତି ହିଁ ସମ୍ଭବ, ଏହାର ପରିବର୍ତ୍ତନ ସମ୍ଭବପର ନୁହେଁ । ଭାରତ ବର୍ଷରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାନେ ସ୍ରୋତର ବିପରିତମୁଖୀ ହୋଇ, ଅରାଜକତାକୁ ଦୂର କରି ନିର୍ମଳ ଶାସନ ପ୍ରତିଷ୍ଠା କରିପାରିଛନ୍ତି । ବିହାରରେ ନିତିଶ କୁମାର, ଉତ୍ତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ଓ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କର ଏହିଭଳି ଛବି ରହିଥିଲା । ସେମାନେ ତାହାକୁ କେତେ ଦୂର ବଜାୟ ରଖିପାରିଲେ ବା ପାରିବେ ତାହା ଭିନ୍ନ ଏକ ପ୍ରଶ୍ନ । କିନ୍ତୁ ଏତିକି କହିବା ଯଥେଷ୍ଟ ହେବ ଯେ, ଜଣେ ମୁଖ୍ୟମନ୍ତ୍ରୀ ଚାହିଁଲେ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିପାରିବେ । ଜନସାଧାରଣଙ୍କୁ ସୁଶାସନ ଦେଇ ପାରିବେ ।

ତେଣୁ ପ୍ରଶାସନକୁ ନିର୍ମଳ ରଖିବାକୁ ହେଲେ ପ୍ରଥମେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ନିର୍ମଳ ରହିବାକୁ ପଡ଼ିବ । ଜନସାଧାରଣଙ୍କ ମନରେ ଏକ ବିଶ୍ୱାସ ସୃଷ୍ଟି ହେବାକୁ ହେବ ଯେ, ସେ ବ୍ୟକ୍ତିଗତ ସ୍ତରରେ ନିଷ୍କଳଙ୍କ । କେହି ନ ଜାଣିଲେ ମଧ୍ୟ ଯେଉଁମାନେ ପ୍ରଶାସନର ଅନ୍ଦର ମହଲରେ କାମ କରନ୍ତି ସେମାନେ ଜାଣନ୍ତି କେଉଁ ମୁଖ୍ୟମନ୍ତ୍ରୀ କେତେ ସ୍ୱଚ୍ଛ । ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଖବର ତୃଣମୂଳ ସ୍ତରକୁ ଚାଲିଯାଏ । ଯଦି କୌଣସି ମୁଖ୍ୟମନ୍ତ୍ରୀ ନିଜେ ନିଜ ପାଇଁ ଅର୍ଥ ସଂଗ୍ରହ କରନ୍ତି ତେବେ ତଳ ସ୍ତରର କର୍ମଚାରୀମାନେ ସ୍ୱଚ୍ଛ ରହିବେ କାହିଁକି ? ଭାରତବର୍ଷର ବିଭିନ୍ନ ରାଜ୍ୟରେ ସେଭଳି ଦୃଷ୍ଟାନ୍ତର ଅଭାବ ନାହିଁ ।

ଦ୍ୱିତୀୟତଃ, ଆଶାୟୀ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀମାନେ ଓ ତାଙ୍କ ଦଳ ଦୁର୍ନୀତିକୁ ନିର୍ବାଚନର ମୁଦ୍ଦା କରିବା ଉଚିତ । ନିର୍ବାଚନ ସମୟରେ ଦେଖାଯାଇଛି ଯେ, ବିଭିନ୍ନ ଦଳ ସରକାରରେ ଥିବା ଦଳକୁ ଦୁର୍ନୀତିଗ୍ରସ୍ତ ବୋଲି ପ୍ରଚାର କରନ୍ତି । ବିଭିନ୍ନ ସ୍କାମର ଅବତାରଣା କରନ୍ତି। କିନ୍ତୁ ସେମାନେ କ୍ଷମତାକୁ ଆସିଲେ କିଭଳି ଭାବରେ ଦୁର୍ନୀତିକୁ ଦୂର କରିବେ ତାହାର କୌଣସି ନକ୍ସା ଦିଅନ୍ତି ନାହିଁ । ତେଣୁ ଜନସାଧାରଣ ଭାବନ୍ତି ଯେ, ବିରୋଧୀ ଦଳ ସରକାରୀ ଦଳର ଦୁର୍ନୀତି ବିଷୟରେ କହୁଛନ୍ତି କାରଣ ସେମାନଙ୍କର ଭାଗରେ କିଛି ପଡୁ ନାହିଁ । ଥରେ ସରକାରକୁ ଆସିଲେ ସେମାନେ ମଧ୍ୟ ସେଇ ପନ୍ଥା ଅନୁସରଣ କରିବେ । ଯଦି ଦୁର୍ନୀତିକୁ ଦୂର କରିବା ପାଇଁ ରାଜନୈତିକ ଦଳମାନେ ଖସଡ଼ା ପ୍ରସ୍ତୁତ କରି ତାହା ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରନ୍ତି, ତେବେ ଲୋକେ ତାକୁ ଗ୍ରହଣ କରିବାକୁ ଚାହିଁ ପାରନ୍ତି ।

ତୃତୀୟତଃ, ଜଣେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କର ତଥା ତାଙ୍କର ଅଧୀନସ୍ଥ ବିଭାଗଗୁଡ଼ିକ ଉପରେ ଉତ୍ତର ଦାୟିତ୍ୱ ନ୍ୟସ୍ତ କରିବା ଉଚିତ। ଉଦାହରଣ ସ୍ୱରୂପ, ଯଦି ଗୋଟିଏ ତହସିଲ ଅଫିସରେ ବିନା ଟଙ୍କାରେ କାମ ହୁଏ ନାହିଁ ତେବେ କୌଣସି କିରାଣୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ଉକ୍ତ ତହସିଲଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଯଦି କୌଣସି ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯ୍ୟାତନା ଦିଆଯାଏ ତେବେ ପ୍ରଥମେ ଉକ୍ତ ଥାନାର ମୁଖ୍ୟଙ୍କୁ ସେଥିପାଇଁ ଦାୟୀ କରାଯିବା ଉଚିତ । ଯଦି କୌଣସି ସାଧାରଣ ବ୍ୟକ୍ତି ତାଙ୍କର ନ୍ୟାୟୋଚିତ ଅଧିକାରରୁ ବଞ୍ଚିତ ହେଉଥାନ୍ତି ତେବେ ସେ ଉକ୍ତ ଅଫିସର ମୁଖ୍ୟଙ୍କୁ ଭେଟିବା ବ୍ୟବସ୍ଥା ରହିବା ଉଚିତ ଓ ତାହା ଉପରେ ସେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ଲିପିବଦ୍ଧ ହୋଇ ରହିବା ଉଚିତ । ଅଭିଯୋଗ ଶୁଣାଣି ଏକ ଔପଚାରିକ ବ୍ୟବସ୍ଥାରେ ପରିଣତ ନ ହୋଇ ଫଳଭିତ୍ତିକ ହେବା ଉଚିତ ।

କେବଳ ଅଫିସର ମୁଖ୍ୟଙ୍କୁ ଉତ୍ତରଦାୟୀ କରିଦେବା ଯଥେଷ୍ଟ ନୁହେଁ । ଏହାକୁ ଫଳପ୍ରଦ କରିବାକୁ ହେଲେ ଉକ୍ତ ଅଫିସର ମୁଖ୍ୟଙ୍କୁ ଯଥେଷ୍ଟ କ୍ଷମତା ଦିଆଯିବା ଉଚିତ । ଦୁର୍ନୀତି ଯୋଗୁଁ କୌଣସି କର୍ମଚାରୀଙ୍କୁ ବଦଳି କରାଗଲେ ବା ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାଙ୍କୁ ରାଜନୈତିକ ବା ପ୍ରଶାସନିକ ସୁରକ୍ଷା ଦିଆଯିବା ଉଚିତ ନୁହେଁ । କିନ୍ତୁ ଏହି କାର୍ଯ୍ୟାନୁଷ୍ଠାନ ଆକ୍ରୋଶମୂଳକ ନ ହୋଇ ତଥ୍ୟ ଭିତ୍ତିକ ହେବା ଉଚିତ ।

ବ୍ରିଟିଶ ସରକାରଙ୍କ ସମୟରେ ସଂଚାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ଥିବା ସତ୍ତ୍ୱେ ସରକାରୀ କଳ ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିଲା । ଏହା ସମ୍ଭବ ହୋଇପାରୁଥିଲା ଏକ ବ୍ୟବସ୍ଥା ଦ୍ୱାରା, ଯାହାକି ଥିଲା ଉପରିସ୍ଥ ଅଫିସରଙ୍କ ଦ୍ୱାରା ପରିଦର୍ଶନ ବ୍ୟବସ୍ଥା। ସେମାନେ ରହିବା ପାଇଁ ପରିଦର୍ଶନଗୃହ ବା ଆଇ ବି ତିଆରି ହୋଇଥିଲା । ଉପରିସ୍ଥ ଅଫିସର ମାନେ ନିୟମିତ ଭାବରେ ଅଫିସଗୁଡ଼ିକ ପରିଦର୍ଶନ କରୁଥିଲେ, ସେ ସ୍କୁଲ ଇନ୍ସପେକ୍ଟର ହୁଅନ୍ତୁ ବା ଫରେଷ୍ଟ ଅଫିସର, କଲେକ୍ଟର ହୁଅନ୍ତୁ ବା ଏସପି । ଅଫିସଗୁଡ଼ିକରେ କେତେ ଚିଠି ଆସିଲା, କେତେ ଚିଠି ଉପରେ କାର୍ଯ୍ୟାନୁଷ୍ଠାନ କରାଗଲା, ଫାଇଲରେ କିଭଳି ଅର୍ଡର ପାସ କରାଗଲା, ସରକାରୀ ଦେୟ କେତେ ସଂଗ୍ରହ କରାଗଲା, ଇତ୍ୟାଦି ଟିକିନିଖି ତଥ୍ୟ ଉପରିସ୍ଥ ଅଫିସରମାନେ ସଂଗ୍ରହ କରୁଥିଲେ । ସେମାନଙ୍କ ସୁପାରିଶ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ । କାଳକ୍ରମେ ଏଇ ବ୍ୟବସ୍ଥା ମଧ୍ୟ ଏକ ଔପଚାରିକ ବ୍ୟବସ୍ଥାରେ ପରିଣତ ହୋଇଗଲା । ପରିଦର୍ଶନରେ ଆସିଥିବା ଉପରିସ୍ଥ ଅଫିସର ମାନେ **'ବନ୍ଦୋବସ୍ତ'** (ଅତିଥି ଚର୍ଚ୍ଚା) କୈନ୍ଦ୍ରିକ ହୋଇଗଲେ । କେଉଁ ଅଧସ୍ତନ ଅଫିସର ତାଙ୍କ ସିନିଅର ଅଫିସରଙ୍କର କିଭଳି ଯତ୍ନ ନେଲେ ତାହା ଉପରେ ହିଁ ସମସ୍ତ ଜୋର ଦିଆଗଲା, ଅଫିସ ପରିଚାଳନା ଉପରେ ନୁହେଁ ।

ଆଜି ପୂର୍ବର ପରିଦର୍ଶନ ବ୍ୟବସ୍ଥାକୁ ଫେରାଇ ଆଣିବା ସମ୍ଭବ ନୁହେଁ । କିନ୍ତୁ ଆଧୁନିକ ଜ୍ଞାନ କୌଶଳକୁ ବ୍ୟବହାର କରି ଅଫିସଗୁଡ଼ିକ କିପରି ଭାବରେ ଚାଲିଛି ତାହାର ଉପରେ ତୀକ୍ଷଣ ନଜର ରଖାଯାଇପାରିବ । ଏହା ବ୍ୟତୀତ ଉପରିସ୍ଥ କର୍ମଚାରୀମାନେ ନିୟମିତ ଭାବରେ ଜିଲ୍ଲା ଓ ବ୍ଲକ ଅଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଭାବରେ ଯୋଗାଯୋଗ ରକ୍ଷା କଲେ ପ୍ରଶାସନରେ ଅନେକ ସ୍ୱଚ୍ଛତା ଆସିପାରିବ । ଆସନ୍ତା ସପ୍ତାହରେ ଏହି ପ୍ରସଙ୍ଗ ଜାରି ରଖିବା ।

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**

ରଣର ହୁଁକାରେ ବିଶ୍ୱ ଥରହର
ମଧ୍ୟ ପ୍ରାଚ୍ୟ ଅଶାନ୍ତିରେ
ଅହଁକାର ଗର୍ବ ରହିନାହିଁ କାର
କେବେ ରହିବନି ମହି ତଳେ
ଟ୍ରମ୍ପଙ୍କ ଧମକ ଯୁଦ୍ଧର ଚମକ
ଧ୍ୱଂସସ୍ତୁପ ତଳୁ ମଣିଷ ଚିତ୍କାର କରେ
ଯୁଦ୍ଧ ନୁହେଁ ବୁଦ୍ଧଙ୍କ ବାର୍ତ୍ତା
ପ୍ରଚାରିତ ହେଉ ବିଶ୍ୱ ଦରବାରେ

## ବ୍ୟଙ୍ଗ ପ୍ରହାରଃ ପ୍ରମାଦ



# ବିଦ୍ୟାଳୟ ପାଚେରୀ ଭୁଶୁଡ଼ି ଦୁଇ ଛାତ୍ରୀ ମୃତ

## ମୃତକଙ୍କ ପରିବାରକୁ ଭେଟିଲେ ବିଜୟ ପଟ୍ଟନାୟକ

ଭୁବନେଶ୍ୱର/ପାରଳାଖେମୁଣ୍ଡି, ୧୮/୦୪ (ଜେଏନଏସ) : ବିଦ୍ୟାଳୟ ପାଚେରୀ ପଡି ଛାତ୍ରୀ ମୃତ ଘଟଣାରେ ଜନ ଜାଗରଣ ସଭାପତି ତଥା ଜନବାର୍ତ୍ତାର ପ୍ରତିଷ୍ଠାତା ବିଜୟ କୁମାର ପଟ୍ଟନାୟକ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଦୁଇ ପୁଅଙ୍କ ପଢା ଦାୟିତ୍ୱ ନେବା ସହ ଶୋକ ସନ୍ତପ୍ତ ପରିବାର ଲୋକ କିପରି ସରକାରୀ ସାହାଯ୍ୟ ପାଇବେ ସେ ନେଇ ଖୁବ ଶିଘ୍ର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଏହି ଅବସରରେ ଜନ ଜାଗରଣର ସାଧାରଣ ସଂପାଦକ ତଥା ଜନବାର୍ତ୍ତାର ପ୍ରକାଶକ ସାରଦା ପ୍ରଶନ୍ନ ସ୍ୱାଇଁ ସେଠାରେ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ରୁବୁଡ଼ିସିଂ ପ୍ରାଥମିକ ବିଦ୍ୟାଳୟରେ ଏକ ହୃଦୟବିଦାରକ ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଘଟଣ ଘଟିଯାଇଛି। ଖେଳିବା ସମୟରେ ବିଦ୍ୟାଳୟର ମୁଖ୍ୟ ଫାଟକ ପାଚେରୀ କାନ୍ଥ ପଡ଼ି ଗ୍ରାମର ଦୁଇ ଜଣ ପଞ୍ଚମ ଶ୍ରେଣୀର ନିରୀହ ଛାତ୍ର ଘଟଣା ସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଏହି ଅକାଳ ମୃତ୍ୟୁ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଏବଂ ଦାୟିତ୍ୱହୀନତାକୁ ଦାୟୀ କରାଯାଉଛି। ଦୀର୍ଘ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟାଳୟ ମୁଖ୍ୟ ଫାଟକ ଏବଂ ପାଚେରୀ କାନ୍ଥକୁ ମରାମତି କରିବା ପାଇଁ କୌଣସି ପଦକ୍ଷେପ ନନେଇ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳାଯାଇଛି। ଏହି ଅଘଟଣ ସ୍ପଷ୍ଟ ଭାବେ ପ୍ରମାଣ କରୁଛି ଯେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଅବକ୍ଷୟ ଏବଂ ସୁରକ୍ଷା ପ୍ରତି ଉଦାସୀନତା କେତେ ଗମ୍ଭୀର ସ୍ତରରେ ପହଞ୍ଚିଛି। ଘଟଣା ସ୍ଥଳରେ ରା. ଉଦୟଗିରି ପୋଲିସ, ନୂଆଗଡ଼ ଉନ୍ନୟନ ଅଧିକାରୀ ଏବଂ ନୂଆଗଡ଼ ତହସିଲଦାର ପହଞ୍ଚି ଅନୁଧ୍ୟାନ ଆରମ୍ଭ କରିଛନ୍ତି। ରା. ଉଦୟଗିରି ପୋଲିସ ଅପମୃତ୍ୟ ମାମଲା ରୁଜୁ କରି ଦୁଇ ଛାତ୍ରଙ୍କ ଶବକୁ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତଦନ୍ତରେ କେଉଁ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଲା ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ପଞ୍ଚମ ଶ୍ରେଣୀର ନିରୀହ ପିଲାମାନେ ବିଦ୍ୟାଳୟରେ ଖେଳୁଥିବା ସମୟରେ ନିଜ ଜୀବନ ହରାଇବେ। ଏହା କେଉଁ ସମାଜର ଚିତ୍ର ? ବିଦ୍ୟାଳୟ ହେଉଛି ଜ୍ଞାନର



ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ...

# ଶ୍ରାଦ୍ଧ-ଶ୍ରଦ୍ଧା ରାଜନୈତିକ ମୁଦ୍ଦା

## ବିଜୁ ଲିଗାସୀକୁ ନେଇ ଉତ୍ତରାଧିକାରୀଙ୍କ ଲଢ଼େଇ

**ଭୁବନେଶ୍ୱର,୧୮/୪(ପ୍ରମୋଦ ସାମନ୍ତରାୟ):** ବିଜୁ ପଟ୍ଟନାୟକ ଜଣେ ବ୍ୟକ୍ତି ନୁହଁନ୍ତି ଏକ ଅନୁଷ୍ଠାନ। ତାଙ୍କ ଜୀବିତ ଅବସ୍ଥାରେ ସେ ଯେତିକ ଚର୍ଚ୍ଚିତ, ବିଜୁ ବାବୁଙ୍କ ବିୟୋଗ ପରେ ତାଙ୍କ ଆଦର୍ଶକୁ ନେଇ ଓଡ଼ିଆ ଖୋଜୁଛି ଆଗାମୀ ଭବିଷ୍ୟତ। ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଓ ସାମାଜିକ ଜୀବନରେ ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଥିଲା। ତାଙ୍କ ଆବର୍ତମାନରେ ତାଙ୍କ ନାମକୁ ନେଇ ରାଜ୍ୟରେ ଏକ ଆଞ୍ଚଳିକ ଦଳ ୧୯୯୭ରେ ବିଜେଡି ନାମରେ ଜନ୍ମ ନେଇଥିଲା। ୨୪ ବର୍ଷ ଶାସନ କ୍ଷମତାରେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପ୍ରତିଶ୍ରୁତି ଦେଇ ଜନ ସମର୍ଥନ ପାଇଥିଲେ। ହେଲେ ଆଜି ବି ଓଡ଼ିଆ ପୁଅ ଦାଦନ ଯାଉଛି, ପାଠ ପଢି ଯୁବକ ବେକାରୀ ହୋଇ ବୁଲୁଛି। କୃଷକ ଋଣଯୁକ୍ତ ଯନ୍ତ୍ରଣା ଜୀବନ ସହି ନପାରି ଅକାଳରେ ଆତ୍ମହତ୍ୟା କରୁଛି। ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସାୟୀକରଣ ହୋଇଥିବା ବେଳେ ଆତ୍ମନିର୍ଭରଶୀଳ ଓଡ଼ିଶା ଆଜି ଆମ ପାଇଁ ସ୍ୱପ୍ନ ହୋଇଛି। ବିଜୁଙ୍କ ନାମ ଓ ଆଦର୍ଶ ଠାରୁ ବିଜେଡି ଦୂରେଇ ଯେଉଁଦିନ ନବୀନ ଓଡ଼ିଶା ଓ ନୂଆ ଓଡ଼ିଶା ନାମରେ ଲୋକଙ୍କ ପାଖକୁ ଗଲା ୨୦୨୪ରେ ଲୋକେ ନବୀନଙ୍କୁ ପ୍ରତ୍ୟାଖାନ କଲେ। ନିଶିକାନ୍ତ ଦୁବେ ଲୋକସଭାରେ ବିଜୁ ବାବୁଙ୍କ ଅପମାନିତ କଲା ପରେ ବିଜେଡି ଓ ନବୀନ ଯେଉଁ ଭଳି ପ୍ରତିବାଦ କରିବା କଥା ତାହା ଦେଖିବାକୁ ମିଳିଲା ନାହିଁ। ଅନ୍ୟପକ୍ଷେ ରାଜ୍ୟ ସଭା ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିରୁଦ୍ଧରେ ଯେଉଁ ଆଠ ଜଣ ବିଧାୟକ ଭୋଟ ଦେଲେ ଦଳ ସେମାନଙ୍କୁ ନିଲମ୍ବିତ କରିଛି। ଏହାକୁ ନେଇ ରାଜ୍ୟରେ ଏକ ନୂଆ ରାଜନୈତିକ ସମିକରଣର ମୂଳ ଦୁଆ ପଡ଼ିଛି। ଯଦିବା ଓଡ଼ିଶା ନାଗରିକ ମଞ୍ଚ ନାମରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ କୃଷି ସଦନ ଠାରେ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ବିଜୁଙ୍କ ଆଦର୍ଶ ଓ ବିଚାରକୁ ନେଇ ଯେଉଁ ଆଲୋଚନା ହେଲା ତାହା ଆଗାମି ଓଡ଼ିଶା ପାଇଁ ଏକ ନୂଆ ରାଜନୈତିକ ଖସଡ଼ା ପ୍ରସ୍ତୁତର ଭିତ୍ତିଭୂମିର ମୂଳ ଦୁଆ ପଡ଼ିଲା। ବିଜୁ ବାବୁ ଓଡ଼ିଶାକୁ ଭଲ ପାଉଥିଲେ, ଓଡ଼ିଶାବାସୀ ଏବେ ବି ବିଜୁ ବାବୁଙ୍କ ଅବଦାନକୁ ମନେ ରଖିଛନ୍ତି। ବିଜୁ ବାବୁ କହୁଥିଲେ ଓଡ଼ିଶା ମୋ ପରିବାର। ଏହି ଆଧାରରେ ବିଜୁ ବାବୁଙ୍କ ଭଲ ପାଉଥିବା ବିଜୁ ପରିବାରକୁ ଏକଜୁଟ କରିବାର ପକ୍ରିୟା ଆରମ୍ଭ ହୋଇଛି। ଏହାର



ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# କମିବ ଗ୍ୟାସ-ସିଲିଣ୍ଡର ଦର ଦୂର ହେବ ପେଟ୍ରୋଲ-ଡିଜେଲ ଚିନ୍ତା

ନୂଆଦିଲ୍ଲୀ, ୧୮/୦୪ : କମିବ ଗ୍ୟାସ, ସିଲିଣ୍ଡର ଦର। ଦୂର ହେବ ପେଟ୍ରୋଲ, ଡିଜେଲ ଚିନ୍ତା। ଏହା ଏବେ ସଭିଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ ଏଥିପାଇଁ ସରକାର ଏକ ଯୋଜନା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଯାହା ଫଳରେ ସର୍ବସାଧାରଣଙ୍କ ଚିନ୍ତା ଦୂର ହୋଇପାରିବ। ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ (ଏଲପିଜି)ର ମୂଲ୍ୟକୁ ନେଇ ସାରା ଦେଶରେ ଉତ୍ତେଜନାର ବାତାବରଣ ରହିଛି। ଗତ ଦୁଇ ମାସ ଧରି ଦେଶ ମଧ୍ୟପ୍ରାଚ୍ୟରେ ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀ ଅବରୋଧ ଯୋଗୁଁ ତେଲ ଏବଂ ଗ୍ୟାସ ସଙ୍କଟ ସହିତ ସଂଘର୍ଷ କରୁଛି – ଯାହା ବୃଦ୍ଧି ପାଉଥିବା ମହଙ୍ଗାମାଡ ଯୋଗୁଁ ନାଗରିକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଭବିଷ୍ୟତରେ ଏପରି ପରିସ୍ଥିତିକୁ ଏଡାଇବା ପାଇଁ, କେନ୍ଦ୍ର ସରକାର ବର୍ତ୍ତମାନ ଏକ ସ୍ୱତନ୍ତ୍ର ଯୋଜନାରେ କାର୍ଯ୍ୟ କରୁଛନ୍ତି। ଅଶୋଧିତ ତୈଳ ଯୋଗାଣକୁ ନେଇ ସଙ୍କଟ ଘନିଭୂତ ହେଲେ, ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଏ। ଗ୍ୟାସ ସିଲିଣ୍ଡରର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ। ପରିବାର ଖର୍ଚ୍ଚ ସନ୍ତୁଳିତ କରିବା ପରେ, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ସିଲିଣ୍ଡରର ହଠାତ୍ ମୂଲ୍ୟ ବୃଦ୍ଧି ଯୋଗୁଁ ଲୋକଙ୍କ ବଜେଟ୍ ଏପଟସେପଟ ହୋଇଯାଏ। ଏହାର ସମାଧାନ ପାଇଁ, କେନ୍ଦ୍ର ସରକାର ସଙ୍କଟ ସମୟରେ ଏହି ତିନୋଟି ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ବିଚାର କରୁଛନ୍ତି। କେନ୍ଦ୍ର ସରକାରଙ୍କ ସୂତ୍ର ଅନୁଯାୟୀ, ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ସାଧାରଣ ଲୋକଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ବୃଦ୍ଧି ପାଇଛି। ଫଳସ୍ୱରୂପ, ଏକ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ବର୍ତ୍ତମାନ ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସ୍ତରରେ ବିଚାରାଧୀନ ଅଛି। ଏହି ଆର୍ଥିକ ବ୍ୟବସ୍ଥା ଅନ୍ୟ କେହି ନୁହେଁ ବରଂ ସ୍ଥିରୀକରଣ ପାଣ୍ଠି, ଯାହା ୨୦୧୫ ରେ ପ୍ରତିଷ୍ଠିତ ହୋଇଥିଲା। ୨୦୧୫ ମସିହାରେ, କେନ୍ଦ୍ର ସରକାର ଡାଲି, ପିଆଜ, ଆଳୁ ଏବଂ ଟମାଟୋ ଭଳି ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ପାଇଁ ଏକ ସ୍ଥିରୀକରଣ ପାଣ୍ଠି ସ୍ଥାପନ କରିଥିଲେ। ଯେତେବେଳେ ଦେଶରେ ଦରଦାମ ବୃଦ୍ଧି ପାଏ ଏବଂ ଏହି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ମନ୍ତ୍ରୀଙ୍କ ଡ୍ରାଗନ ଫ୍ରୁଟ୍ ଚାଷ : ଚାଷୀଙ୍କୁ ପ୍ରତାରଣା ନା ପ୍ରୋତ୍ସାହନ !

- ଦୁବାଇକୁ ରପ୍ତାନୀ ହେଉଛି ପାଟଣାଗଡ଼ରୁ ସର୍ବାଧିକ ଡ୍ରାଗନ
- ସରକାରୀ ସବ୍‌ସିଡିର ଲାଭ ଉଠାଉଛି କିଏ ?
- ଆଦିବାସୀଙ୍କ ଖାଦ୍ୟ ସୁରକ୍ଷା ନା ରପ୍ତାନୀ ଆଧାରିତ ଚାଷ ?

ଭୁବନେଶ୍ୱର,୧୮/୪(ଜେଏନ୍ଏସ୍): କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଡ୍ରାଗନ ଫ୍ରୁଟ ଚାଷକୁ ନେଇ ଚାରିଆଡ଼େ ପ୍ରଶଂସା ସାଉଁଟୁଥିବା ବେଳେ ମନ୍ତ୍ରୀଙ୍କ ବୟାନ ଚାଷୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏପରିକି ଆଦିବାସୀ ଅଞ୍ଚଳରେ ଖାଦ୍ୟ ସଂକଟ ବେଳେ ଆମ୍ବ ଟାକୁଆ ଖାଇ ୩ ଜଣଙ୍କ ମୃତ୍ୟୁ ଘଟଣାରେ ଆମ୍ବପେଷ୍ଟକୁ ମନ୍ତ୍ରୀ ପାରମ୍ପରିକ ଖାଦ୍ୟ କହିବା ସରକାରୀ ଅବହେଳାର ଏକ ନଗ୍ନ ଉଦାହରଣ ବୋଲି ସମାଲୋଚକମାନେ କୁହନ୍ତି। ମନ୍ତ୍ରୀ ନିଜେ ପାଞ୍ଚ ଏକର ଜାଗାରେ ଡ୍ରାଗନ ଫ୍ରୁଟ ଭଳି ବିଦେଶୀ ଉଚ୍ଚ ମୂଲ୍ୟଯୁକ୍ତ ଫଳ ଚାଷ କରି ଦୁବାଇ ରପ୍ତାନୀ କରୁଥିବା ବେଳେ ସରକାର ଆଦିବାସୀଙ୍କ ଖାଦ୍ୟ ସୁରକ୍ଷା ନା ରପ୍ତାନୀ ଆଧାରିତ ଚାଷକୁ ପ୍ରାଥମିକତା ଦେଉଛନ୍ତି ବୋଲି ବିରୋଧି ପ୍ରଶ୍ନ ଉଠାଇଛନ୍ତି। ଏପରିକି ମନ୍ତ୍ରୀଙ୍କ ପାଖରେ ପାଞ୍ଚ ଏକର ଜମି, ରାଜକୀୟ ସମ୍ବଳ ଓ ସରକାରୀ ବ୍ୟବସ୍ଥାର ପ୍ରବେଶ ଥିବା ବେଳେ ଜଣେ ସାଧାରଣ ଚାଷୀ କିଭଳି ଲାଭ ଉଠାଇ ପାରିବ । ତେଣୁ ମନ୍ତ୍ରୀଙ୍କ ଏହି ମଡେଲକୁ ସାଧାରଣ ଚାଷୀମାନେ ଗ୍ରହଣ କରିବା ନେଇ ପ୍ରଶ୍ନ ଉଠାଇଛନ୍ତି।

ଓଡ଼ିଶାରେ ଡ୍ରାଗନ୍ ଫଳ ଚାଷ ଏବେ ଏକ ବଡ଼ ସଫଳତା ସାଉଁଟିଛି। ପୂର୍ବରୁ ଆମେ ବିଦେଶରୁ ଏହି ଫଳ ଆମଦାନୀ କରୁଥିବା ବେଳେ, ଏବେ ଓଡ଼ିଶାରୁ ଡ୍ରାଗନ୍ ଫଳ ବିଦେଶକୁ ରପ୍ତାନି ହେବା ଆରମ୍ଭ ହୋଇଛି। ଏହାର ସବୁଠୁ ବଡ଼ କାରଣ ହେଲା, ପାରମ୍ପରିକ ଫସଲ ତୁଳନାରେ ଆୟ ବହୁତ ଅଧିକ। ଥରେ ଲଗାଇଲେ ୨୦ ବର୍ଷରୁ ଅଧିକ ଫଳ ଦିଏ। ପ୍ରଥମ ବର୍ଷରୁ ଫଳ ଆସେ ଓ ୩-୪ ବର୍ଷରେ ପୂରା ଉତ୍ପାଦନ ହୁଏ। ସ୍ଥାପନ ପରେ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍। ଓଡ଼ିଶାର ଏହା କମ୍ ପାଣିରେ ଓ ଶୁଷ୍କ, ଅର୍ଦ୍ଧ-ଶୁଷ୍କ ଆଦି ପାଣିପାଗ ଓ ଜଳବାୟୁ ଅନୁକୂଳ ଅଞ୍ଚଳରେ ଭଲ ହୁଏ। ଓଡ଼ିଶାର କୋରାପୁଟ, କନ୍ଧମାଳ, ବଲାଙ୍ଗୀର ଭଳି ଜିଲ୍ଲା ଏଥିପାଇଁ ଉପଯୁକ୍ତ। ଭାରତରେ ଚାହିଦା ଅଧିକ କିନ୍ତୁ ଉତ୍ପାଦନ କମ୍। ୨୦୨୧ରେ ୧୫,୪୯୧ ଟନ୍ ଫଳ ୧୦୦ କୋଟି ଟଙ୍କାରେ ଥାଇଲ୍ୟାଣ୍ଡ, ଭିଏତନାମ, ମାଲେସିଆରୁ ଆମଦାନୀ ହେଉଥିଲା। ଆତ୍ମନିର୍ଭର ହେବା ପାଇଁ ସରକାର ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ଛୋଟ ଚାଷୀଙ୍କୁ ୧୦୦% ସବସିଡି, ଏକର ପିଛା ୮ ଲକ୍ଷ ଟଙ୍କାରେ ୮୦% ସବସିଡି ମିଳୁଛି। ଆଇଟିଡିଏ ଓ ଓଏଲ୍ଏମ୍ ମାଧ୍ୟମରେ ଆଦିବାସୀ ଓ ମହିଳା ଗୋଷ୍ଠୀଙ୍କୁ ସମ୍ପୂର୍ଣ୍ଣ ସହାୟତା ମିଳୁଛି। କନ୍ଧମାଳରେ ଆଦିବାସୀଙ୍କୁ ବେଆଇନ ଗଞ୍ଜେଇ ଚାଷରୁ ହଟାଇ ବୈଧ ରୋଜଗାର ଦେବା ପାଇଁ ଏହି ଚାଷ କରାଗଲା। ରାୟଗଡ଼ାରେ ମହିଳା ଏସ୍ଏଚ୍ଜି ଆର୍ଥିକ ସ୍ୱାଧୀନତା ପାଇଛନ୍ତି।

୨୦୨୪ ସେପ୍ଟେମ୍ବର ୪ ତାରିଖରେ ଓଡ଼ିଶାରୁ ପ୍ରଥମ ଥର ପାଇଁ ପ୍ରାୟ ୪ କ୍ୱିଣ୍ଟାଲ ଡ୍ରାଗନ୍ ଫଳ ଦୁବାଇକୁ ରପ୍ତାନି କରାଯାଇଥିଲା। ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଅଞ୍ଚଳରୁ ସର୍ବାଧିକ ଫଳ ରପ୍ତାନି ହେଉଛି। ୨୦୨୫ ଅଗଷ୍ଟରେ ମଧ୍ୟ ଏଠାରୁ ଦୁବାଇକୁ ପ୍ରାୟ ୩୩୦ କିଲୋ ଫଳ ପଠାଯାଇଛି। ସ୍ଥାନୀୟ ବଜାରରେ ଏହାର କିଲୋ ପିଛା ଦର ୧୫୦-୧୮୦ ଟଙ୍କା ଥିବାବେଳେ, ବିଦେଶକୁ ରପ୍ତାନି କରି ଚାଷୀମାନେ କିଲୋ ପିଛା ୨୫୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି। ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ନବରଙ୍ଗପୁର ଏବଂ ସୁନ୍ଦରଗଡ଼ ଭଳି ଜିଲ୍ଲାରେ ଏହି ଚାଷ ବହୁଳ ଭାବରେ କରାଯାଉଛି। ଆପେଡା (ଏଗ୍ରିକଲଚରାଲ ଆଣ୍ଡ୍ ପ୍ରୋସେସ୍ଡ ଫୁଡ୍ ପ୍ରଡକ୍ଟସ ଏକ୍ସପର୍ଟ ଡେଭେଲପମେଣ୍ଟ୍ ଅଥୋରିଟି ) ଭଳି ସରକାରୀ ସହାୟତା ଏବଂ ଓଡ଼ିଶା ଉଦ୍ୟାନ କୃଷି ବିଭାଗ ଚାଷୀଙ୍କୁ ଫଳ ରପ୍ତାନି କରିବାରେ ଏବଂ ତାଲିମ ଦେବାରେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଓଡ଼ିଶା ପାଇଁ ବିକଳ୍ପ ହେବ ଜନତା କଂଗ୍ରେସ ପାର୍ଟି ଯୁବକମାନଙ୍କ ପାଇଁ ଦେଖାଇବ ରାଜନୈତିକ ରାସ୍ତା

ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ଆଜିକାଲିର ଭାଷାରେ ଯାହାକୁ ଜେଏନ'ଜି' କୁହାଯାଉଛି, ସେହି ନୂଆ ପିଢ଼ିକୁ, ଯେଉଁମାନଙ୍କର ରାଜନୈତିକ ଇଚ୍ଛାଶକ୍ତି ଅଛି ସେମାନେ ଓଡ଼ିଶା ଜନତା କଂଗ୍ରେସ ସହିତ ଯୋଡ଼ି ହୁଅନ୍ତୁ ବୋଲି ମହମ୍ମଦ ମୋକିମ ଆହ୍ୱାନ ଦେଇଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଗତ ୧୫ ରିଖରେ ଏକ ନୂଆ ରାଜନୀତିକ ଦଳ 'ଓଡ଼ିଶା ଜନତା କଂଗ୍ରେସ' ଆତ୍ମପ୍ରକାଶ କରିଛି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ବିଶାଳ ସମାବେଶରେ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିବା ଏହି ନୂଆ ଆଂଚଳିକ ଦଳ 'ଓଡ଼ିଆଙ୍କ ପାଇଁ ଓଡ଼ିଶା' ନୀତି ଓ ଓଡ଼ିଶାର ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଗାମୀ ପୌର ଓ ପଂଚାୟତ ନିର୍ବାଚନରେ ଦଳ ପୁରା ଦମରେ ଲଢ଼ିବ ବୋଲି ମଧ ଘୋଷଣା କରିଛି । ଆଜି ଏହି ଲୋକାର୍ପଣ ସମାବେଶରେ କଂଗ୍ରେସର ନିଲମ୍ବିତ ବିଧାୟିକା ତଥା ମୋକିମଙ୍କ ଝିଅ ସୋଫିଆ ଫିର୍ଦ୍ଦୋଷଙ୍କ ଉପସ୍ଥିତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଓଡ଼ିଆଙ୍କ ପାଇଁ ଓଡ଼ିଶା, ଜନତା କଂଗ୍ରେସ ହେବ ବିକାଶର ପରିଭାଷା ହେବ ବୋଲି ପାର୍ଟିର ମୁଖ୍ୟ ମହମ୍ମଦ ମୋକିମ ଘୋଷଣା କରିଛନ୍ତି। ଏହି ସମାବେଶରେ ନିଜ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ପୂର୍ବର ବିଜେଡି ସରକାର ଓ ବର୍ତ୍ତମାନର ବ୍ୟବସ୍ଥା ଉପରେ ବର୍ଷିଛନ୍ତି ମୋକିମ୍। ସେ ଅଭିଯୋଗ କରିଛନ୍ତି ଯେ, 'ବିଗତ ସରକାର ଯେଉଁଭଳି ଭାବେ ଓଡ଼ିଶାକୁ ତଳି ତଳାନ୍ତ କରିଛନ୍ତି ଏବଂ



ଓଡ଼ିଶାର ଖଣି ଓ ଠିକାଦାରୀ ସବୁ ତାମିଲବାସୀଙ୍କୁ ଦେଇଥିଲେ, ସେମାନଙ୍କ ବିରୁଦ୍ଧରେ ଲଢ଼େଇ ଆରମ୍ଭ କରାଯିବ ଓ ସେମାନଙ୍କୁ ଓଡ଼ିଶାରୁ ବିଦା କରାଯିବ। ଓଡ଼ିଆ ଲୋକ, ଓଡ଼ିଆ ଠିକାଦାର ଓ ଓଡ଼ିଆ ଶିଳ୍ପପତିମାନେ ହିଁ ଓଡ଼ିଶାରେ ପ୍ରକୃତ କାମ ପାଇବା ଉଚିତ୍। ରାଜ୍ୟର ଜଳ, ଜଙ୍ଗଲ, ଜମି ଓ ଖଣି ଖାଦାନ ଉପରେ କେବଳ ଓଡ଼ିଶାବାସୀଙ୍କ ହକ୍ ରହିବ ଏବଂ ଏହାକୁ ନେଇ ଦଳ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଓଡ଼ିଶା ଜନତା କଂଗ୍ରେସ ସହ ଯୋଡ଼ି ହେବା ପାଇଁ ଯୁବପିଢ଼ିଙ୍କୁ ମୋକିମ୍ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଆଜିକାଲିର ଭାଷାରେ ଯାହାକୁ ଜେଏନ'ଜି' କୁହାଯାଉଛି, ସେହି ନୂଆ ପିଢ଼ିକୁ, ଯେଉଁମାନଙ୍କର ରାଜନୈତିକ ଇଚ୍ଛାଶକ୍ତି ଅଛି ସେମାନେ ଓଡ଼ିଶା ଜନତା କଂଗ୍ରେସ ସହିତ ଯୋଡ଼ି ହୁଅନ୍ତୁ। ମହମ୍ମଦ ମୋକିମ୍ ଆପଣଙ୍କ ପାଇଁ ଏକ ଚଟାଣ ଭଳି ଆପଣଙ୍କ ସାମ୍ନାରେ ଓ ସବୁ ଜିଲ୍ଲାରେ ଛିଡ଼ା ହେବ। ଆମେ ଚାହୁଁଛୁ ଏଭଳି ଗୋଟିଏ ଆଂଚଳିକ ଦଳ ଯେଉଁଥିରେ ଯୁବକ ଓ ନାରୀମାନେ ସ୍ଥାନ ପାଇବେ ଏବଂ ନୂଆ ନେତୃତ୍ୱ ସୃଷ୍ଟି ହେବ। ନିର୍ବାଚନ ବେଳକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବୁ। ଆଉ ପୌର ଓ ପଂଚାୟତ ନିର୍ବାଚନରେ ସବୁଠି ଲଢ଼ି ପାର୍ଟିକୁ ପ୍ରତିଷ୍ଠା କରିବୁ ବୋଲି ମୋକିମ୍ କହିଛନ୍ତି।

ମୋକିମ କହିଛନ୍ତି ଯେ, ବର୍ତ୍ତମାନର ସରକାରଙ୍କ ଶାସନ କାଳରେ ନାରୀମାନେ ନିର୍ଯାତିତ ହେଉଛନ୍ତି ଓ ସେମାନଙ୍କ ପାଖରେ ସଠିକ୍ ନିଷ୍ପତ୍ତି ପହଂଚି ପାରୁନାହିଁ। ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ଲୋକମାନେ ଉଚିତ୍ ସେବା ପାଇପାରୁ ନାହାନ୍ତି। ଏହିସବୁ ସମାନତା ପାଇଁ ଏକ ନୂଆ ପ୍ଲାଟଫର୍ମରେ କାର୍ଯ୍ୟ କରିବା ନିମନ୍ତେ ଆଜି ଓଡ଼ିଶା ଜନତା କଂଗ୍ରେସ ସୃଷ୍ଟି ହୋଇଛି। ଯଦି ସରକାର କୌଣସି ଭୁଲ କରନ୍ତି ତେବେ ଆମ ଦଳ ତାହା ବିରୁଦ୍ଧରେ ଆଙ୍ଗୁଠି ନିର୍ଦ୍ଦେଶ କରିବ ଏବଂ ଲୋକଙ୍କ ସ୍ୱର ହୋଇ ଛିଡ଼ା ହେବ ବୋଲି ମୋକିମ୍ କହିଛନ୍ତି।

ଓଡ଼ିଶା ଜନତା କଂଗ୍ରେସ ଆଗାମୀ ଦିନରେ ହେବାକୁ ଥିବା ପୌର ନିର୍ବାଚନ ଓ ପଂଚାୟତ ନିର୍ବାଚନରେ ପୂରା ଦମରେ ଲଢ଼ି ନିଜକୁ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତୁତ ବୋଲି ଆଜି ମୋକିମ୍ ସ୍ପଷ୍ଟ କରିଛନ୍ତି। ଗତ ଏକ ମାସ ଧରି ଦଳ ପକ୍ଷରୁ ଓଡ଼ିଶାର ୧୫ରୁ ଅଧିକ ଜିଲ୍ଲାରେ ବ୍ୟାପକ ସଦସ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇସାରିଛି। ଦଳର ଲକ୍ଷ୍ୟ ହେଉଛି ପ୍ରତିଟି ୱାର୍ଡ ଏବଂ ପ୍ରତିଟି ପଂଚାୟତରେ ନିଜର ପ୍ରାର୍ଥୀ ଛିଡ଼ା କରିବା ଏବଂ ଓଡ଼ିଶାର ବିକାଶ ଧାରାରେ ଯୁବକମାନଙ୍କୁ ସାମିଲ କରି ଏକ ସଶକ୍ତ ଯୁବ ନେତୃତ୍ୱ ସୃଷ୍ଟି କରିବା ବୋଲି ସେ କହିଛନ୍ତି। ଏହି ଲୋକାର୍ପଣ ସମାରୋହରେ ବିଭିନ୍ନ ଆଡୁ ଆସିଥିବା କର୍ମୀ ଓ ସମର୍ଥକଙ୍କ ସମେତ ବହୁ ଆଗଧାଡ଼ିର ସାମ୍ବାଦିକ, ସୂଚନା କର୍ମୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଦଳ ଆଜି ନିଜର ଲୋଗୋ ଉନ୍ମୋଚନ କରିବା ସହ ଆଭିମୁଖ୍ୟ ମଧ ସ୍ପଷ୍ଟ କରିଛି। ଓଡ଼ିଶା ଜନତା କଂଗ୍ରେସ ଲୋକାର୍ପଣ ଉତ୍ସବରେ ସାମିଲ ହୋଇ କଂଗ୍ରେସର ନିଲମ୍ବିତ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମଂଚରେ ଭାଷଣ ଦେବା ପରେ କଂଗ୍ରେସ ପ୍ରତିକ୍ରିୟାଶୀଳ ହୋଇଛି । ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ, ନିଜ ବାପାଙ୍କ ନବଗଠିତ ଓଡ଼ିଶା ଜନତା କଂଗ୍ରେସ ଦଳର ସମାବେଶରେ ଯୋଗଦେଇ ଭାଷଣ ଦେଇ ସୋଫିଆ କଂଗ୍ରେସର ସଦସ୍ୟତାରୁ ନିଜକୁ ଦୂରେଇ ନେବାକୁ ଚାହିଁଥିବା ସ୍ପଷ୍ଟ ହୋଇଛି। ତେଣୁ ବାଚସ୍ପତି ତାଙ୍କ ସଦସ୍ୟତା ରଦ୍ଦ କରିବା ଏକରକମ ନିଶ୍ଚିତ ବୋଲି କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ କହିଛନ୍ତି।

# ବଳ ଗୋଟାଉଛି ଦଳ, କଣ୍ଟାକ୍ଟରେ ଅଛନ୍ତି ବିଜେଡି ଓ କଂଗ୍ରେସର ଅନେକ ନେତା



କଟକ, ୧୮/୦୪ (ଜେଏନଏସ) :ରାଜ୍ୟରେ ବଳ ଗୋଟାଉଛି ଓଡ଼ିଶା ଜନତା କଂଗ୍ରେସ । ଓଡ଼ିଶା ରାଜନୀତିରେ ଆତ୍ମପ୍ରକାଶ କରିବ ନୂଆ ଆଂଚଳିକ ଦଳ ଓଡିଶା ଜନତା କଂଗ୍ରେସ। ତେବେ ଏହାର ଲିଡ୍ ନେବେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ । ଖାସ୍ କରି ଓଡିଶା ଜନତା କଂଗ୍ରେସର ନେତୃତ୍ୱ ନେବେ ସୋଫିଆ । ଏ ନେଇ ସୂଚନା ଦେଇଛନ୍ତି ଓଡିଶା ଜନତା କଂଗ୍ରେସ ଦଳର ପ୍ରତିଷ୍ଠାତା ମହମଦ ମୋକିମ। ସେ କହିଛନ୍ତି ବିଜେଡି ଓ କଂଗ୍ରେସର ଅନେକ ନେତା ଯୋଗାଯୋଗରେ ଅଛନ୍ତି । ଆଗକୁ ସେମାନେ ସମସ୍ତେ ମିଶିବେ ବୋଲି ସେ ସ୍ପଷ୍ଟ କରି କହିଛନ୍ତି । ସୂଚନା ଥାଉକି, ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ କାଲି କରାଯିବ ବଡ ସମାବେଶ । ଏହାପୂର୍ବରୁ ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ୍ ସଭାସ୍ଥଳ ପରିଦର୍ଶନ କରିଛନ୍ତି । ସେ କହିଛନ୍ତି- ଏରଭ ତଙ୍କୁ ନେଇ ଦଳ ଆଗକୁ ବଢିବ। ବିଜେପି ବିରୋଧରେ ଲଢେଇ ହେବ । ବିଜେଡ଼ି କଂଗ୍ରେସର ବହୁ ନେତା ଓ ବିଧାୟକ ଆମ ଯୋଗାଯୋଗରେ ଅଛନ୍ତି। ନିର୍ବାଚନ ସମୟରେ ସେମାନେ ଆମ ସହିତ ରହିବେ ବୋଲି ମୋକିମ୍ କହିଛନ୍ତି। ଓଡିଶାରେ ଏକମାତ୍ର ଆଂଚଳିକ ଦଳ ବିଜେଡ଼ି ଏବେ ଲୋକଙ୍କ ଠାରୁ ଦୁରେଇ ଯାଇଛି। ସେଥିପାଇଁ ଆମେ ବିକଳ୍ପ ଭାବେ ରାଜ୍ୟବାସୀଙ୍କ ସମର୍ଥନ ଲୋଡୁଛୁ ବୋଲି ମୋକିମ୍ କହିଛନ୍ତି।

# ୨୧ରେ ରାଷ୍ଟ୍ରପତିଙ୍କ ପ୍ରଥମ ରାଉରକେଲା ଗସ୍ତ



ରାଉରକେଲା, ୧୮/୦୪ (ଜେଏନଏସ) : ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ରାଉରକେଲା ଗସ୍ତରେ ଆସିବେ। ଏହି ଅବସରରେ ରାଷ୍ଟ୍ରପତି ୧୫୭.୪୪ କୋଟି ଟଙ୍କାର ମୋଟ୍ ୪ଟି ପ୍ରକଳ୍ପ ଉଦ୍‌ଘାଟନ କରିବେ। ସେଗୁଡ଼ିକ ହେଲା, ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (୪୮ କୋଟି), ଆଦିବାସୀ ସଂଗ୍ରହାଳୟ (୪୦ କୋଟି), କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ (୪୨.୪୪ କୋଟି) ଏବଂ ଛେଣ୍ଡସ୍ଥ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ (୨୭ କୋଟି)। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ରାଷ୍ଟ୍ରପତିଙ୍କ ପ୍ରଥମ ରାଉରକେଲା ଗସ୍ତକୁ ନେଇ ସମସ୍ତେ ବେଶ୍ ଉତ୍ସାହିତ। ଉକ୍ତ ଦିନ ରାଷ୍ଟ୍ରପତି ନୂଆଦିଲ୍ଲୀରୁ ବିମାନରେ ଝାରସୁଗୁଡ଼ା ବିମାନବନ୍ଦର ଓ ସେଠାରୁ ସ୍ୱତନ୍ତ୍ର ବିମାନରେ ରାଉରକେଲାରେ ପୂର୍ବାହ୍ନ ୧୧.୧୦ ଘଣ୍ଟାରେ ରାଉରକେଲାରେ ପହଞ୍ଚିବେ। କିଛି ସମୟର ରହଣିପରେ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଓ ଆଦିବାସୀ ସଂଗ୍ରହାଳୟକୁ ଯାଇ ଉଭୟ ପ୍ରକଳ୍ପକୁ ଲୋକାର୍ପିତ କରିବେ। ପରେ ବିମାନବନ୍ଦର ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ଯୋଗଦେବେ। ସଭାମଞ୍ଚରୁ ହିଁ ଆଭାସୀ ମାଧ୍ୟମରେ କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ଏବଂ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ସମେତ ୩୫ରୁ ଅଧିକ ସାଂସ୍କୃତିକ ଦଳ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ। ଏତଦ୍‌ବ୍ୟତୀତ ଜିଲ୍ଲାର ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଏକ ପ୍ରଦର୍ଶନୀ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଲୋକ ପ୍ରତିନିଧି ଯୋଗଦେବେ। ସଭା ଶେଷ ହେବାପରେ ରାଷ୍ଟ୍ରପତି ଅପରାହ୍ଣ ପ୍ରାୟ ୪ଟା ୫ ମିନିଟ୍‌ରେ ଝାରସୁଗୁଡ଼ା ଦେଇ ନୂଆଦିଲ୍ଲୀକୁ ଫେରିଯିବେ। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଶ୍ରୀ ଓରାମ ମନୋରଞ୍ଜନ ପାର୍କ, ଆଦିବାସୀ ସଂଗ୍ରହାଳୟ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ।

## ଓଡ଼ିଶା ବିଧାନସଭାରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଆସନ୍ତା ୨୧ ତାରିଖ ଦିନ ରାଷ୍ଟ୍ରପତି ନୂଆଦିଲ୍ଲୀରୁ ବିମାନରେ ଝାରସୁଗୁଡ଼ା ବିମାନବନ୍ଦର ଓ ସେଠାରୁ ସ୍ୱତନ୍ତ୍ର ବିମାନରେ ରାଉରକେଲାରେ ପୂର୍ବାହ୍ନ ୧୧.୧୦ ଘଣ୍ଟାରେ ପହଞ୍ଚିବେ। କିଛି ସମୟର ରହଣି ପରେ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଓ ଆଦିବାସୀ ସଂଗ୍ରହାଳୟକୁ ଯାଇ ଉଭୟ ପ୍ରକଳ୍ପକୁ ଲୋକାର୍ପିତ କରିବେ। ପରେ ବିମାନବନ୍ଦର ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ଯୋଗଦେବେ। ସଭାମଞ୍ଚରୁ ହିଁ ଆଭାସୀ ମାଧ୍ୟମରେ କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ଏବଂ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ସମେତ ୩୫ରୁ ଅଧିକ ସାଂସ୍କୃତିକ ଦଳ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ। ଏତଦ୍‌ବ୍ୟତୀତ ଜିଲ୍ଲାର ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଏକ ପ୍ରଦର୍ଶନୀ ଆୟୋଜିତ ହେବ।

# ଲୋକସଭାରେ କାଟ ଖାଇଲା ମହିଳା କୋଟା ସଂଶୋଧନ ଆଇନ




ନୂଆଦିଲ୍ଲୀ, ୧୮/୦୪ : ଲୋକସଭାରେ ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ନେଇ ତର୍କ ବିତର୍କ ପରେ ଭୋଟିଂ କରାଯାଇଥିଲା। ମତଦାନରେ ଦୁଇ ତୃତିୟାଂଶ ଭୋଟ ନମଳିବାରୁ ବିଲ୍‌ଟି ପାରିତ ହୋଇନଥିଲା। ୨୦୨୯ ସାଧାରଣ ନିର୍ବାଚନରେ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ଏବଂ ଲୋକସଭାର ଆସନ ସଂଖ୍ୟା ବୃଦ୍ଧି କରିବା ପାଇଁ ଏକ ସମ୍ବିଧାନ ସଂଶୋଧନ ବିଲ୍ ଶୁକ୍ରବାର (୧୭ ଏପ୍ରିଲ୍ ୨୦୨୬) ନିମ୍ନ ସଦନରେ ପରାଜିତ ହୋଇଛି। ୨୯୮ ସଦସ୍ୟ ବିଲ୍ ସମର୍ଥନରେ ଭୋଟ ଦେଇଥିବା ବେଳେ ୨୩୦ ସାଂସଦ ଏହା ବିରୁଦ୍ଧରେ ଭୋଟ ଦେଇଥିଲେ। ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ ହାସଲ ନକରି ବିଲ୍ କାଟ ହୋଇଛି। ବିଲ୍ ପରାଜୟ ଉପରେ ନିରାଶା ପ୍ରକାଶ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ଯେ, ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଉପରେ ସହମତି ପାଇଁ ଏହା ଏକ ହଜିଯାଇଥିବା ସୁଯୋଗ। ବିତର୍କରେ ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ସୀମା ନିର୍ଦ୍ଧାରଣ ମାଧ୍ୟମରେ ଭୋଟର ଏବଂ ସାଂସଦଙ୍କ ଅନୁପାତରେ ଅସନ୍ତୁଳନକୁ ସଂଶୋଧନ କରାଯାଇ ପାରିବ। କଂଗ୍ରେସ କ୍ଷମତାରେ ଥିବା ସମୟରେ ଲୋକମାନଙ୍କୁ ସୀମା ନିର୍ଦ୍ଧାରଣରୁ ବଞ୍ଚିତ କରିଥିଲା ଏବଂ ଏବେ ବି ସେହିପରି କରୁଛି ବୋଲି ସେ କହିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ସମ୍ବିଧାନ ସଂଶୋଧନ ବିଲ୍ ର ମହିଳା ସଂରକ୍ଷଣ ସହ କୌଣସି ସମ୍ପର୍କ ନାହିଁ। ବରଂ ଏହା ଦକ୍ଷିଣ, ଉତ୍ତର-ପୂର୍ବ ଏବଂ ଛୋଟ ରାଜ୍ୟଗୁଡ଼ିକରୁ ପ୍ରତିନିଧିତ୍ୱ ହଟାଇ ଦେଶର ନିର୍ବାଚନୀ ମାନଚିତ୍ରକୁ ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ଏକ ପ୍ରୟାସ। ଯାହା ଦେଶ ବିରୋଧୀ କାର୍ଯ୍ୟଠାରୁ କମ୍ ନୁହେଁ ବୋଲି ସେ କହିଛନ୍ତି। ଏହାପରେ ସଂସଦକୁ ଦିନକ ପାଇଁ ମୁଲତବୀ ରଖାଯାଇଛି।

## ପ୍ରଥମ ପୃଷ୍ଠାର...

# ବିଦ୍ୟାଳୟ ପାଚେରୀ ଭୁଶୁଡ଼ି...

ମନ୍ଦିର ସୁରକ୍ଷାର ସ୍ଥାନ। କିନ୍ତୁ ଯଦି ସେହି ସ୍ଥାନ ହିଁ ମୃତ୍ୟୁର ଫାନ୍ଦ ହୋଇଯାଏ । ତେବେ ପିଲାମାନଙ୍କ ଭବିଷ୍ୟତ କେଉଁଠି ସୁରକ୍ଷିତ ରହିବ? ଏହି ଦୁଇ ନିରୀହ ଛାତ୍ରଙ୍କ ମୃତ୍ୟୁ ପରେ ପରିବାର ଏବଂ ଗ୍ରାମବାସୀଙ୍କ ମନରେ ଯେଉଁ ଯନ୍ତ୍ରଣା ସୃଷ୍ଟି ହୋଇଛି । ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ। ଏହି ଅବସରରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ବିଦ୍ୟାଳୟର ଭୌତିକ ଅବସ୍ଥା ଯାଞ୍ଚ କରିବା, ଜରାଜୀର୍ଣ୍ଣ କାନ୍ଥ ଓ ଭବନ ଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ରଖିଛନ୍ତି। ଏହି ଅଘଟଣ ଶିକ୍ଷା ବିଭାଗ ପାଇଁ ଏକ ଚେତାବନୀ ସ୍ୱରୂପ। ଯଦି ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ସୁରକ୍ଷା ପ୍ରତି ଦୃଷ୍ଟି ଦିଆନଯାଏ, ତେବେ ଏହିଭଳି ଅନେକ ନିରୀହ ପିଲାଙ୍କ ଜୀବନ ବିପନ୍ନ ହୋଇପାରେ।

# ପ୍ରଭାତୀ ପରିଡ଼ାଙ୍କ ବିରୁଦ୍ଧରେ ଏକାଠି ହେଲେ ସମୀର ଦାଶଙ୍କ ଗୋଷ୍ଠୀ




ଗୋପ, ୧୮/୦୪ (ଜେଏନଏସ) : ରବିବାର ଗୋପ ବ୍ଲକ ଅଧିନ ରାମଚଣ୍ଡୀ ନିକଟ ଜୋସେଫ୍ ଗାର୍ଡେନ୍ ପରିସରରେ ବିଜେପିର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ବିଜେପିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଶ୍ରୀ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ୧୪ଟି ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ୫ଶହରୁ ଅଧିକ ଦଳୀୟ କର୍ମୀ ଏହି ବୈଠକରେ ଯୋଗ ଦେଇଥିଲେ। ଏରବଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତିଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପିର ମୁଖପାତ୍ର ସମୀର ରଞ୍ଜନ ଦାଶ, ଜୀବନାନନ୍ଦ ମହାପାତ୍ର, ପ୍ରକାଶ ପ୍ରଧାନ, କୃଷ୍ଣ ବେହେରା, ଦ୍ୱିଜବର ପ୍ରଧାନଙ୍କ ସମେତ ୧୪ଟି ପଞ୍ଚାୟତର ଦଳୀୟ କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିରୋଧରେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ନାହିଁ ବୋଲି କହିଥିଲେ। ସମୀର ଦାଶଙ୍କ ନେତୃତ୍ୱରେ ବିଜେପି ଗୋପ ପଞ୍ଚାୟତ ସମିତି ଦଖଲ କରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଯୁବନେତା ମନଦୀପ ପାଇକରାୟ ଗଣମାଧ୍ୟମକୁ କହିଛନ୍ତି। ବୈଠକରେ ବିଜେପିର ଗୋପ ବ୍ଲକ ଆବାହକ ରୂପେ ପ୍ରକାଶ ପ୍ରଧାନ ଓ ସହ-ଆବାହକ ରୂପେ ମନଦୀପ ପାଇକରାୟଙ୍କୁ ମନୋନୀତ କରାଯାଇଛି। ଏଥିସହ ପ୍ରତି ପଞ୍ଚାୟତ ପାଇଁ ଆବାହକ ଓ ସହ-ଆବାହକ ମନୋନୀତ ହୋଇଛନ୍ତି। ଆସନ୍ତା ଅଗଷ୍ଟ ମାସରୁ ପ୍ରତି ପଞ୍ଚାୟତରେ ପଦଯାତ୍ରା କରାଯାଇ ସାଂଗଠନିକ ଶକ୍ତି ବୃଦ୍ଧି କରାଯିବା ସହିତ ଗୋପ ପଞ୍ଚାୟତ ସମିତି ଦଖଲ କରାଯିବ ବୋଲି ସମୀର ଦାଶ ପ୍ରକାଶ କରିଛନ୍ତି।

# 'ଓଡ଼ିଶା ଜନତା କଂଗ୍ରେସ' ଓ 'ଓଡ଼ିଶା ନାଗରିକ ମଞ୍ଚ' ଅସନ୍ତୁଷ୍ଟଙ୍କୁ ମିଳିବ ପ୍ଲାଟଫର୍ମ



ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ରାଜ୍ୟରେ କ୍ଷମତା ପରିବର୍ତ୍ତନ ପ୍ରାୟ ୨ ବର୍ଷ ପରେ ଏବେ ରାଜ୍ୟ ରାଜନୀତିରେ ନୂଆ ସମୀକରଣର ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟରେ କ୍ଷମତାସୀନ ବିଜେପି ସରକାରକୁ ଟକ୍କର ଦେବା ପାଇଁ ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ବିଜେଡି ଓ କଂଗ୍ରେସ ମଧ୍ୟରେ ନିର୍ବାଚନୀ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଆସନ୍ତାକାଲି 'ଓଡ଼ିଶା ଜନତା କଂଗ୍ରେସ' ନାଁରେ ଏକ ନୂଆ ରାଜନୈତିକ ଦଳ ଆନୁଷ୍ଠାନିକ ଭାବେ ଆତ୍ମପ୍ରକାଶ କରିବ। ସେହିପରି ଆଉ ୩ଦିନ ପରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଆଳରେ ବିଜୁ ଅନୁଗତମାନେ 'ଓଡ଼ିଶା ନାଗରିକ ମଂଚ' ବ୍ୟାନରରେ ଏକଜୁଟ ହେବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ବିଜେପିକୁ ଟକ୍କର ଦେବାକୁ ବିଜେଡି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ସମ୍ଭାବନା ଚର୍ଚ୍ଚା ଭିତରେ ବିଜେଡିର ଅସନ୍ତୁଷ୍ଟମାନେ 'ଓଡ଼ିଶା ନାଗରିକ ମଂଚ' ଓ କଂଗ୍ରେସର ଅସନ୍ତୁଷ୍ଟମାନେ 'ଓଡ଼ିଶା ଜନତା କଂଗ୍ରେସ'ରେ ସାମିଲ ହେବାରେ ଲାଗିଛନ୍ତି, ଯାହା ରାଜ୍ୟର ପାରମ୍ପରିକ ରାଜନୀତିରେ ଏକ ନୂଆ ବିକଳ୍ପ ହେବାକୁ ଯାଉଛି। କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଆସନ୍ତାକାଲି ଭୁବନେଶ୍ୱରରେ ଏକ ବିଶାଳ ସମାବେଶରେ 'ଓଡ଼ିଶା ଜନତା କଂଗ୍ରେସ' ନାମକ ଏକ ନୂତନ ରାଜନୈତିକ ଦଳ ଆନୁଷ୍ଠାନିକ ଭାବେ ଆତ୍ମପ୍ରକାଶ କରିବାକୁ ଯାଉଛି। ଏହି ଅବସରରେ ମୋକିମ କହିଛନ୍ତି ଯେ, ବିହାର ଓ ତାମିଲନାଡୁ ଭଳି ଓଡ଼ିଶାରେ ମଧ୍ୟ ଏକ ଦୃଢ଼ ଆଂଚଳିକ ବିକଳ୍ପର ଆବଶ୍ୟକତା ରହିଛି। ବିଜେଡି ଓ ବିଜେପି ମଧ୍ୟରେ ଥିବା ବୁଝାମଣା ରାଜ୍ୟବାସୀଙ୍କୁ ନିରାଶ କରିଥିବାରୁ ଏହି ନୂଆ ଦଳ ସାଧାରଣ ଲୋକଙ୍କ ସ୍ୱର ହେବ।ଓଡ଼ିଶାର ଏକମାତ୍ର ଆଂଚଳିକ ଦଳ ବିଜେଡି ଏବେ ଲୋକଙ୍କଠାରୁ ଦୂରେଇ ଯାଇଥିବାରୁ ଆମେ ବିକଳ୍ପ ଭାବେ ରାଜ୍ୟବାସୀଙ୍କ ସମର୍ଥନ ଲୋଡୁଛୁ। ବିଶେଷକରି ଯୁବପିଢ଼ିଙ୍କୁ ନେତୃତ୍ୱ ନେବା ପାଇଁ ଏକ ନୂଆ ପ୍ଲାଟଫର୍ମ ଯୋଗାଇ ଦେବା ଏହି ଦଳର ମୂଳ ଲକ୍ଷ୍ୟ। ଜେନ୍-ଜିଙ୍କୁ ନେଇ ଦଳ ଆଗକୁ ବଢ଼ିବ ଓ ବିଜେପି ବିରୁଦ୍ଧରେ ଲଢ଼େଇ ହେବ। ବିଜେଡି ଓ କଂଗ୍ରେସର ବହୁ ନେତା ଓ ବିଧାୟକ ଆମ ଯୋଗାଯୋଗରେ ଅଛନ୍ତି। ଭବିଷ୍ୟତରେ ନିର୍ବାଚନ ସମୟରେ ସେମାନେ ଆମ ସହିତ ରହିବେ ବୋଲି ମୋକିମ କହିଛନ୍ତି। ଦଳ ପଦପଦବୀ ଉପରେ ଗୁରୁତ୍ୱ ନଦେଇ ଏବେ ୧୫ଟି ଜିଲ୍ଲାରେ ନିଜର ସଂଗଠନକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ପଶ୍ଚିମଓଡ଼ିଶାରେ ଦଳ ନିଜର ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତା ମେ ୪ ତାରିଖରେ କଳାହାଣ୍ଡିର ଭବାନୀପାଟଣାରେ ବିଶାଳ ସମାବେଶ ଓ ରୋଡ ଶୋ' କରିବ। ୫ତାରିଖରେ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିରେ ଓ ୬ତାରିଖରେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରିରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ବୋଲି ମୋକିମ୍ କହିଛନ୍ତି।

ବିଭିନ୍ନ କାରଣରୁ ବିଜେଡିଠୁ ସମ୍ପର୍କ ଛିନ୍ନ କରିଥିବା ଅସନ୍ତୁଷ୍ଟ ନେତାମାନେ 'ଓଡ଼ିଶା ନାଗରିକ ମଂଚ' ବ୍ୟାନରରେ ଆସନ୍ତା ୧୭ତାରିଖରେ ଏକଜୁଟ ହେବେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ 'ଓଡ଼ିଶା ନାଗରିମ ମଂଚ' ବ୍ୟାନରରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ବିଜୁ ଅନୁଗତମାନେ ଏକଜୁଟ ହେବେ ବୋଲି ଜଣାପଡ଼ିଛି। ଏଥିପାଇଁ ଓୟୁଏଟି କନଫରେନ୍ସ ହଲରେ ଏକ ଶ୍ରାଦ୍ଧ ସଭାର ଆୟୋଜନ ହୋଇଛି। ଯେଉଁଥିରେ ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନେତା ଓ ବିଜୁ ପ୍ରେମୀଙ୍କୁ ଏକାଠି କରିବା ପାଇଁ ରଣନୀତି ପ୍ରସ୍ତୁତ ହେଉଛି। ଯଦିଓ ଏହାକୁ ଏକ ସ୍ମୃତିଚାରଣ ସଭା କୁହାଯାଉଛି, କିନ୍ତୁ ଏଥିରେ ବିଜେଡିରୁ ନିଲମ୍ବିତ ଅସନ୍ତୁଷ୍ଟ ବିଧାୟକମାନଙ୍କ ସମେତ ବିଜୁ ଅନୁଗତମାନେ ବହୁଳ ସଂଖ୍ୟାରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବରିଷ୍ଠ ନେତା ଅମର ଶତପଥୀ କହିଛନ୍ତି ଯେ ଓଡ଼ିଶା ନାଗରିକ ମଂଚ ମାଧ୍ୟମରେ ବିଜୁ ବାବୁଙ୍କ ନୀତିକୁ ପୁଣି ଥରେ ଲୋକଙ୍କ ପାଖରେ ପହଂଚାଯିବ। ଆଗାମୀ ଦିନରେ ଜିଲ୍ଲା ସ୍ତରରେ ଏହି ମଞ୍ଚ ମାଧ୍ୟମରେ ବିଜୁ ପ୍ରେମୀମାନଙ୍କୁ ଏକାଠି କରାଯିବ। ତେବେ ଏହା ଭବିଷ୍ୟତରେ ରାଜନୈତିକ ଦଳ ହେବ କି ନାହିଁ, ତାହା ସମୟ କହିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କର ସବୁ ଅଧିକାର ରହିଛି । ଯେଉଁମାନେ ନୂଆ ସଂଗଠନ ଗଢୁଛନ୍ତି, ସେମାନେ ତାଙ୍କ କାମ କରୁଛନ୍ତି। ବିଜେଡି ଓ କଂଗ୍ରେସ ହାତ ମିଳେଇଲେ ସମାଜ ପାଇଁ ଲାଭ ହେବ ଓ ରାଜ୍ୟରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ତିଆରି ହେବ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର। ଆମେ ଚାହୁଁଛୁ ସବୁ ଦଳ ମିଶିକି ଗୋଟିଏ ଶକ୍ତିଶାଳୀ ବିରୋଧୀ ଦଳ ହୁଅନ୍ତୁ ଓ ବିଜେପି ବିରୋଧରେ କେବଳ ବିରୋଧ ନ କରି ଓଡ଼ିଶାର ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଦିଅନ୍ତୁ।

ଆଗାମୀ ପଂଚାୟତ ନିର୍ବାଚନରେ ବିଜେପିକୁ ଟକ୍କର ଦେବାକୁ ବିଜେଡି ଓ କଂଗ୍ରେସ ମଧ୍ୟରେ ମେଂଟ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ବିଜେଡି ଓ କଂଗ୍ରେସର ଏହି ମେଂଟ ସମ୍ଭାବନାକୁ ଚଳିତ ସପ୍ତାହରେ ଆତ୍ମପ୍ରକାଶ କରୁଥିବା ଦୁଇଟି ନୂଆ ରାଜନୀତିକ ସଂଗଠନ ଅଧିକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। କାରଣ ବିଜେଡିର ଅନେକ ନେତା ଓ ବିଧାୟକ ଯେଉଁମାନେ ବିଜୁ ବାବୁଙ୍କ ନୀତିରେ ବିଶ୍ୱାସ କରନ୍ତି ଓ ଅଘୋଷିତ ବିଜେଡି ସର୍ବେସର୍ବାଙ୍କ ହସ୍ତକ୍ଷେପକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ସେମାନେ ମଧ ଏହି 'ଓଡ଼ିଶା ନାଗରିକ ମଂଚ' ସହ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି।

ରାଜ୍ୟସଭା ନିର୍ବାଚନ ବେଳେ କ୍ରସ୍ ଭୋଟିଂ କରିଥିବା ନେତାମାନେ ଏହି ମଂଚରେ ସାମିଲ ହେଉଥିବାରୁ ରାଜନୀତି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି। ସେହିପରି ପିସିସି ସଭାପତି ଭକ୍ତ ଦାସଙ୍କ ସାଂଗଠନିକ ପରିଚାଳନାକୁ ନେଇ କଂଗ୍ରେସର ବହୁ ନେତା ଅସନ୍ତୁଷ୍ଟ ଅଛନ୍ତି। ସେମାନେ ଅଣକଂଗ୍ରେସ ମେଂଟ ବା ସଂଗଠନକୁ ନଯାଇ ନିଜର ପୂର୍ବତନ ସହଯୋଗୀ ମୋକିମଙ୍କ ନେତୃତ୍ୱାଧୀନ 'ଓଡ଼ିଶା ଜନତା କଂଗ୍ରେସ'ରେ ସାମିଲ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଏହା ଫଳରେ ରାଜ୍ୟରେ ଏବେ ତ୍ରିକୋଣୀୟ ନୁହେଁ ବରଂ ବହୁମୁଖୀ ରାଜନୈତିକ ଲଢ଼େଇ ହେବାର ସମ୍ଭାବନା ଦେଖାଦେଇଛି। ରାଜ୍ୟରେ ବିଜେପି ସରକାର ଥିବାବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ନିଜର ଶକ୍ତି ସଂଗ୍ରହ କରିବା ପାଇଁ ଏକଜୁଟ ହେବାକୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ମୋକିମ ଓ ବିଜୟଙ୍କ ନୂତନ ରାଜନୈତିକ ମଂଚର ପରିପ୍ରକାଶ ଅସନ୍ତୁଷ୍ଟ ନେତାଙ୍କୁ ଏକ ବଡ଼ ପ୍ଲାଟଫର୍ମ ଯୋଗାଇ ଦେଇଛି। ତେବେ ଭବିଷ୍ୟତରେ ଓଡ଼ିଶାରେ ଏହି ବିକଳ୍ପ ରାଜନୀତି କେତେ ସଫଳ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)




## ୮୫୦କୁ ବୃଦ୍ଧି ପାଇବ ଲୋକସଭା ଆସନ ମହିଳା ସଂରକ୍ଷଣ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୮।୦୪: କେନ୍ଦ୍ର ସରକାର ଲୋକସଭାର ସଦସ୍ୟ ସଂଖ୍ୟା ୫୪୩ ରୁ ୮୫୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ନୂତନ ସୀମା ନିର୍ଦ୍ଧାରଣ ସହ ଦୀର୍ଘଦିନ ଧରି ଆଲୋଚନା ହେଉଥିବା ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସବୁଜ ସଂକେତ ଦେବ। ଖବର ଅନୁଯାୟୀ ସଂପ୍ରସାରଣ ରୂପରେଖା ପ୍ରଦାନ କରୁଥିବା ଏକ ଡ୍ରାଫ୍ଟ ବିଲ୍ ସାଂସଦମାନଙ୍କ ସହିତ ଅଂଶୀଦାର କରାଯାଇଛି। ସଂସଦର ସ୍ୱତନ୍ତ୍ର ତିନି ଦିନିଆ ଅଧିବେଶନରେ ପ୍ରମୁଖ ସାମ୍ବିଧାନିକ ସଂଶୋଧନ ଗ୍ରହଣ କରିବାକୁ ଯୋଜନା କରୁଛନ୍ତି। ସଂସଦ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସଂଶୋଧନ କରିବା ପାଇଁ ମଧ୍ୟ ଉକ୍ତ ପ୍ରସ୍ତାବରେ ଆଲୋଚନ ହୋଇପାରେ। ୨୦୧୧ ଜନଗଣନା ଆଧାରରେ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରିବା ପାଇଁ ଏହି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଆସନ ବୃଦ୍ଧି ନିର୍ବାଚନମଣ୍ଡଳୀ ପୁନଃନିର୍ମାଣ କରି କୋଟାର ସୁଗମ ପ୍ରସାରଣକୁ ସକ୍ଷମ କରିବା ଲକ୍ଷ୍ୟ ରଖାଯାଇଛି। ପ୍ରସ୍ତାବ ଅନୁଯାୟୀ ୮୧୫ ଆସନ ରାଜ୍ୟପାଇଁ ଓ ୩୫ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରହିବ। ୨୦୨୯ ଲୋକସଭା ନିର୍ବାଚନରୁ ପରିବର୍ତ୍ତନ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ତେବେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ବିରୋଧୀ ଦଳ ପ୍ରସ୍ତୁତ ହେଉଛନ୍ତି। ଆପ, ଆରଜେଡି ଓ ଡ଼ିଏମକେ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପ୍ରସ୍ତାବକୁ ବିରୋଧ କରିବେ ବୋଲି ଆଶା କରାଯାଉଛି। ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼େଗଙ୍କ ବାସଭବନରେ ଆପ ସମେତ ବିରୋଧୀ ସହଯୋଗୀଙ୍କ ଏକ ରଣନୀତି ବୈଠକ ସ୍ଥିର ହୋଇଛି। ଟିଏମସି ଏବଂ ଡ଼ିଏମକେର ନେତାମାନେ ଏଥିରେ ଯୋଗଦେବାର ଆଶା କରାଯାଉଛି।

## ମିଳିବନି ଛୁଟି, ୩ ଦିନ ଗୃହରେ ଉପସ୍ଥିତ ରହିବା ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୮/୦୪: ବିଜେପି ଆଗାମୀ ସ୍ୱତନ୍ତ୍ର ସଂସଦ ଅଧିବେଶନକୁ ନେଇ ଏହାର ସମସ୍ତ ସାଂସଦଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛି। ଦଳ ଲୋକସଭା ଏବଂ ରାଜ୍ୟସଭାର ସମସ୍ତ ସଦସ୍ୟଙ୍କୁ ୩ ଦିନିଆ ହ୍ୱିପ୍ ଜାରି କରିଛି। ୧୬ ଏପ୍ରିଲରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ସମସ୍ତ ସାଂସଦ ଗୃହରେ ରହିବା ବାଧ୍ୟତାମୂଳକ ବୋଲି କହିଛି। ଏହି ସମୟ ମଧ୍ୟରେ କୌଣସି ସାଂସଦ କିମ୍ବା କେନ୍ଦ୍ରମନ୍ତ୍ରୀଙ୍କୁ ଛୁଟି ଦିଆଯିବ ନାହିଁ ବୋଲି ଦଳ ନିର୍ଦ୍ଦେଶ ଦେଇଛି। ସମସ୍ତ ସଦସ୍ୟଙ୍କୁ ଗୃହରେ ନିୟମିତ ଉପସ୍ଥିତି ଏବଂ ସଂସଦୀୟ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବାକୁ କୁହାଯାଇଛି। ସୂତ୍ର ଅନୁଯାୟୀ, ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଉପରେ ଆଲୋଚନା ପାଇଁ ଏହି ସ୍ୱତନ୍ତ୍ର ସଂସଦ ଅଧିବେଶନ ଡକାଯାଇଛି। ଐତିହାସିକ ବିଲ୍ ଉପରେ ବ୍ୟାପକ ବିତର୍କ ଏବଂ ଆହୁରି ଅଗ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ ।

## ଟିଏମ୍‌ସିରେ ମିଶିଲେ ନେତାଜୀଙ୍କ ଅଣନାତି

କଲକାତା, ୧୮/୦୪ : ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତି ଚନ୍ଦ୍ର ବୋଷ ସୋମବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ଟିଏମ୍‌ସି ମୁଖ୍ୟାଳୟରେ ମନ୍ତ୍ରୀ ବ୍ରତ୍ୟ ବସୁ ଓ ଦଳୀୟ ସାଂସଦ କିର୍ତ୍ତୀ ଆଜାଦଙ୍କ ଉପସ୍ଥିତିରେ ଚନ୍ଦ୍ର ବୋଷ ଟିଏମ୍‌ସିରେ ସାମିଲ ହୋଇଛନ୍ତି। ନେତାଜୀଙ୍କ ଭଳି ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶକୁ ବିଜେପି ଅନୁସରଣ କରୁନଥିବାରୁ ସେ ଟିମଏସିରେ ଯୋଗଦେଇଥିବା ଚନ୍ଦ୍ର କହିଛନ୍ତି। ଚନ୍ଦ୍ର ୨୦୧୬ରେ ବିଜେପିରେ ଯୋଗଦେଇଥିଲେ। ଉକ୍ତ ବର୍ଷ ପଶ୍ଚିମବଙ୍ଗରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ଭବାନୀପୁର ଆସନରେ ମମତା ବାନାର୍ଜୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ୨୦୧୯ରେ ସେ କଲକାତା (ଦକ୍ଷିଣ) ଆସନରେ ଲୋକସଭା ନିର୍ବାଚନ ଲଢିଥିଲେ ସୁଦ୍ଧା ପରାଜିତ ହୋଇଥିଲେ। ବିଜେପି ହାଇକମାଣ୍ଡଙ୍କ ସହ ମତାନ୍ତର ହେବାରୁ ଚନ୍ଦ୍ର ୨୦୨୩ରେ ଦଳରୁ ଇସ୍ତଫା ଦେଇଥିଲେ।

## ଏସ୍‌ଆଇଆର୍ ଦେଶର ସବୁଠାରୁ ବଡ଼ ଦୁର୍ନୀତି: ମମତା ବାନାର୍ଜୀ

କୋଲକାତା, ୧୮/୦୪ : ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ବିଜେପି ଲାଞ୍ଚ ଦେଉଛି ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ପୂର୍ବ ବର୍ଦ୍ଧମାନ ଜିଲ୍ଲାର ଖଣ୍ଡଘୋଷରେ ଏକ ରାଲିକୁ ସମ୍ବୋଧିତ କରି ମମତା ଦାବି କରିଛନ୍ତି ଯେ, ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ ତେବେପଶ୍ଚିମବଙ୍ଗର ଲୋକଙ୍କଠାରୁ ସବୁକିଛି ଛଡ଼ାଇ ନେବ। ବିହାର ନିର୍ବାଚନରେ ଏହା ଦେଖିବାକୁ ମିଳିଥିଲା ବୋଲି ମମତା ବାନାର୍ଜୀ କହିଛନ୍ତି। ଟିଏମ୍‌ସି ମୁଖ୍ୟ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଜିତିବା ପାଇଁ ବିଜେପି ମତଦାନ ପ୍ରକ୍ରିୟାରେ ହେରଫେର କରିବାକୁ ଚେଷ୍ଟା କରିବ ଏବଂ ଲୋକଙ୍କୁ ସତର୍କ ରହିବାକୁ ତଥା ଭୋଟିଂ ମେସିନ୍ ଉପରେ ନଜର ରଖିବାକୁ ଅନୁରୋଧ କରିଛନ୍ତି। ୨୦୨୬ରେ କେନ୍ଦ୍ରର ବିଜେପି ସରକାର ଭାଙ୍ଗିଯିବ ବୋଲି ସେ ପୂର୍ବାନୁମାନ କରି କହିଛନ୍ତି, ଏସ୍‌ଆଇଆର୍ ହେଉଛି ସାମ୍ପ୍ରତିକ ସମୟରେ ଦେଶ ଦେଖିଥିବା ସବୁଠାରୁ ବଡ ଦୁର୍ନୀତି। ସେ କହିଛନ୍ତି, ଦୁନିଆର ସମସ୍ତେ ଜାଣନ୍ତି ଯେ, ୨୦୨୬ରେ ଆପଣଙ୍କ ସରକାର ଭାଙ୍ଗିବ। ଏହା ପରେ ଆମେ ଆପଣଙ୍କ ସରକାର ଆଣିଥିବା ସମସ୍ତ ଲୋକ ବିରୋଧୀ ଆଇନକୁ ରଦ୍ଦ କରିଦେବୁ ବୋଲି ମମତା କହିଛନ୍ତି।

## ହିମନ୍ତଙ୍କ ନାଁରେ ମାମଲା

ଗୁଆହାଟୀ, ୧୮/୦୪ : ଆସାମ ବିଧାନସଭା ନିର୍ବାଚନରେ ଏଜେପି (ଆସାମ ଜାତୀୟ ପରିଷଦ) ପ୍ରାର୍ଥୀ କୁନ୍‌କି ଚୌଧୁରୀ ଗୁଆହାଟୀ ସେଣ୍ଟ୍ରାଲ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କୁନ୍‌କି ଚଳିତ ନିର୍ବାଚନରେ ସର୍ବକନିଷ୍ଠ ପ୍ରାର୍ଥୀଭାବେ ମାନ୍ୟତାଲାଭ କରିଥିବାବେଳେ ଗୋମାଂସ ଭକ୍ଷଣ ପ୍ରସଙ୍ଗ ନେଇ ବିବାଦରେ ଛନ୍ଦି ହୋଇପଡିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରଚାର ଅଭିଯାନ ସମୟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ କୁନ୍‌କିଙ୍କ ମାଆ ସୁଜାତା ଗୁରୁଙ୍ଗ୍ ଚୌଧୁରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସୁଜାତା ଗୋମାଂସ ଭକ୍ଷଣ କରୁଥିବା ବେଳେ ପାକିସ୍ତାନ ପ୍ରତି ସହାନୁଭୂତି ପ୍ରଦର୍ଶନ ଏବଂ ଦେଶଦ୍ରୋହୀ ବ୍ୟକ୍ତିଙ୍କୁ ସମର୍ଥନ ଜଣାଉଛନ୍ତି ବୋଲି ହିମନ୍ତ କହିଥିଲେ। ଏହାର ପ୍ରତିବାଦରେ ସୁଜାତା ଜାତୀୟ ମହିଳା କମିସନଙ୍କ ନିକଟରେ ହିମନ୍ତଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଜଣେ ଗୃହିଣୀ ହୋଇଥିବାବେଳେ ରାଜନୀତି ସହ ତାଙ୍କର କୌଣସି ସମ୍ପର୍କ ନଥିବା ସୁଜାତା କହିଛନ୍ତି। ଝିଅ କୁନ୍‌କି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ତାଙ୍କୁ ଅଯଥାରେ ବିବାଦ ମଧ୍ୟକୁ ଟଣାଯାଉଛି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଆପ୍ ସାଂସଦଙ୍କ ଘରେ ଇଡି ଚଢ଼ାଉ

ନୂଆଦିଲ୍ଲୀ, ୧୮/୦୪: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ସକାଳୁ ଆମ ଆଦମୀ ପାର୍ଟି ରାଜ୍ୟସଭା ସାଂସଦ ଅଶୋକ କୁମାର ମିତ୍ତଲଙ୍କ ଘରେ ଚଢାଉ କରିଛି। କିଛିଦିନ ପୂର୍ବରୁ ଦଳ ରାଘବ ଚଢାଙ୍କୁ ରାଜ୍ୟସଭା ଉପନେତା ପଦରୁ ହଟାଇ ଶ୍ରୀ ମିତ୍ତଲଙ୍କୁ ନିଯୁକ୍ତ କରିଥିଲା। ଏହାର କିଛିଦିନ ପରେ ଅର୍ଥାତ ଆଜି ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ଦଳ ରାଘବ ଚଢାଙ୍କୁ ଉପନେତା ପଦରୁ ହଟାଇବା ପାଇଁ ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ଅନୁରୋଧ କରିଥିଲା ଏବଂ ତାଙ୍କୁ ଦଳର କୋଟାରୁ ଆଉ ଭାଷଣ ସମୟ ପ୍ରଦାନ ନକରିବାକୁ ଅନୁରୋଧ କରିଥିଲା। ଶ୍ରୀ ମିତ୍ତଲ ଏହାକୁ ନେତୃତ୍ୱ ପରିବର୍ତ୍ତନର ନିରନ୍ତର ପ୍ରକ୍ରିୟା ବୋଲି କହିଥିଲେ। ସେ କହିଥିଲେ ଯେ, ପୂର୍ବରୁ ଏନଡି ଗୁପ୍ତା ଜୀ ଡେପୁଟି ଲିଡର ଥିଲେ। ପରେ ରାଘବ ଜୀ ଦାୟିତ୍ୱ ନେଇଥିଲେ ଏବଂ ଏବେ ମୋତେ ଦାୟିତ୍ୱ ଦିଆଯାଇଛି। କାଲି ଅନ୍ୟ କାହାକୁ ସୁଯୋଗ ମିଳିପାରେ ବୋଲି ସେ କହିଥିଲେ।

## ନରମ ପଡ଼ିଲା ଇରାନ: ହର୍ମୁଜ ନେଇ କଲା ବଡ଼ ଘୋଷଣା




ତେହରାନ,୧୮।୦୪: ଇରାନ ହର୍ମୁଜ ପ୍ରଣାଳୀରେ ଟୋଲ ସମ୍ପର୍କରେ ଏକ ନୂତନ ପ୍ରସ୍ତାବ ରଖିଛି। ଏହା ଅଧୀନରେ ଓମାନ ସୀମା ନିକଟରୁ ଯାଉଥିବା ଜାହାଜଗୁଡ଼ିକ କୌଣସି ଟୋଲ ଆଦାୟ କରାଯିବ ନାହିଁ। ଏହି ପ୍ରସ୍ତାବ ଆମେରିକା ଏବଂ ଇରାନ ମଧ୍ୟରେ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପରେ କାର୍ଯ୍ୟକାରୀ ହେବ। ଓମାନର ଆଭିମୁଖ୍ୟର ଜବାବରେ ଏହି ନିଷ୍ପତ୍ତି ନିଆଯାଇଛି। ଓମାନ ଘୋଷଣା କରିଥିଲା, ଏହା ପ୍ରାକୃତିକ ରାସ୍ତାରେ କୌଣସି ଟୋଲ ଆଦାୟ କରିବ ନାହିଁ। ଏହା ବିଶ୍ୱ ଅବ୍ୟବସ୍ଥା ବୃଦ୍ଧି କରିପାରେ। ତେହରାନ ଏହାର ସୀମାକୁ ସୁରକ୍ଷିତ କରିବାକୁ ଚେଷ୍ଟା କରୁଛି। ଏହା ଓମାନ ସୀମା ନିକଟରୁ ଯାଉଥିବା ଜାହାଜଗୁଡ଼ିକରେ ବାଧା ସୃଷ୍ଟି କରିବ ନାହିଁ। ଏହି ସମ୍ବନ୍ଧୀୟ ଏକ ପ୍ରସ୍ତାବ ବିଚାରାଧୀନ ଅଛି। ଯଦି ଯୁଦ୍ଧବିରତି ସମୟରେ ରାଜି ହୁଏ, ତେବେ ଜାହାଜଗୁଡ଼ିକ ହର୍ମୁଜ ଦେଇ ସହଜରେ ଯାଇପାରିବେ। ଆମେରିକା ଆକ୍ରମଣ ଆଶଙ୍କାରେ ଇରାନ ସମଗ୍ର ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି। ବର୍ତ୍ତମାନ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯିବା ପାଇଁ ଇରାନର ଅନୁମତି ଆବଶ୍ୟକ। ଏଥିପାଇଁ ଇରାନ ୨ ନିୟୁତ ଡଲାର ଟୋଲ ଆଦାୟ କରେ। ଏପର୍ଯ୍ୟନ୍ତ ଇରାନ ଏହି ଟୋଲ ବ୍ୟବସ୍ଥାକୁ ଅନୁମୋଦନ ଦେବା ପାଇଁ ଜିଦ ଧରିଥିଲା, କିନ୍ତୁ ବର୍ତ୍ତମାନ ଏହା ଏକ ନରମ ଆଭିମୁଖ୍ୟ ଗ୍ରହଣ କରିଛି। ଇରାନ ୩୪ କିଲୋମିଟର ଦୀର୍ଘ ହର୍ମୁଜ ପ୍ରଣାଳୀର ଅଧିକାଂଶ ଅଂଶକୁ ନିୟନ୍ତ୍ରଣ କରେ। ଓମାନ ସୀମାରେ ଥିବା ହର୍ମୁଜର ଯେଉଁ ଅଂଶ ରହିଛି, ତାହା ଅଗଭୀର। ସେଠାରେ କମ୍ ପାଣି ରହିଛି। ତେଣୁ ଏହି ଅଞ୍ଚଳ ଦେଇ ବଡ଼ ଜାହାଜ ଚଳାଚଳ କରିବା କଷ୍ଟକର ହେବ। ଇରାନ ଏହା ଜାଣେ ଏବଂ ତେଣୁ ଏହି ପଦକ୍ଷେପ ନେଇଛି। ପାରସ ଉପସାଗରରୁ ଓମାନ ଉପସାଗରକୁ ଯାତ୍ରା କରିବା ପାଇଁ, ହର୍ମୁଜ ଦେଇ ଯିବା ଆବଶ୍ୟକ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ଯାଏ। ଏହି ରାସ୍ତା ଇରାକ, ସାଉଦି ଆରବ, କୁଏତ, ୟୁଏଇ ଏବଂ କାତାର ଭଳି ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ରାସ୍ତା ଦେଇ ଏସିଆ ଏବଂ ୟୁରୋପର ଅଧିକାଂଶ ଦେଶକୁ ମଧ୍ୟ ତେଲ ଏବଂ ଗ୍ୟାସ ଯୋଗାଣ କରାଯାଏ। ଏହି କାରଣରୁ ଯେତେବେଳେ ଇରାନ ଏହି ରାସ୍ତାକୁ ଅବରୋଧ କରିଥିଲା, ଏହା ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଇରାନ ପାରସ ଉପସାଗରରେ ଅବସ୍ଥିତ ୪ଟି ଦ୍ୱୀପପୁଞ୍ଜ ଦେଇ ଏହି ରାସ୍ତାକୁ ନିୟନ୍ତ୍ରଣ କରେ।

## ଟିସିଏସ୍‌ରେ ଧର୍ମାନ୍ତରୀକରଣ ଓ ଯୌନ ନିର୍ଯାତନା ମାମଲା ଘରୁ କାମ କରିବାକୁ ୧୫୦ କର୍ମଚାରୀଙ୍କୁ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୧୮/୦୪: ମହାରାଷ୍ଟ୍ରର ବହୁଚର୍ଚ୍ଚିତ ନାସିକ ଧର୍ମ ପରିବର୍ତ୍ତନ ମାମଲାରେ ଫସିଥିବା କମ୍ପାନୀ ଏକ ବଡ଼ ନିଷ୍ପତ୍ତି ନେଇଛି। ଟାଟା କନସଲଟାନ୍ସି ସର୍ଭିସେସ୍ ଏହାର ନାସିକ ୟୁନିଟର ସମସ୍ତ ୧୫୦ କର୍ମଚାରୀଙ୍କୁ ଘରୁ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଛି। କମ୍ପାନୀ ଏକ ନିର୍ଦ୍ଦେଶ ଜାରି କରିଛି ଯେ ସମସ୍ତ କର୍ମଚାରୀ ଏବେ ଘରୁ କାମ କରିବେ। ଏବେଠାରୁ, ଅଫିସ କୋଠା ପରିସରରୁ କୌଣସି ସରକାରୀ କାର୍ଯ୍ୟ କରାଯିବନାହିଁ। କମ୍ପାନୀ ଅଫିସ ପରିଚାଳନା ଏବଂ ଏଚ୍‌ଆର୍‌ଙ୍କୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ଏବଂ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୬ ମାର୍ଚ୍ଚ ମାସରେ ଟାଟା କନସଲଟାନ୍ସି ସର୍ଭିସେସ୍‌ର ବିପିଓ ଶାଖାର କର୍ମଚାରୀ ଏବଂ ଏଚଆର ଅଧିକାରୀମାନଙ୍କୁ ଅଭିଯୁକ୍ତ କରି ଏକ ପୋଲିସ ଅଭିଯୋଗ ଦାୟର କରାଯାଇଥିଲା। ଅଭିଯୋଗରେ କୁହାଯାଇଥିଲା ଯେ କମ୍ପାନୀର ମୁସଲିମ କର୍ମଚାରୀ ଏବଂ ଏଚ୍‌ଆର୍ ଅଧିକାରୀମାନେ କମ୍ପାନୀର ହିନ୍ଦୁ କର୍ମଚାରୀମାନଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ କରିଥିଲେ। ନମାଜ ପାଠ କରିବାକୁ, ଗୋମାଂସ ଖାଇବାକୁ ଏବଂ ହିନ୍ଦୁ ଧର୍ମକୁ ଅପମାନ କରିବାକୁ ସେମାନଙ୍କୁ ବାଧ କରାଯାଇଥିଲା। ଏପରିକି ମହିଳା କର୍ମଚାରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିଲା। ପୋଲିସ ନିକଟରେ ଅଭିଯୋଗ ଦାୟର ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ମହିଳା କର୍ମଚାରୀ ମାନଙ୍କ ଅଭିଯୋଗ ମୁତାବକ ସେମାନଙ୍କୁ ଚାକିରିର ପ୍ରଲୋଭନ ଦିଆଯାଇଥିଲା। ବ୍ୟକ୍ତିଗତ ଭିଡିଓ ଏବଂ ଫଟୋ ଭାଇରାଲ କରିବାର ଧମକ ଦେଇ ବ୍ଲାକମେଲ କରାଯାଇଥିଲା। ଏବଂ ଇସଲାମ ଧର୍ମ ଗ୍ରହଣ କରିବାକୁ ଚାପ ପକାଯାଉଥିଲା। ପୋଲିସ୍ ତଦନ୍ତ କରିବା ପରେ, କମ୍ପାନୀର ଏଚ୍‌ଆର୍ କାର୍ଯ୍ୟନିର୍ବାହୀ ନିଦା ଖାନ ଏହି ଧର୍ମାନ୍ତରୀକରଣ ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଥିଲା। ତାଙ୍କ ଉପରେ କର୍ମଚାରୀଙ୍କ ଅଭିଯୋଗକୁ ଅଣଦେଖା କରିବା ଏବଂ ଅଭିଯୁକ୍ତଙ୍କୁ ସମର୍ଥନ କରିବାର ଅଭିଯୋଗ ରହିଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ମହାରାଷ୍ଟ୍ରର ଫଡନଭିସ୍ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୯ଟି ମାମଲା ପଞ୍ଜିକୃତ ହୋଇଛି। ପୋଲିସ୍ କମ୍ପାନୀର ଏଚଆର୍ ଏବଂ ଟିମ୍ ଲିଡର ସମେତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି।

## ମହିଳା କୋଟା ପ୍ରସଙ୍ଗରୁ 'ରାଜନୈତିକ ଫାଇଦା' ଉଠାଇବାକୁ ଚାହୁଁଛି ବିଜେପି : ଖଡଗେ

ନୂଆଦିଲ୍ଲୀ, ୧୮/୦୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୯ ପୂର୍ବରୁ ମହିଳା ସଂରକ୍ଷଣ ଲାଗୁ କରିବାକୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇଥିବା ବେଳେ କଂଗ୍ରେସ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ସମୟରେ ରାଜନୈତିକ ଫାଇଦା ହାସଲ ପାଇଁ ବିଜେପିର ଚାଲ୍ ବୋଲି ଅଭିଯୋଗ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼େଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପ୍ରିଲ ୧୧ ତାରିଖରେ ଲେଖିଥିବା ଚିଠିରେ ଖଡ଼େଗ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଉପରେ ଆଲୋଚନା କରିବା ପାଇଁ ଏପ୍ରିଲ ୧୬ରୁ ପ୍ରସ୍ତାବିତ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଉପରେ ପ୍ରଧାନମନ୍ତ୍ରୀଙ୍କ ଚିଠିର ଜବାବ ଦେଇଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା କହିଛନ୍ତି, ସଂସଦର ସ୍ୱତନ୍ତ୍ର ଅଧିବେଶନ ନେଇ ମୁଁ ଆପଣଙ୍କ ଚିଠି ପାଇଛି। ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ଏହି ଆଇନ ପାରିତ ହୋଇଛି ଏବଂ କଂଗ୍ରେସ ଏହାର ତୁରନ୍ତ କାର୍ଯ୍ୟକାରିତା ପାଇଁ ଚାପ ପକାଇଥିଲା। ତେବେ ସେ ବିଳମ୍ବ ଓ ବର୍ତ୍ତମାନର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ସେବେଠାରୁ ୩୦ ମାସ ବିତିଗଲାଣି ଏବଂ ବର୍ତ୍ତମାନ ଆମକୁ ବିଶ୍ୱାସକୁ ନ ନେଇ ଏହି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଆପଣଙ୍କ ସରକାର ହେବାକୁ ଥିବା ସୀମା ନିର୍ଦ୍ଧାରଣ ବିଷୟରେ କୌଣସି ବିବରଣୀ ପ୍ରକାଶ ନ କରି ପୁନର୍ବାର ଆମର ସହଯୋଗ ଲୋଡ଼ିଛନ୍ତି। ସୀମା ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଦିଗର ସବିଶେଷ ବିବରଣୀ ବିନା ଏହି ଐତିହାସିକ ଆଇନ ଉପରେ କୌଣସି ଉପଯୋଗୀ ଆଲୋଚନା କରିବା ଅସମ୍ଭବ ହେବ। ସେ କହିଛନ୍ତି, ଆପଣ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆପଣଙ୍କ ସରକାର ଏ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିଛନ୍ତି। କିନ୍ତୁ ମୁଁ ଦୁଃଖିତ ଯେ ଏହା ସତ୍ୟର ବିରୁଦ୍ଧାଚରଣ କରୁଛି। କାରଣ ସମସ୍ତ ବିରୋଧୀ ଦଳ ସରକାରଙ୍କୁ ଅନୁରୋଧ କରୁଛନ୍ତି ଯେ ଚଳିତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ୨୦୨୬ ଏପ୍ରିଲ ୨୯ ତାରିଖରେ ସମ୍ବିଧାନ ସଂଶୋଧନ ଉପରେ ଆଲୋଚନା କରିବାକୁ ସର୍ବଦଳୀୟ ବୈଠକ ଡକାନ୍ତୁ।



ଅଧିବେଶନର ସମୟ ଚିନ୍ତା ବଢ଼ାଇଛି ବୋଲି ଖଡ଼ଗେ ଯୁକ୍ତି କରିଛନ୍ତି। ସେ କହିଛନ୍ତି, ଚାଲିଥିବା ରାଜ୍ୟ ନିର୍ବାଚନ ସମୟରେ ଏକ ସ୍ୱତନ୍ତ୍ର ବୈଠକ ଡାକିବା କଂଗ୍ରେସର ଏହି ବିଶ୍ୱାସକୁ ଦୃଢ କରୁଛି ଯେ ସରକାର ପ୍ରକୃତ ମହିଳା ସଶକ୍ତୀକରଣ ପରିବର୍ତ୍ତେ ରାଜନୈତିକ ଫାଇଦା ପାଇଁ ଆଇନ କାର୍ଯ୍ୟକାରୀ କରିବାରେ ତତ୍ପରତା ଦେଖାଉଛନ୍ତି। ପୁନଃ ସୀମା ନିର୍ଦ୍ଧାରଣ ସହ ଜଡ଼ିତ ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ପ୍ରଭାବ ପକାଇବ ବୋଲି ଖଡ଼ଗେ ଅଭିଯୋଗ କରିଛନ୍ତି। ଯଦି ସ୍ୱତନ୍ତ୍ର ବୈଠକ 'ଆମ ଗଣତନ୍ତ୍ରକୁ ମଜବୁତ କରିବା' ଏବଂ 'ଏକାଠି ଆଗକୁ ବଢ଼ିବା, ସମସ୍ତଙ୍କୁ ସାଙ୍ଗରେ ନେବା' ପାଇଁ ଉଦ୍ଦିଷ୍ଟ, ତେବେ ମୁଁ ପରାମର୍ଶ ଦେବି ଯେ ସରକାର ଏପ୍ରିଲ ୨୯ ପରେ ଯେକୌଣସି ସମୟରେ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ସର୍ବଦଳୀୟ ବୈଠକ ଡକାନ୍ତୁ, ଯାହା ନାରୀ ଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନ ସହିତ ଜଡିତ। କଂଗ୍ରେସ ଏହା ମଧ୍ୟ କହିଛି ଯେ ଆଇନ ସହ ଜଡିତ ସୀମା ନିର୍ଦ୍ଧାରଣ ଅଭ୍ୟାସ ଗମ୍ଭୀର ପରିଣାମ ଆଣିପାରେ।

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ଆଶା ଭୋଁସଲେଙ୍କୁ ଶ୍ରଦ୍ଧାଞ୍ଜଳି, ୩ ବିଲ ଆଗତ

ନୂଆଦିଲ୍ଲୀ, ୧୮/୦୪: ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନ ଆରମ୍ଭରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦିବଂଗତ ଗାୟିକା ଆଶା ଭୋଁସଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସମଗ୍ର ଗୃହ ଦୁଇ ମିନିଟ୍ ନୀରବ ପାଳନ କରି ସ୍ୱର୍ଗତ ଗାୟିକାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଆଜି ସ୍ୱତନ୍ତ୍ର ଅଧିବେଶନରେ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍। ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ୨୦୨୬, ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬, ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍ ୨୦୨୬। ଏହି ବିଲ୍ ୨୦୨୩ ମସିହାରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରଖିଛି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର ଲୋକସଭାରେ ଏହି ତିନୋଟି ବିଲ୍ ଉପସ୍ଥାପନ କରିଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସଂସଦରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ତିନୋଟି ବିଲ୍ ଆଗତ କରିଥିଲେ। ତଥାପି, ବିରୋଧୀମାନେ ଖୋଲାଖୋଲି ଭାବରେ ବିଲ୍ ବିରୋଧରେ ବାହାରି ଆସିଛନ୍ତି। ବିଧାନସଭା ବିଲ୍ ଉପରେ ଆଲୋଚନା ପାଇଁ ୧୮ ଘଣ୍ଟା ସମୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନ ୩ ଟାରେ ଏହା ଉପରେ ଭାଷଣ ଦେବେ। ୧୭ ଏପ୍ରିଲରେ ଲୋକସଭାରେ ଆଲୋଚନା ପରେ ତିନୋଟି ବିଲ୍ ଉପରେ ଭୋଟିଂ ହେବ। ଏହି ସମୟରେ, ୧୮ ଏପ୍ରିଲରେ ରାଜ୍ୟସଭାରେ ତିନୋଟି ବିଲ୍ ଆଗତ କରାଯିବ, ଯେଉଁଠାରେ ଆଲୋଚନା ପାଇଁ ୧୦ ଘଣ୍ଟା ସମୟ ଦିଆଯାଇଛି। ୧୮ ଏପ୍ରିଲରେ ରାଜ୍ୟସଭାରେ ଆଲୋଚନା ପରେ ଭୋଟିଂ ହେବ।

## ନିର୍ବାଚନ ଫଳାଫଳ ପୂର୍ବରୁ ଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ହିମନ୍ତ : ରାହୁଲ ଗାନ୍ଧୀଙ୍କୁ ସମାଲୋଚନା

ଆସାମ, , ୧୮/୦୪: ଆସାମ ବିଧାନସଭା ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି ମୁଖ୍ୟମନ୍ତ୍ରୀ ହିମାନତା ବିଶ୍ୱ ଶର୍ମା। ବୁଧବାର ଓଡ଼ିଶା ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ହିମାନତା। ଏହି ସମୟରେ ସେ ଗଣମାଧ୍ୟମକୁ ବୟାନ ଦେଇ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ନିଜର ବୟାନ ଦେଇଥିଲେ। ସେ କହିଥିଲେ ଯେ, ରାହୁଲ ଗାନ୍ଧୀ ଜଣେ ପାଗଳ ବ୍ୟକ୍ତି। ଆପଣ ତାଙ୍କ ବିଷୟରେ କାହିଁକି ପଚାରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ସେ ଗୋଲଡେନ୍ ଭିସା ଅଭିଯୋଗର ଜବାବ ଦେଇଥିଲେ। ତେବେ ସେ ପୁରୀ ଗସ୍ତ ପରେ ପ୍ରଚାର ପାଇଁ କଲକାତା ଯିବେ ବୋଲି କହିଥିଲେ। ଆସାମରେ ବିଜେପିର ବିଜୟ ସୁନିଶ୍ଚିତ କରି ସେ କହିଥିଲେ ଆମେ ନିଶ୍ଚିତ ଭାବରେ ଆସାମରେ ସରକାର ଗଠନ କରିବୁ।

## ବିଜେପିକୁ ସମର୍ଥନ କରିବାରୁ ସ୍ତ୍ରୀକୁ ପିଟିପିଟି ମାରିଲା ସ୍ୱାମୀ

ପଶ୍ଚିମବଙ୍ଗ, ୧୮/୦୪: ପଶ୍ଚିମବଙ୍ଗ ନିର୍ବାଚନ ଏବେ ଘରୋଇ ହିଂସା ଦିଗକୁ ଗତି କରିଛି। ଉତ୍ତର ଚବିଶି ପ୍ରଗଣା ଜିଲ୍ଲାରେ ଜଣେ ଟିଏମସି ନେତାଙ୍କ ସ୍ତ୍ରୀ ବିଜେପିକୁ ସମର୍ଥନ କରିବାରୁ ତାଙ୍କୁ ପିଟିପିଟି ହତ୍ୟା କରିଛନ୍ତି ସ୍ୱାମି। ମୃତକ ମହିଳା ଜଣକ ହେଲେ ମିନାଖାନ ବାସିନ୍ଦା ୨୭ ବର୍ଷୀୟା ଅଦୀପ୍ତା ଦାସ। ରବିବାର ତାଙ୍କ ଘରୁ ତାଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଘଟଣାକୁ ନେଇ ପୀଡିତାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ରାହୁଲ ଦାସ ଜଣେ ତୃଣମୂଳ କଂଗ୍ରେସ ନେତା। ରାହୁଲ ତାଙ୍କ ଶ୍ୱଶୁର ଘର ଲୋକଙ୍କ ସହିତ ମିଶି ତାଙ୍କୁ ପିଟିପିଟି ହତ୍ୟା କରି ପରେ ଫାଶି ଦେଇଛନ୍ତି। ମୃତକ ଭାରତୀୟ ଜନତା ପାର୍ଟିକୁ ସମର୍ଥନ କରିବାରୁ ରାହୁଲ ଓ ତାଙ୍କ ପରିବାର ଏପରି କରିଥିବା ଅଦୀପ୍ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ପରିବାର ଅଭିଯୋଗ ଆଣିଛନ୍ତି ଯେ, ପୀଡିତାଙ୍କୁ ଅତି ନିର୍ମମ ଭାବରେ ମାଡ଼ ମରାଯାଇ ପରେ ଆତ୍ମହତ୍ୟା ଭାବରେ ଦେଖାଯିବା ପାଇଁ ଫାଶି ଦିଆଯାଇଛି। ପୂର୍ବରୁ ମଧ୍ୟ ପୀଡିତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଇଥିବା ପରିବାର ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ପୁଲିସ ମୃତଦେହ ଉଦ୍ଧାର କରି ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ ଚୌଧୁରୀ
# ବିହାରରେ ଇତି ହେଲା ନୀତୀଶ ଯୁଗ

ପାଟନା, ୧୮/୦୪ : ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ବୁଧବାର ବିହାରର ୨୧ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସମ୍ରାଟଙ୍କ ଯୁଗ ଆରମ୍ଭ ହୋଇଥିବାବେଳେ ବିହାରରେ ନୀତୀଶଙ୍କ ଯୁଗ ଶେଷ ହୋଇଛି। ଲୋକଭବନରେ ଏକ ସମାରୋହରେ ରାଜ୍ୟପାଳ ସୟଦ ଆତା ହସନେନ୍ ଚୌଧାରୀଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିଜେପି ଓ ଜେଡିୟୁର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ବିହାରର ରାଜନୈତିକ ଦୃଶ୍ୟପଟ୍ଟରେ ଏହା ଏକ ବଡ଼ ପରିବର୍ତ୍ତନ। ବିଜେପି ପ୍ରଥମ ଥର ପାଇଁ ସିଧାସଳଖ ସରକାରର ଦାୟିତ୍ୱ ନେଇଛି। ରାଜ୍ୟସଭା ସାଂସଦ ଭାବେ ଶପଥ ନେବା ପରେ ମଙ୍ଗଳବାର ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ତାଙ୍କ କ୍ୟାବିନେଟ ଭଙ୍ଗ କରିବା ସହିତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା




ଦେଇଥିଲେ। ଗତ ସରକାରରେ ସମ୍ରାଟ ଚୌଧୁରୀ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ରହିଥିଲା। ୨୦୧୭ରେ ବିଜେପିରେ ଯୋଗ ଦେଇଥିବା ସମ୍ରାଟ ଚୌଧୁରୀ ମଙ୍ଗଳବାର ବିଜେପି ବିଧାୟକ ଦଳ ନେତା ବଛା ଯାଇଥିଲେ। ବିହାରର ଜଟିଳ ରାଜନୈତିକ ଦୃଶ୍ୟପଟ୍ଟରେ ସମ୍ରାଟ ଚୌଧୁରୀଙ୍କର ପଦୋନ୍ନତି ଜାତିଗତ ଗୁରୁତ୍ୱ ବହନ କରେ। ଚୌଧାରୀ ପ୍ରଭାବଶାଳୀ କୋଏରୀ ସମ୍ପ୍ରଦାୟର ଦ୍ୱିତୀୟ ନେତା ଯିଏ ମୁଖ୍ୟମନ୍ତ୍ରୀ ପଦରେ ବସିଛନ୍ତି। ଏହାପୂର୍ବରୁ ୧୯୬୮ ମସିହାରେ ମେଣ୍ଟ ସରକାରରେ ସତୀଶ ପ୍ରସାଦ ସିଂହ ମାତ୍ର ୫ ଦିନ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହିପାରିଥିଲେ। କିନ୍ତୁ କଂଗ୍ରେସର ସମର୍ଥନ ପ୍ରତ୍ୟାହାର ପରେ ତାଙ୍କ ସରକାର ଭାଙ୍ଗି ଯାଇଥିଲା। ଚୌଧୁରୀ ରାଜ୍ୟରେ ଉଭୟ ଉପମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଦରେ ରହିବାରେ ଭାରତ ରତ୍ନ କର୍ପୁରୀ ଠାକୁରଙ୍କ ରେକର୍ଡ଼ ସହିତ ସମକକ୍ଷ ହୋଇଛନ୍ତି। ତେବେ ରାଜ୍ୟ ରାଜନୀତିରେ ୫୭ ବର୍ଷୀୟ ସମ୍ରାଟ ଚୌଧୁରୀଙ୍କ ଉତ୍‌ଥାନ କୌଣସି ଚମତ୍କାରଠାରୁ କମ୍ ନୁହେଁ। ୧୯୯୯ ମସିହାରେ ଚୌଧୁରୀ ପ୍ରଥମେ ରାବ୍‌ଡ଼ୀ ଦେବୀଙ୍କ ସରକାରରେ ମନ୍ତ୍ରୀ ଭାବେ ସାମିଲ ହୋଇଥିଲେ। ସମ୍ରାଟଙ୍କ ମାତାପିତା ସମତା ପାର୍ଟିରୁ ଆର୍‌ଜେଡିରେ ଯୋଗ ଦେବାପରେ ପୁରସ୍କାର ଭାବେ ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇଥିଲା। କିନ୍ତୁ ତାଙ୍କ ବୟସକୁ ନେଇ ବିବାଦ ପରେ ରାଜ୍ୟପାଳ ସୁରଜ ଭାନ୍ ତାଙ୍କୁ ମନ୍ତ୍ରିପଦରୁ ହଟେଇ ଦେଇଥିଲେ।

ତେବେ ୨୦୦୦ ମସିହାରେ ସମ୍ରାଟ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଆର୍‌ଜେଡିର ମୁଖ୍ୟ ସଚେତକ ହୋଇଥିଲେ। କିନ୍ତୁ ୨୦୧୪ରେ ସମ୍ରାଟ ଆର୍‌ଜେଡି ଛାଡ଼ି ଜିତନ ରାମ ମାନଝୀଙ୍କ ଅଧୀନରେ କିଛି ସମୟ କାମ କରିଥିଲେ ଓ ନୀତୀଶ କୁମାର ଫେରିବା ପରେ ଦଳ ଛାଡି ଦେଇଥିଲେ। ୨୦୧୭ରେ ବିଜେପିରେ ଯୋଗ ଦେବାପରେ ତାଙ୍କ ରାଜନୈତିକ କ୍ୟାରିଅର ନୂଆ ଶୀର୍ଷ ଛୁଇଁଥିଲା। କୋଏରି ଓବିସି ଆଧାର ଦ୍ୱାରା ସମର୍ଥିତ ହୋଇ ସେ ରାଜ୍ୟ ଉପାଧ୍ୟକ୍ଷରୁ ଦଳର ମୁଖ୍ୟ ପର୍ଯ୍ୟନ୍ତ ରକେଟ୍ ଗତିରେ ଉନ୍ନତି କରିଥିଲେ ଓ ବିହାର ରାଜନୀତିରେ ଏକ ପ୍ରମୁଖ ଚେହେରା ଭାବରେ ଉଭା ହୋଇଥିଲେ। ନୀତୀଶ କୁମାରଙ୍କ ଦୃଢ଼ ବିରୋଧୀ ଭାବେ ଜଣାଶୁଣା ସମ୍ରାଟ ତାଙ୍କୁ ଗାଦିଚ୍ୟୁତ କରିବାକୁ ଶପଥ ନେଇଥିଲେ। ୨୦୨୪ ମସିହାରେ ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହେବା ପରେ ସମ୍ରାଟ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ଗ୍ରହଣ କରି ଶୀଘ୍ର କ୍ଷମତାକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ତାରାପୁରରୁ ତାଙ୍କର ନିର୍ବାଚନୀ ବିଜୟ ଏବଂ ଅମିତ ଶାହଙ୍କ ସମର୍ଥନ ହିନ୍ଦୀ ହାର୍ଟଲ୍ୟାଣ୍ଡରେ ସମ୍ରାଟଙ୍କର ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିଥିଲା।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ

# ରାଜ୍ୟରେ ବଢ଼ୁଛି ଡ୍ରପ୍ ଆଉଟ୍ ସମସ୍ୟା

ନିକଟରେ ଅନେକ ଦୈନିକ ଓଡ଼ିଆ ସମ୍ବାଦପତ୍ରରେ ଆଦିବାସୀ ଅଧ୍ୟୁଷିତ ଜିଲା ଗୁଡ଼ିକରେ ଅଧାରୁ ପାଠ ଛାଡୁଥିବା ଶିଶୁଙ୍କ ସଂଖ୍ୟା ଉଦ୍‌ବେଗଜନକ ବୋଲି ପ୍ରକାଶ ପାଇଛି । ପ୍ରଶାସନିକ ସ୍ତରରେ ମଧ୍ୟ ଏହାକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି । ସ୍ଥାନୀୟ ବିଇଓ, ସିଆର୍‌ସିସିଙ୍କ ପାଇଁ ଏହି ସମସ୍ୟା ମୁଣ୍ଡବ୍ୟଥାର କାରଣ ହେଉଛି । ବହୁଦିନ ଧରି ଆସୁ ନ ଥିବା ପାଠ ପଢ଼ିବା ବୟସର ଶିଶୁଙ୍କୁ ପୁଣିଥରେ ବିଦ୍ୟାଳୟରେ ଭର୍ତ୍ତି କରିବା ପାଇଁ ଆଦେଶ ଦିଆଯାଉଛି । ଡ୍ରପ୍‌ଆଉଟ୍ ସମସ୍ୟାର ନିରାକରଣ ପାଇଁ ଅନେକ ଶିଶୁଙ୍କୁ ନେଇ କୌଣସି ଆଶ୍ରମ ବିଦ୍ୟାଳୟରେ ଭର୍ତ୍ତି କରାଯିବା ଲାଗି ପ୍ରୟାସ ଲାଗିରହୁଛି । ବୃତ୍ତିଗତ ଶିକ୍ଷା ସହିତ ମଧ୍ୟ ଯୋଡ଼ିଦେବା ପାଇଁ ପ୍ରୟାସ କରାଯାଉଛି । ଡ୍ରପ୍‌ଆଉଟ୍ କମାଇବା ପାଇଁ ଆଦିବାସୀ ଅଞ୍ଚଳରେ ନିୟମିତ ଆବାସିକ ବିଦ୍ୟାଳୟରେ ସ୍ଥାନ ବୃଦ୍ଧି ପାଉଛି ! ଏଥିରେ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବାଳିକା ହଷ୍ଟେଲ କରାଯାଇଛି । ତଥାପି ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଶିଶୁ ଅନେକ ସଂଖ୍ୟାରେ ରହୁଛନ୍ତି, ଯାହାକି ଚିନ୍ତାଜନକ । ପ୍ରାଥମିକ ସ୍ତରରେ ହେଉ କିମ୍ବା ହାଇସ୍କୁଲ ସ୍ତରରେ, ଶିଶୁ କାହିଁକି ବିଦ୍ୟାଳୟ ଛାଡୁଛନ୍ତି, ତାହାର ବିଶ୍ଲେଷଣ କରାଯାଉଛି । ଏହାକୁ ଆଧାର କରି ସରକାରଙ୍କ ତରଫରୁ ଅଧ୍ୟୟନ କରାଯାଇ ପଦକ୍ଷେପ ନିଆଗଲେ ମଧ୍ୟ ଫଳାଫଳ ବିଶେଷ ସନ୍ତୋଷଜନକ ହେଉନାହିଁ ।

ଅନେକ ରିପୋର୍ଟ କହୁଛି ଏବଂ ମତ ମଧ୍ୟ ଆସେ, ଅଭିଭାବକଙ୍କ ସଚେତନତାର ଅଭାବ ! କିନ୍ତୁ ବର୍ତ୍ତମାନ ଅଭିଭାବକ ଶିଶୁଙ୍କ ପାଠପଢ଼ା ନେଇ ଚିନ୍ତିତ । ଅନେକ ମାତାପିତା ଆଶ୍ରମ ସ୍କୁଲରେ ଶିଶୁକୁ ଛାଡ଼ିଦେଇ ବିନା ଚିନ୍ତାରେ ରହିବେ ବୋଲି ଭାବୁଛନ୍ତି ! କାରଣ ସମସ୍ତ ଦାୟିତ୍ୱ ଶିକ୍ଷକଙ୍କର । ଅନେକ ମାତାପିତା ଆଶ୍ରମ ବିଦ୍ୟାଳୟରେ ନିଜର ଶିଶୁ ସିଟ୍ ପାଇବା ପାଇଁ ପ୍ରୟାସ କରିଥାଆନ୍ତି । ମାତାପିତାଙ୍କ ଆଗ୍ରହକୁ ଦେଖିଲେ ଏହି ପରିପ୍ରେକ୍ଷୀରେ ଆମେ ଶିଶୁ ଶିକ୍ଷା ନିମନ୍ତେ ସେମାନଙ୍କର ସଚେତନତାର ଅଭାବ ରହିଛି ବୋଲି କହିପାରିବା ନାହିଁ ।

ଅନେକ ସମୟରେ ଦେଖାଯାଉଛି, ଆଦିବାସୀ ଶିଶୁଟିଏ ବାଧ୍ୟବାଧକତାରେ ବିଦ୍ୟାଳୟ ଛାଡୁଛି । ନିକଟରେ କନ୍ଧମାଳ ଜିଲାର ଗୋଟିଏ ବିଦ୍ୟାଳୟକୁ ଯାଇଥିଲି । ବିଦ୍ୟାଳୟ ଶ୍ରେଣୀଗୃହରେ ଏକ ସୁନ୍ଦର ଚିତ୍ର ଡିସ୍‌ପ୍ଲେ ବୋର୍ଡରେ ଲଟକା ହୋଇଥିଲା । ମୁଁ ପ୍ରଶ୍ନ କରିଥିଲି, ଏହି ଚିତ୍ର କିଏ କରିଛି ? ଶ୍ରେଣୀଗୃହରେ ଥିବା ଶିଶୁମାନେ ୫ମ ଶ୍ରେଣୀରେ ପଢୁଥିବା ଶିଶୁର ନାମ କହିଥିଲେ । ମୁଁ ଶିଶୁମାନଙ୍କଠାରୁ ଶୁଣିଲି, ସେ କିଛି ଦିନ ହେଲା ବିଦ୍ୟାଳୟ ଆସୁନାହିଁ । ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ତା' ବିଷୟରେ ଆଲୋଚନା କଲି ଏବଂ କାଁ ଭାଁ ଆସୁଛି ବୋଲି ମତଦେଲେ । ମୁଁ ତାଙ୍କୁ ଅନୁରୋଧ କଲି, ଶିଶୁଟି ଭଲ ଚିତ୍ର କରୁଛି । ଆପଣ ତାକୁ କିମ୍ବା ତା' ମାତାପିତାଙ୍କୁ ଅନୁରୋଧ କରନ୍ତୁ, ଯେତେବେଳେ ସୁବିଧା ହେଉ, ସେ ଅତିକମ୍‌ରେ ଦୁଇତିନି ଘଣ୍ଟା ବିଦ୍ୟାଳୟ ଆସୁ । ତାହାକୁ ଚିତ୍ର କରିବାକୁ ଦିଅନ୍ତୁ । ଆପଣ ପ୍ରତ୍ୟେକ ପିଲାଙ୍କ ପାଇଁ ଅଲଗା ଅଲଗା ଦୃଷ୍ଟିକୋଣ ଦିଅନ୍ତୁ । ଜଣେ ଦୁଇଜଣ ଶିକ୍ଷକ କହିଲେ, ଆମେ ତା' ପାଇଁ ସ୍କୁଲ ନିୟମ ପରିବର୍ତ୍ତନ କରିପାରିବୁ ନାହିଁ । ଶେଷରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ରାଜି କରାଇଲି । ମୁଁ କହିଲି, ଆପଣ ପ୍ରଧାନଶିକ୍ଷୟିତ୍ରୀ ନ ଭାବି ଶିଶୁଟିର ଘରକୁ ଯାଆନ୍ତୁ, ତା' ମାଆବାପାଙ୍କ ସହିତ ଭଲମନ୍ଦ କଥା ହୁଅନ୍ତୁ, ଦେଖିବେ ଶିଶୁଟି ବିଦ୍ୟାଳୟ ଆସିବ । ମୁଁ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କରୁଥିଲି, ବର୍ତ୍ତମାନ ଶିଶୁଟି ବିଦ୍ୟାଳୟକୁ ନିୟମିତ ଆସୁଛି ।

ପ୍ରାୟତଃ ନବେଦଶକର ଶେଷଭାଗ ଆଡ଼କୁ ତଥା ୧୯୯୫-୯୬ ବେଳକୁ ଓଡ଼ିଶାରେ କେତେକ ପୁସ୍ତକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଶିକ୍ଷକ, ଶିକ୍ଷାବିତ୍, ଶିକ୍ଷା ପ୍ରଶାସକଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଜଣେ ଶିକ୍ଷକଙ୍କୁ ଚିଠି, ମୋ' ହୃଦୟ ପିଲାଙ୍କ ପାଇଁ, ଗିଜୁଭାଇ ବାଧେକଙ୍କର ଦିବାସ୍ୱପ୍ନ, ତୋତଚାନ, ବିଦ୍ୟାଳୟରେ ମସ୍ତିଷ୍କ ନୁହେଁ, ହୃଦୟ, ମୁଁ ଇସ୍କୁଲ ଯିବି ଭଳି କିଛି ପୁସ୍ତକ ଶିକ୍ଷକଙ୍କୁ ପ୍ରଭାବିତ କରିଥିଲା । ବିଦ୍ୟାଳୟ ବାହାରେ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ 'ପରିବର୍ତ୍ତନ' ନାମରେ ଏକ ତାଲିମ ଶିକ୍ଷକଙ୍କୁ ନେଇ ଆୟୋଜନ କରାଯାଇଥିଲା । ଆଦିବାସୀ ଅଞ୍ଚଳରେ ଶିଶୁଙ୍କ ପ୍ରତି ମନୋଭାବ, ପାଠପଢ଼ା ପ୍ରତି ସକାରାତ୍ମକ ମନୋଭାବର ବିକାଶ, ଆଦିବାସୀ ଅଞ୍ଚଳରେ ଥିବା ଜ୍ଞାନକୌଶଳ, ସେମାନଙ୍କର ଭାଷାକୁ କିପରି ଭଲ ପାଇବେ, ଏହାକୁ ଆଧାର କରି ରାଜ୍ୟର ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା । ଏହାର ପ୍ରଭାବ ଅନେକାଂଶରେ ପଡ଼ିଥିବାର ଏ ଲେଖକ ଅନୁଭବ କରିଛି । ଶିକ୍ଷକମାନଙ୍କର ପୁସ୍ତକ ପ୍ରତି ଅଧ୍ୟୟନ ଅନେକ ମାତ୍ରାରେ ବଢ଼ିଥିଲା ଏବଂ ଏହାର ପ୍ରଭାବ ବିଦ୍ୟାଳୟରେ ପଡ଼ିଥିଲା । ମୁଁ ଦେଖୁଥିଲି, ପ୍ରଫେସର ମନ୍ମଥ ନାଥ କୁଣ୍ଡୁ, ଡ. ମୋହିତ ମୋହନ ମହାନ୍ତି, ଡ. ମହେନ୍ଦ୍ର ମିଶ୍ରଙ୍କ ଭଳି ବିଶିଷ୍ଟ ଶିକ୍ଷାବିତ୍ ମୋ' ହୃଦୟ ପିଲାଙ୍କ ପାଇଁ, ଜଣେ ଶିକ୍ଷକଙ୍କୁ ଚିଠି, ଦିବାସ୍ୱପ୍ନ, ଜୀବନ ବିଦ୍ୟାଳୟ, ପିଲାଏ ଶିକ୍ଷନ୍ତି କିଭଳି ପରି ଅନେକ ଉପାଦେୟ ପୁସ୍ତକକୁ ଶିକ୍ଷକଙ୍କୁ ପଢ଼ିବା ପାଇଁ ଶିକ୍ଷକଙ୍କ ତାଲିମ ସମୟରେ ଆଲୋଚନା କରୁଥିଲେ । ସେମାନଙ୍କ ଏହିଭଳି ବହି କିଣିବା ପାଇଁ ବି ଉତ୍ସାହିତ କରୁଥିଲେ । ଫଳରେ ଶିକ୍ଷକମାନେ ଏହିଭଳି ବହି ଖୋଜି ଖୋଜି କିଣୁଥିଲେ, ପଢୁଥିଲେ ଏବଂ ନିଜେ ଶିକ୍ଷାକୁ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ଭାବରେ କାର୍ଯ୍ୟ କରୁଥିଲେ ।

ବିଦ୍ୟାଳୟରେ ଶିକ୍ଷାଦାନ କରିବା କିମ୍ବା ଶିକ୍ଷକ ହେବା ନିମନ୍ତେ ଏକ ସମର୍ପିତ ହୃଦୟ ଦରକାର । ବର୍ତ୍ତମାନ ଅନେକ ଅଛନ୍ତି, ଯେଉଁମାନେ ସମର୍ପିତ ହୃଦୟ ନେଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ସମାଜ ଯାହା ଚାହୁଁଛି, ସେହି ଅନୁପାତରେ ସେମାନଙ୍କର ସଂଖ୍ୟା ଆବଶ୍ୟକତା ଅନୁସାରେ କମ୍ । ଶିକ୍ଷକ ଗୋଷ୍ଠୀ ବିଭିନ୍ନ ପ୍ରକାର ଅଣଶିକ୍ଷଣ ଦାୟିତ୍ୱ ଦ୍ୱାରା ନିଜ ନିଜର କାର୍ଯ୍ୟ ତଥା ପାଠପଢ଼ା ଠିକ୍ ଭାବରେ କରିପାରୁନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ ମୁଁ କହିବି, ଜଣେ ଶିକ୍ଷକଙ୍କୁ ଚିଠି ପୁସ୍ତକରେ ଅନେକ ଛାତ୍ର, ଯେଉଁମାନେ ବିଭିନ୍ନ କାରଣରୁ ସେମାନଙ୍କୁ ବିଦ୍ୟାଳୟରୁ ତଡ଼ା ଖାଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଶିକ୍ଷା ପାଇବାର ସୁଯୋଗ ପାଇ ଜଣେ ଜଣେ ଭଲ ମଣିଷ ହେଲେ, ସେମାନେ ତାଙ୍କର ଶିକ୍ଷକଙ୍କୁ ହୃଦୟସ୍ପର୍ଶୀ ଚିଠି ଦେଇଛନ୍ତି । ଏହାକୁ ପ୍ରତ୍ୟେକ ଶିକ୍ଷକ ପଢ଼ିବା ଦରକାର । ପ୍ରାୟତଃ ବର୍ଷକ ତଳେ ଥୁଆମୁଳ ରାମପୁରରେ ପୁସ୍ତକ ଶିକ୍ଷକମାନଙ୍କର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି । ଆଲୋଚନା ପ୍ରସଙ୍ଗରେ ପୁସ୍ତକ ପଠନ ସମ୍ପର୍କରେ ଆଲୋଚନା କରୁଥିଲି ଏବଂ ଶିକ୍ଷାରେ ଉଦ୍ଭାବନ ପରି ଶିକ୍ଷା ବିଷୟରେ ଆଲୋଚିତ ପୁସ୍ତକ ଯଥା ଜଣେ ଶିକ୍ଷକଙ୍କୁ ଚିଠି, ମୋ ହୃଦୟ ପିଲାଙ୍କ ପାଇଁ, ଯାସନାୟା ପୋଲ୍ୟାନା, ପିଲାଏ ଶିକ୍ଷନ୍ତି କିପରି ? ପିଲାଏ ବିଫଳ ହୁଅନ୍ତି କାହିଁକି ?, ବିଦ୍ୟାଳୟରେ ହୃଦୟ ନୁହେଁ, ମସ୍ତିଷ୍କ; ଏହିଭଳି କିଛି ପୁସ୍ତକ ପଠନ ପ୍ରତି ଆଗ୍ରହ ସମ୍ପର୍କରେ ଆଲୋଚନା କରୁଥିଲି । ଏସବୁ ପୁସ୍ତକ ସମ୍ପର୍କରେ କୌଣସି ଶିକ୍ଷକ ଜାଣିନାହାନ୍ତି ବୋଲି ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଇଥିଲି ।

ବିଦ୍ୟାଳୟ ଶିକ୍ଷାରେ ଅନେକ ପରିବର୍ତ୍ତନ ହୋଇଛି । ସ୍କୁଲଗୁଡ଼ିକ ଶିକ୍ଷଣ ସାମଗ୍ରୀରେ ପୂର୍ଣ୍ଣ ହୋଇଛି । ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ହୋଇଛି, ଅନେକ କିସମର ବିଦ୍ୟାଳୟ ଖୋଲା ହୋଇଛି, ସ୍କୁଲ ପରିଚାଳନା କମିଟିରେ ଅଭିଭାବକଙ୍କ ଭାଗୀଦାରିତା ବଢ଼ିଛି, ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ବଜେଟ ମଧ୍ୟ ହୋଇଛି, ନୂତନ ଶିକ୍ଷା ପଦ୍ଧତି ମଧ୍ୟ ହୋଇଛି, ପାଠ୍ୟ ପୁସ୍ତକରେ ପରିବର୍ତ୍ତନ ଆସିଛି, କିନ୍ତୁ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପାଠ ଛାଡ଼ିବା ସମସ୍ୟାକୁ ବନ୍ଦ କରିପାରିନାହୁଁ । ଯଦି ଆମେ ଶିକ୍ଷାରେ ଶିଶୁଟିର ପାଠ ଛାଡ଼ିବାର ବନ୍ଦ କରିବାକୁ ଚାହିଁବା, ଆମେ ଜଣେ ଶିକ୍ଷକଙ୍କୁ ଚିଠି, ମୋ' ହୃଦୟ ପିଲାଙ୍କ ପାଇଁ ଭଳି ଅନେକ ପୁସ୍ତକ ଅଛି, ପଢ଼ିଲେ ଆମର ଅନେକ ସମସ୍ୟାର ନିରାକରଣ ପାଇଁ ବାଟ ଖୋଲିବେବ ।

# ବିଜୁ ଲିଗାସୀର ପୁନଃରୁଦ୍ଧାର - ଭବିଷ୍ୟ ରାଜନିତୀର ପରିଭାଷା

ପ୍ରମୋଦ ସାମନ୍ତରାୟ

ବିଜୁ ବାବୁ ଓଡ଼ିଶାକୁ ଯେତିକି ଭଲ ପାଉଥିଲେ ଓଡ଼ିଶାବାସୀ ତାଙ୍କୁ ଅନୁରୂପ ଭାବେ ଭଲ ପାଉଥିଲେ । ବିଜୁ ପଟ୍ଟନାୟକ ଏକ ପ୍ରଗତିର ପ୍ରବାହ ପୁରୁଷ ଭାବେ ଯେତିକି ପରିଚିତ ତାଙ୍କ ଦେହାନ୍ତ ପରେ ପ୍ରବାଦ ପୁରୁଷ ଭାବେ ସେତିକି ଚର୍ଚ୍ଚିତ । ବିଜୁ ଲିଗାସୀକୁ ନେଇ ଢ଼େର କିଛି ବର୍ଷ ହେଲା ଓଡ଼ିଶାରେ ରାଜନୈତିକ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ବିଜୁ ପଟ୍ଟନାୟକ ଓଡିଶା ରାଜନୀତିର କର୍ଣ୍ଣଧାର ଥିଲେ । ଓଡ଼ିଶାରେ ଆଞ୍ଚଳିକ ରାଜନୈତିକ ଦଳ ଗଠନ ତାଙ୍କ ଦୁରଦୃଷ୍ଟି ଥିଲା । ପ୍ରାଥମିକ ପର୍ଯ୍ୟାୟରେ ଉତ୍କଳ କଂଗ୍ରେସ ଗଠନ କରି ବିଫଳତାର ସ୍ୱାଦ ଚାଖିଥିଲେ ବିଜୁ ପଟ୍ଟନାୟକ । ପରବର୍ତ୍ତୀ ସମୟରେ ତାଙ୍କ ବିୟୋଗ ପରେ ଆଞ୍ଚଳିକ ଦଳର ଆବଶ୍ୟକତା ଅନୁଭବ ହୋଇଥିଲା ଓଡ଼ିଶାରେ । ଓଡ଼ିଶାରେ କଂଗ୍ରେସର ଦୀର୍ଘ ଶାସନ ବ୍ୟବସ୍ଥା ପ୍ରତିହତ କରିବା ପାଇଁ ଜନତା ଦଳ ବା ବିଜେପି କେହି ସମାନ୍ତରାଳ ସ୍ଥିତିରେ ନ ଥିଲେ । ତେଣୁ ବିଜୁ ବାବୁଙ୍କ ଦେହାବସାନ ପରେ ତାଙ୍କ ସୁପୁତ୍ର ନବୀନ ପଟନାୟକ ଓଡିଶା ରାଜନୀତିରେ ପ୍ରବେଶ କଲେ । ବିଜୁ ବାବୁଙ୍କ ନାମରେ ପ୍ରତିଷ୍ଠା ହେଲା ନୂଆ ଆଞ୍ଚଳିକ ଦଳ ବିଜୁ ଜନତା ଦଳ । ଏହି ଆଞ୍ଚଳିକ ଦଳ ଓଡ଼ିଶାରେ ଐତିହାସିକ ସଫଳତା ହାସଲ କଲା । ଏହି ଦଳର ନେତୃତ୍ୱ ନେଇକି ନବୀନ ପଟନାୟକ ଲଗାତାର ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଇ ପାରିଥିଲେ ।



୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପରାସ୍ତ ହେଲା । ବିଜେପି ସରକାର ଗଢିଲା । ବିରୋଧୀ ଦଳରେ ବସିଲା ବିଜେଡି । ନବୀନ ପଟନାୟକ ବିରୋଧୀ ଦଳ ନେତା ହେଲେ । କ୍ଷମତାରୁ ଯିବାର କିଛି ମାସ ପରେ ବିଜେଡି ଭିତରେ ଥିବା ଲୁକ୍କାୟିତ ଅସନ୍ତୋଷ ପଦାକୁ ଆସିଲା । ଦଳର ବିପର୍ଯ୍ୟାୟ ପାଇଁ ଭି. କେ. ପାଣ୍ଡିଆନଙ୍କୁ ଖୁଲମଖୁଲା ଟାର୍ଗେଟ କଲେ ବିଜେଡି ନେତା । ସଭାପତି ହିସାବରେ ନବୀନ ଦଳ ଭିତରେ ସମାନ୍ତରାଳ ପରିସ୍ଥିତି ରଖିବାକୁ ଚେଷ୍ଟା କଲେ । ପରିସ୍ଥିତି ଅଣାୟତ୍ତ ହେବା ଦ୍ୱାରା ଧୀରେ ଧୀରେ ଦଳରୁ ବହିଷ୍କାର ପରି ଚରମ ପଦକ୍ଷେପ ନେବା ଆରମ୍ଭ ହେଲା । ଏହି ସବୁ ଅସନ୍ତୁଷ୍ଟ ନେତାଙ୍କ ଗୋଟିଏ ଅଭିଯୋଗ ଥିଲା ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଦଳ ଗଢ଼ା ଯାଇଥିଲା । ଦଳ ଗଢ଼ିଥିବା କୌଣସି ନେତୃମଣ୍ଡଳୀ ବର୍ତ୍ତମାନ ଦଳରେ ନାହାନ୍ତି । ଭିନ୍ନ ଭିନ୍ନ କାରଣରୁ ଏହି ନେତାମାନଙ୍କୁ ଦଳରୁ ଉଦ୍ଦ୍ୟେଶ ମୂଳକ ଭାବରେ ବାହାର କରାଯାଇ ବିଜୁ ଲିଗାସୀକୁ ସମାପ୍ତ କରା ଯାଉଛି । ସେଥିପାଇଁ ଦଳର ଏହିପରି ବିପର୍ଯ୍ୟାୟ ହେଲା । ଦିନକୁ ଦିନ ଦଳ ନିମ୍ନଗାମୀ ହେବାରେ ଲାଗିଛି । ଅନେକ ସମୟରେ ଦଳରୁ ବହିସ୍କୃତ କିଛି ନେତା ନିଜ ନିଜ ସ୍ଥାୟୀତ୍ୱ ପାଇଁ ବିଜୁ ଲିଗାସୀ ନାମରେ ଗୋଟାଏ ଦିଟା ବୈଠକ କରନ୍ତି ଓ ସମୟକ୍ରମେ ଚୁପ ବସି ପଡ଼ନ୍ତି । ଏବେ ପୁଣି ଏହି ନେତାମାନେ ସକ୍ରିୟ ହେଇଛନ୍ତି ବିଜୁ ଲିଗାସୀକୁ ପୁନଃରୁଦ୍ଧାର କରିବା ପାଇଁ । ନିକଟରେ ସମାପ୍ତ ହେଇଥିବା ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଜେପି ସମର୍ଥନରେ ଦିଲ୍ଲୀପ ରାୟ ନିର୍ବାଚନ ଜିତିଲେ ।

ଦିଲ୍ଲୀପ ରାୟ ବିଜେଡିର ଜଣେ ପ୍ରତିଷ୍ଠାତା ସଦସ୍ୟ । ବିଜୁ ପଟ୍ଟନାୟକଙ୍କ ଅତି ନିକଟତର ଥିଲେ । ତାଙ୍କରି ଆଶୀର୍ବାଦରୁ ବିଧାୟକ, ମନ୍ତ୍ରୀ, ସାଂସଦ, କେନ୍ଦ୍ରମନ୍ତ୍ରୀ ହେଇଥିଲେ । ବିଜୁଙ୍କ ସୁପୁତ୍ର ନବୀନ ରାଜନୀତି ପ୍ରତି ସେତେଟା ଆଗ୍ରହୀ ନ ଥିଲେ । ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ ପରି ଅନେକ ନେତା ରାଜନୀତିରେ ସଫଳତାର ଶୀର୍ଷ ଛୁଇଁ ଥିଲେ । ବିଜୁଙ୍କ ମୃତ୍ୟୁ ପରେ ବିଜେଡି ପ୍ରତିଷ୍ଠା ହେଲା ଓ ବିଜେପି ସହିତ ମେଣ୍ଟ କରି ୨୦୦୦ ମସିହାରେ ଓଡ଼ିଶାରେ ସରକାର ଗଢିଲା । ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ଦିଲ୍ଲୀପ ରାୟ ରାଜ୍ୟସଭା ସାଂସଦ ହେଇ କେନ୍ଦ୍ରରେ ଏନଡିଏ ସରକାରରେ ମନ୍ତ୍ରୀ ହେଲେ । ଠିକ ଦୁଇ ବର୍ଷ ପରେ ନବୀନ ପଟ୍ଟନାୟକ ଦିଲ୍ଲୀପ ରାୟଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳରୁ ବହିଷ୍କାର କରିଥିଲେ ଓ ଦଳର ନେତା ହିସାବରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କୁ ସୁପାରିଶ କରିଥିଲେ ତାଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବାହାର କରିବା ପାଇଁ । ଦିଲ୍ଲୀପ ରାୟ ମନ୍ତ୍ରୀମଣ୍ଡଳରୁ ବିଦା ହେଲେ । ଆଜି ପର୍ଯ୍ୟନ୍ତ ଏହାର ସଠିକ କାରଣ ନବୀନ ପଟ୍ଟନାୟକଙ୍କ ମୁହଁରୁ ଶୁଣିବାକୁ ମିଳୁଛି ନା ଦିଲ୍ଲୀପ ରାୟଙ୍କ ମୁହଁରୁ । କେଉଁ କାରଣ ପାଇଁ ଦିଲ୍ଲୀପ ରାୟଙ୍କ ପରି ନେତା ତଥା ବିଜେଡିର ପ୍ରତିଷ୍ଠାତା ସଦସ୍ୟ ଦଳରୁ ବିଦା ହେଲେ ତାହା ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀ ଜାଣି ପାରିଲେ ନାହିଁ । ଏହା ପରେ ଦିଲ୍ଲୀପ ରାୟ ସ୍ୱାଧୀନ ଭାବରେ ରାଜ୍ୟସଭା ସଦସ୍ୟ ହୋଇ ଜିତିଛନ୍ତି । କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ସଫଳତା ଶୂନ । ବିଜେପିରେ ଯୋଗ ଦେଇଛନ୍ତି । ରାଉରକେଲାରୁ ବିଧାୟକ ହେଇଛନ୍ତି । ୨୦୨୪ ମସିହାରେ ପୁନଃ ବିଜେପି ଟିକଟ ପାଇ ନିର୍ବାଚନ ହାରିଛନ୍ତି । ବିଜେପିରେ ଥାଇ ମଧ୍ୟ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ି ରାଜ୍ୟସଭା ଜିତିଛନ୍ତି । ବିଜେଡି ଓ କଂଗ୍ରେସରୁ ୧୧ ଜଣ ସଦସ୍ୟ କ୍ରସ ଭୋଟିଙ୍ଗ କରିବା ଦ୍ୱାରା ଦିଲ୍ଲୀପ ନିର୍ବାଚନ ଜିତିବା ସମ୍ଭବ ହେଲା । ଏବେ ବିଜୁ ଲିଗାସୀ ପୁନଃଉଦ୍ଧାର କମିଟିରେ ସେ ସଦସ୍ୟ ରହିଛନ୍ତି ।

ଆଉ ଜଣେ ନେତା ଯିଏ ବିଜୁ ଲିଗାସୀ ପାଇଁ ଅଧିକ ଯତ୍ନବାନ ସେ ହେଉଛନ୍ତି ବିଜୟ ମହାପାତ୍ର । ବିଜୁ ପଟ୍ଟନାୟକଙ୍କ ସହଯୋଗୀ ଥିଲେ । ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ବହୁତ କ୍ଷମତାଶାଳୀ ଥିଲେ । ବିଜେଡି ଗଠନ ହେଲା । ଏହାର ମଧ୍ୟ ପ୍ରତିଷ୍ଠାତା ସଦସ୍ୟ ଥିଲେ ବିଜୟ ମହାପାତ୍ର । ଦଳର ସଂସଦୀୟ କମିଟି ଅଧ୍ୟକ୍ଷ ଥିଲେ । ବିଜେଡି - ବିଜେପି ମେଣ୍ଟ ୨୦୦୦ ମସିହା ନିର୍ବାଚନ ପାଇଁ ପ୍ରସ୍ତୁତିରେ ଥାନ୍ତି । ଟିକଟ ବଣ୍ଟନ ଶେଷ ପର୍ଯ୍ୟାୟରେ । ହଠାତ ବିଜୟ ମହାପାତ୍ର ବିଜେଡିରୁ ବହିସ୍କୃତ ହେଲେ । ସଭାପତି ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଦଳ ଜିତିଲା ଓ ସରକାର ଗଢ଼ିଲା । ବିଜେଡି ଛିଡା ହେବା ପୂର୍ବରୁ ଭାଙ୍ଗିବା ପରି ରଣନୀତି ପ୍ରସ୍ତୁତ ହେଇଥିବା ଯେଉଁ ଆଶଙ୍କା ରହିଥିଲା ସେଥିରେ କେନ୍ଦ୍ରୀୟ ବିଜେପି ନେତାମାନଙ୍କ ଗୋପନୀୟ ନିର୍ଦ୍ଦେଶ ଯୋଗୁ ବିଜୟଙ୍କୁ ଦଳରୁ ବହିସ୍କାର କରି ଟିକେଟ କଟାଯାଇଥିଲା । ପ୍ରମୋଦ ମହାଜନଙ୍କ ଭୂମିକା ଏହା ପଛରେ ରହିଥିଲା । ବାଧ୍ୟ ହୋଇ ନବୀନ ସେହି ସମୟରେ ଏହି ପରି ଦୃଢ ନିଷ୍ପତି ନେଇଥିଲେ । ଆଜି ପର୍ଯ୍ୟନ୍ତ ବିଜୟ ମହାପାତ୍ର ଭିନ୍ନ ଭିନ୍ନ ଦଳ ପରିବର୍ତ୍ତନ କରି ବିଜୁ ଲିଗାସୀ ପୁନଃଉଦ୍ଧାର ପାଇଁ ସେ ଏବେ ଅଣ୍ଟା ଭିଡ଼ିଛନ୍ତି ।

ଓଡ଼ିଶାର ଆଉ ଜଣେ ନେତା ଏବେ ବିଜୁ ଲିଗାସୀର ପୁନଃରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛନ୍ତି । ସେ ହେଉଛନ୍ତି ସୌମ୍ୟ ରଞ୍ଜନ ପଟ୍ଟନାୟକ । ସମୟର ପରିବର୍ତ୍ତିତ ପରିସ୍ଥିତିରେ ବିଜୁ ଲିଗାସି ହେଉ କିମ୍ବା ଜାନକୀଙ୍କ ଲିଗାସୀକୁ ପାଥେୟ କରି ରାଜନୀତୀର ପଥ ଅନୁସରଣ କରିବାକୁ ବହୁ ନେତା ଅପେକ୍ଷା କରିଛନ୍ତି । ସୌମ୍ୟ ରଞ୍ଜନ ପ୍ରଥମେ ବିଜେପିରୁ ନିଜ ରାଜନୈତିକ ଜୀବନୀ ଆରମ୍ଭ କରିଥିଲେ । ନିର୍ବାଚନ ମଧ୍ୟ ଲଢ଼ିଥିଲେ । ସଫଳତା ପାଇ ନ ଥିଲେ । ୧୯୯୫ ମସିହାରେ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କଲା । ସୌମ୍ୟ ବାବୁଙ୍କ ଶଶୁର ଜାନକୀ ବଲ୍ଲଭ ପଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ସୌମ୍ୟ ବିଜେପି ପରିତ୍ୟାଗ କରି ଜାନକୀ ଲିଗାସୀରେ ଆତ୍ମସମର୍ପଣ କଲେ । କଂଗ୍ରେସ ଟିକଟରେ ଭୁବନେଶ୍ୱରରୁ ସାଂସଦ ହେଲେ ।

୧୯୯୬ ମସିହାରେ ଭୁବନେଶ୍ୱର ଲୋକସଭା ଆସନରୁ ଶିବାଜୀ ପଟ୍ଟନାୟକଙ୍କୁ ହରାଇ ସାଂସଦ ବନିଥିଲେ । କିନ୍ତୁ ୧୯୯୮ ମସିହାରେ କେନ୍ଦ୍ର ସରକାର ଭଙ୍ଗ ହେବାରୁ ସେ ସାଂସଦ ପଦ ହରାଇଲେ । ତା ପର ଠାରୁ ସେ କ୍ରମାଗତ ଭାବେ ଭୁବନେଶ୍ୱର ସାଂସଦ ଆସନରୁ ବିଜେଡିର ପ୍ରସନ୍ନ ପାଟଶାଣିଙ୍କ ଠାରୁ ପରାଜୟ ବରଣ କରିବା ପରେ ଖଣ୍ଡପଡା ବିଧାନସଭା ଆସନ ମୁହାଁଇଥିଲେ ଥିଲେ ସୌମ୍ୟ ବାବୁ । ସେଠାରୁ ନିର୍ବାଚନରେ ସଫଳ ହେଇ ନ ଥିଲେ କି କଂଗ୍ରେସ ସଂଗଠନ ସହିତ ତାଙ୍କର ସମ୍ପର୍କ ଭଲ ରହିଲା । କଂଗ୍ରେସରୁ ନିଲମ୍ବିତ ହେଲା ପରେ 'ଆମ ଓଡିଶା' ନାମକ ନୂଆ ଦଳ ଗଠନ କଲେ । ଖଣ୍ଡପଡା ନିର୍ବାଚନ ଲଢ଼ିଲେ ଓ ହାରିଲେ । ଶେଷକୁ ୨୦୧୮ ମସିହାରେ ନବୀନ ଶରଣମ ଗଚ୍ଛାମୀ । ବିଜେଡିରୁ ରାଜ୍ୟସଭା ସାଂସଦ ହେଲେ । ୨୦୧୯ ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସୌମ୍ୟ ବାବୁ ଇଚ୍ଛା ପ୍ରକାଶ କଲେ ଖଣ୍ଡପଡାରୁ ବିଧାୟକ ହେବେ । କାରଣ ବାରମ୍ବାର ଖଣ୍ଡପଡାରୁ ସେ ନିର୍ବାଚନ ହାରୁଥିଲେ । ଖଣ୍ଡପଡା ବିଜେଡିର ଗଡ଼ ଥିଲା । ପୁଣି ସେହି ନବୀନ ଓ ବିଜେଡି ଆଶୀର୍ବାଦରେ ଖଣ୍ଡପଡା ବିଧାୟକ ହେଲେ ସୌମ୍ୟ ବାବୁ । ଆଜି ସମୟ ଚକ୍ର ପରିବର୍ତ୍ତନ ହେଇଛି । ରାଜନୈତିକ ଅଭିଳାଷ ଚରିତାର୍ଥ କରିବା ପାଇଁ ଭିନ୍ନ ଭିନ୍ନ ଦଳ ଓ ସରକାର ସହିତ ସାଲିସ କରୁଥିବା ସୌମ୍ୟ ବାବୁଙ୍କୁ ଏବେ ଜନସାଧାରଣ ପ୍ରଶ୍ନ କରିବା ଆରମ୍ଭ କଲେଣି । ଜନତାଙ୍କ ପ୍ରଶ୍ନ ସୌମ୍ୟ ବାବୁ ପ୍ରଥମେ ପ୍ରମାଣ କରନ୍ତୁ କୋଉ ଲିଗାସୀକୁ ସେ ପ୍ରାଥମିକତା ଦେବେ ।

ବିଜୁ ବାବୁଙ୍କ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ବିଭିନ୍ନ ସ୍ଥାନରେ ପାଳିତ ହୋଇଛି । ବିଜୁବାବୁଙ୍କ ମନେ ପକାଇବା ପାଇଁ ଓଡ଼ିଶା ନାଗରିକ ମଞ୍ଚ ଓୟୁଏଟି କୃଷୀ ସଦନ ଠାରେ ଆୟୋଜନ କରିଥିଲା । ଏଥିରେ ବିଭିନ୍ନ ଦଳର ନେତାଙ୍କୁ ଆମନ୍ତ୍ରଣ କରାଯାଇଥିଲା । ବିଜୁ ବାବୁଙ୍କୁ ଭଲ ପାଉଥିବା ବହୁ ନେତା ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ଏମାନଙ୍କ ମଧ୍ୟରେ ପ୍ରଭାତ ତ୍ରିପାଠୀ, ଅମର ଶତପଥୀ, ସୋମ୍ୟ ରଞ୍ଜନ ପଟ୍ଟନାୟକ, ରବି ପାଣି ପ୍ରମୁଖ ନେତା ମାନେ ଏହି ସଭାରେ ଯୋଗଦେଇ ଓଡ଼ିଶଶ ଯୁବକମାନଙ୍କୁ ବିଜୁ ବାବୁଙ୍କ ଭଳି ଓଡ଼ିଶାକୁ ଭଲ ପାଇବା ପାଇଁ ନୂତନ ବାର୍ତ୍ତା ଦେଇଛନ୍ତି । ବିଜୁଙ୍କ ବିଚାରକୁ ନେଇ ଅଗାମୀ ଦିନରେ ଆଉ ଏକ ବିକଳ୍ପ ଦଳ ଗଠନ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇନପାରେ । ଏହି ରାଜନେତାମାନେ ସେମାନଙ୍କ ରାଜନୀତି ବୟସର ଅପରାହ୍ନରେ ଉପନୀତ । ତେବେ ଯୁବପୀଢ଼ୀଙ୍କୁ ନେଇ ଏକ ନୂଆ ସଂକଳ୍ପ ନେବାକୁ ଆହ୍ୱାନ ଦିଆଇଛି ।

# ପ୍ରଗତିର ପ୍ରବାହ, ଓଡ଼ିଶା ପ୍ରବାଦ ପୁରୁଷ

ବିଜୁ ପଟ୍ଟନାୟକ- କେବଳ ନାମ ହିଁ ଯଥେଷ୍ଟ । ସେ ପଦ ପଦବୀ, ରାଜନୀତି- ଏସବୁର ଯଥେଷ୍ଟ ଉର୍ଦ୍ଧ୍ୱରେ । ଅପୂର୍ବ ବୀରତ୍ୱ, ବିକାଶ, ଉଦାରତା, ଓଡ଼ିଶା ପାଇଁ ଅକୁଣ୍ଠ ଭଲପାଇବା ଏବଂ ସାରା ବିଶ୍ୱରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇବାକୁ ସଂକଳ୍ପବଦ୍ଧ ଥିଲେ 'ଟଲ୍ ମ୍ୟାନ୍' ବିଜୁ ପଟ୍ଟନାୟକ । ଯଦିଓ ତାଙ୍କର ପୂରା ନାମ ଥିଲା ବିଜୟାନନ୍ଦ ପଟ୍ଟନାୟକ, ତଥାପି ସେ ବିଜୁ ପଟ୍ଟନାୟକ ଭାବରେ ବିଶ୍ୱସ୍ତରରେ ପରିଚିତ । ସଂକୀର୍ଣ୍ଣ, ସ୍ୱାର୍ଥସର୍ବସ୍ୱ ରାଜନୀତି ତାଙ୍କୁ ସ୍ପର୍ଶ କରିପାରିନଥିଲା । ଯେଉଁଥିପାଇଁ ସେ ଆଜିକାଲିର ସରକାର ଭଳି ଦୀର୍ଘକାଳ ଓଡ଼ିଶାର ଶାସନ କ୍ଷମତାକୁ ଜାବୁଡ଼ି ଧରିପାରିନଥିଲେ । ଦଳ ମତ ନିର୍ବିଶେଷରେ କେବଳ ଓଡ଼ିଶା ନୁହେଁ, ସର୍ବଭାରତୀୟ ସ୍ତରରେ ରାଜନେତାମାନଙ୍କର ବିଜୁ ପଟ୍ଟନାୟକଙ୍କ ପ୍ରତି ରହିଥିଲା ଗଭୀର ଭଲପାଇବା ଏବଂ ସମ୍ମାନବୋଧ । ତାଙ୍କ ଅବର୍ତ୍ତମାନରେ ତାଙ୍କର ରାଜନୈତିକ ବିରୋଧୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ କହିଥିଲେ, "ସେ ଥିଲେ ମାଟିର ମୂର୍ତ୍ତିକାର, ଝଡ଼ର ଇଗଲ" । ଏହା ହିଁ ବିଜୁ ବାବୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଛି ।

**ସଂକ୍ଷିପ୍ତ ଜୀବନୀ:** ୫ ମାର୍ଚ୍ଚ ୧୯୧୬ରେ କଟକରେ ବିଜୁ ପଟ୍ଟନାୟକଙ୍କ ଜନ୍ମ । ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ । ମାତା ଆଶାଲତା ଦେବୀ । କଟକର ରେଭେନ୍ସା କଲେଜରେ ପାଠ ଅଧାରୁ ଛାଡି ଦିଲ୍ଲୀ ଫ୍ଲାଇଂ କ୍ଲବରୁ ପାଇଲଟ ଟ୍ରେନିଂ ନେଲେ । ରୟାଲ ଇଣ୍ଡିଆନ ଏୟାର ଫୋର୍ସରେ ଯୋଗ ଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବର୍ମା ଫ୍ରଣ୍ଟରେ ସୈନିକଙ୍କୁ ରସଦ ଯୋଗାଇଲେ । ୧୯୪୭ ରେ ନିଜ ଡାକୋଟା ବିମାନରେ ଇଣ୍ଡୋନେସିଆର ନେତାଙ୍କୁ ଡଚ୍ ଅବରୋଧରୁ ଉଦ୍ଧାର କରି 'ଭୂମିପୁତ୍ର' ଉପାଧି ପାଇଲେ । କାଶ୍ମୀର ଯୁଦ୍ଧରେ ପ୍ରଥମ ଦିନ ଶ୍ରୀନଗରରେ ସୈନ୍ୟ ଓହ୍ଲାଇଲେ । ୧୯୪୨ ଭାରତ ଛାଡ ଆନ୍ଦୋଳନ ବେଳେ ଗୁପ୍ତରେ ସଂଗ୍ରାମୀଙ୍କୁ ସାହାଯ୍ୟ ପାଇଁ ୨ ବର୍ଷ ଜେଲ ଗଲେ । ୧୯୪୬ ରେ ପ୍ରଥମ ଥର ବିଧାୟକ । ୧୯୬୧-୧୯୬୩ ଓ ୧୯୯୦-୧୯୯୫ ରେ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ । ୧୯୭୭ ରେ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ । ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଜନତା ପାର୍ଟି ଗଠନରେ ମୁଖ୍ୟ ଭୂମିକା । ପାରାଦୀପ ବନ୍ଦର, ହାଲ୍ ସୁନାବେଡା, ବାଲିମେଳା ପ୍ରକଳ୍ପ, କଳିଙ୍ଗ ଷ୍ଟାଡିୟମ ପ୍ରତିଷ୍ଠା । ୧୯୯୨ ରେ ଦେଶରେ ପ୍ରଥମ କରି ପଞ୍ଚାୟତରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ । ଏକ୍ସପ୍ରେସ ୱେ ଓ ଜିଲ୍ଲା ବିଭାଜନ ପରି ଦୂରଦର୍ଶୀ ଯୋଜନା । କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ଆଇରନ ୱର୍କସ, କଳିଙ୍ଗ ଏୟାରଲାଇନ୍ସ ପ୍ରତିଷ୍ଠା କରି ଘରୋଇ ଶିଳ୍ପର ପଥପ୍ରଦର୍ଶକ ହେଲେ ।

**ପାଇଲଟ ହେବାର ମୋହ:** ପିଲାଦିନୁ ବିଜୁ ପଟ୍ଟନାୟକଙ୍କର ବିମାନ ଉଡାଣ ପ୍ରତି ରହିଥିବା ଅହେତୁକ ମୋହ ଓ ଆକର୍ଷଣ । ପାଇଲଟ ହେବାର ଜିଦ୍ ପାଇଁ ବି.ଏସ୍‌ସି ପଢିବା ସମୟରେ ବିମାନ ଉଡାଣ ତାଲିମ ନେବାକୁ ସେ ପାଠ ପଢା ଅଧାରୁ ଛାଡି ଦେଇଥିଲେ । ଶେଷରେ ୧୯୩୦ ଦଶକରେ ଦିଲ୍ଲୀ ଫ୍ଲାଇଂ କ୍ଲବ୍‌ର ଏରୋନଟିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆରେ ବିଜୁ ବାବୁ ପାଇଲଟ ତାଲିମ ନେଲେ ଓ ଲାଇସେନ୍ସ ହାସଲ କଲେ ।

୨୯ତମ ଶ୍ରାଦ୍ଧ ଦିବସ

ବୈମାନିକ କ୍ୟାରିୟର ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭୂମିକା:
ବିଜୁ ପଟ୍ଟନାୟକ ଏରୋନଟିକ୍ସ ଇଞ୍ଜିନିୟରିଂ ଶିକ୍ଷା ହାସଲ ପରେ ରୟାଲ ଇଣ୍ଡିଆନ ଏୟାର୍ ଫୋର୍ସରେ ଯୋଗ ଦେଇ ବ୍ରିଟିଶଙ୍କ ତରଫରୁ ବର୍ମା ଓ ଚୀନରେ ସୈନିକମାନଙ୍କୁ ରସଦ ପହଞ୍ଚାଇବା ଓ ଉଦ୍ଧାର କାର୍ଯ୍ୟ କଲେ । ୧୯୪୭ ମସିହାରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ସମୟରେ ଡଚ୍ ଅବରୋଧ ସତ୍ତ୍ୱେ ନିଜ ଡାକୋଟା ବିମାନରେ ଉଡ଼ି ଯାଇ ପ୍ରଧାନମନ୍ତ୍ରୀ ସୁଲତାନ ସଜାରୀର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଗୁପ୍ତରେ ଉଦ୍ଧାର କରି ଭାରତ ଆଣିଥିଲେ । ଏଥିପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ଉପାଧି ଦେଇଥିଲେ । ଏଥିସହ ସେହି ୧୯୪୭ ମସିହାରେ ପାକିସ୍ତାନ ଆକ୍ରମଣ ବେଳେ ଶ୍ରୀନଗରରେ ପ୍ରଥମ ଦିନ ସୈନ୍ୟ ଓହ୍ଲାଇବାରେ ବିଜୁ ବାବୁ ନିଜେ ବିମାନ ଉଡ଼ାଇଥିଲେ ।

**ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅବଦାନ:** ବିଜୁ ପଟ୍ଟନାୟକ ଜଣେ ପାଇଲଟ ଭାବେ ନିଜ ଦକ୍ଷତାକୁ ଦେଶର ସ୍ୱାଧୀନତା ଓ ଗଣତନ୍ତ୍ର ପାଇଁ ବ୍ୟବହାର କରିଥିଲେ । ତାଙ୍କର ଅବଦାନ ସିଧାସଳଖ ଆନ୍ଦୋଳନ ଅପେକ୍ଷା ଗୁପ୍ତ ଓ ସାହସିକ କାର୍ଯ୍ୟରେ ଅଧିକ ଥିଲା । ୧୯୪୨ ମସିହା 'ଭାରତ ଛାଡ' ଆନ୍ଦୋଳନ ସମୟରେ ବିଜୁ ବାବୁ ରୟାଲ ଇଣ୍ଡିଆନ ଏୟାର ଫୋର୍ସରେ ଥିଲେ । ସେ ବ୍ରିଟିଶ ବିମାନ ବ୍ୟବହାର କରି ଗୁପ୍ତରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ବିଭିନ୍ନ ସ୍ଥାନକୁ ଲିଫଲେଟ୍, ଚିଠି ଓ ବାର୍ତ୍ତା ପହଞ୍ଚାଉଥିଲେ । ଅନେକ କଂଗ୍ରେସ ନେତାଙ୍କୁ ବ୍ରିଟିଶ ପୋଲିସ ହାତରୁ ବଞ୍ଚାଇବା ପାଇଁ ସେ ନିଜ ବିମାନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନ୍ତର କରୁଥିଲେ । ଏହି ଗୁପ୍ତ କାର୍ଯ୍ୟ ଯୋଗୁଁ ବ୍ରିଟିଶ ସରକାର ୧୯୪୩ରେ ତାଙ୍କୁ ଗିରଫ କରି ୨ ବର୍ଷ ଜେଲଦଣ୍ଡ ଦେଇଥିଲେ । ସେ ରେଡାଖୋଲ ଓ ଭାଗଲପୁର ଜେଲରେ ରହିଥିଲେ ।

**ରାଷ୍ଟ୍ରୀୟ ସ୍ତରରେ ଭୂମିକା:** ଜବାହରଲାଲ ନେହେରୁ ତାଙ୍କ ସାହସ ଓ ଦେଶଭକ୍ତି ପାଇଁ ବିଜୁ ବାବୁଙ୍କୁ ଖୁବ୍ ଭରସା କରୁଥିଲେ । ସ୍ୱାଧୀନତା ପରେ ବି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ତାଙ୍କୁ ପଠାଉଥିଲେ । ସମାଜବାଦୀ ନେତା ଜୟପ୍ରକାଶ ନାରାୟଣଙ୍କ ସହ ମିଶି ବ୍ରିଟିଶ ବିରୋଧୀ ଗୁପ୍ତ ଯୋଜନାରେ ସାମିଲ ଥିଲେ । ଭାରତ ସ୍ୱାଧୀନ ହେବା ପରେ ବି ସେ ଅନ୍ୟ ଦେଶର ସ୍ୱାଧୀନତା ପାଇଁ ଲଢିଲେ । ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନିଜ ଜୀବନ ବିପଦରେ ପକାଇ ଉଦ୍ଧାର କରିବା ତାଙ୍କର ସବୁଠୁ ବଡ଼ ଅବଦାନ ।

**ରାଜନୈତିକ ଜୀବନ:** ପାଇଲଟରୁ ଜନନେତା - ବିଜୁ ବାବୁଙ୍କ ରାଜନୈତିକ ଜୀବନ ସାହସ, ଦୂରଦୃଷ୍ଟି ଓ ବିବାଦରେ ଭରା । ସ୍ୱାଧୀନତା ପରେ ନେହେରୁଙ୍କ ପରାମର୍ଶରେ ରାଜନୀତିରେ ଯୋଗ ଦେଲେ । ୧୯୪୬ ରେ ଉତ୍ତର କଟକ ଆସନରୁ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହେଲେ । ୧୯୬୧ରୁ ୧୯୬୩ ମସିହାରେ ମାତ୍ର ୪୫ ବର୍ଷ ବୟସରେ ପ୍ରଥମ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ୧୯୬୩ ରେ ଇସ୍ତଫା ଦେଇ ସଂଗଠନ କାମରେ ଲାଗିଲେ । ତା ପରେ ୧୯୯୦ରୁ ୧୯୯୫ ମସିହାରେ ଜନତା ଦଳରୁ ବିପୁଳ ବିଜୟ ସହ ପୁଣି ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେଲେ । ୧୯୭୭ ରେ ମୋରାରଜୀ ଦେସାଇଙ୍କ ସରକାରରେ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଥିଲେ । ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଜୟପ୍ରକାଶ ନାରାୟଣଙ୍କ ସହ ମିଶି ଜନତା ପାର୍ଟି ଗଠନରେ ମୁଖ୍ୟ ଭୂମିକା । କେନ୍ଦ୍ରାପଡ଼ା, ଭୁବନେଶ୍ୱରରୁ ଲୋକସଭା ସାଂସଦ ଭାବେ ଦୁଇ ଥର ନିର୍ବାଚିତ ହୋଇଥିଲେ ।

**ଓଡ଼ିଶା ପାଇଁ ଅବଦାନ:** ବିଜୁ ବାବୁଙ୍କୁ 'ଆଧୁନିକ ଓଡ଼ିଶାର ନିର୍ମାତା' କୁହାଯାଏ । ତାଙ୍କ ଦୂରଦୃଷ୍ଟି ଓଡ଼ିଶାକୁ ଶିଳ୍ପ, ଭିତ୍ତିଭୂମି ଓ ସାମାଜିକ କ୍ଷେତ୍ରରେ ଆଗକୁ ନେଇଛି । ୧୯୬୨ ରେ ତାଙ୍କ ଉଦ୍ୟମରେ ପାରାଦୀପ ବନ୍ଦରର ଶିଳାନ୍ୟାସ । ଆଜି ଏହା ଭାରତର ପ୍ରମୁଖ ବନ୍ଦର ଓ ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ । ହାଲ୍‌ର ଏରୋ-ଇଞ୍ଜିନ କାରଖାନା ସୁନାବେଡାକୁ ଆଣିବାରେ ମୁଖ୍ୟ ଭୂମିକା ନେଇଥିଲେ । ହଜାର ହଜାର ରୋଜଗାର ସୃଷ୍ଟି । ରାଉରକେଲାରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ମନାଇବାରେ ବଡ଼ ଯୋଗଦାନ ତାଙ୍କର ରହିଥିଲା । ମାଲକାନଗିରି-କୋରାପୁଟରେ ବାଲିମେଳା ଜଳବିଦ୍ୟୁତ ଓ ଜଳସେଚନ ପ୍ରକଳ୍ପ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । କଳାହାଣ୍ଡି ଜିଲ୍ଲାର ଅପର ଇନ୍ଦ୍ରାବତୀ ବୃହତ ପ୍ରକଳ୍ପ ପାଇଁ ଯୋଜନା ଓ ଅନୁମୋଦନ । ସାଲନ୍ଦୀ, ବଡନାଳା ଆଦି ଛୋଟ-ବଡ଼ ଡ୍ୟାମ ଜରିଆରେ ଚାଷୀଙ୍କୁ ଜଳ ଯୋଗାଣ କରିଥିଲେ । ଭୁବନେଶ୍ୱର-ପୁରୀ ଓ କଟକ-ପାରାଦୀପ ଏକ୍ସପ୍ରେସ ୱେର ସ୍ୱପ୍ନ ସେ ଦେଖିଥିଲେ । ଭୁବନେଶ୍ୱର ବିମାନ ବନ୍ଦରର ବିକାଶ ଓ ଆନ୍ତର୍ଜାତୀୟ କରିବା ପାଇଁ ଚେଷ୍ଟା । ଆଜି ଏହା ତାଙ୍କ ନାଁରେ ନାମିତ । ୧୯୯୨ ରେ ଦେଶରେ ପ୍ରଥମ କରି ଓଡ଼ିଶାରେ ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷିତ କଲେ । ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । କ୍ରୀଡାର ବିକାଶ ପାଇଁ ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡିୟମ ନିର୍ମାଣ କରିଥିଲେ ।

**ଦୂରଦର୍ଶୀ ନିଷ୍ପତ୍ତି:** ବିଜୁ ବାବୁ ସମୟଠାରୁ ଆଗରେ ଚିନ୍ତା କରୁଥିଲେ । ତାଙ୍କ କିଛି ନିଷ୍ପତ୍ତି ସେତେବେଳେ ଅସମ୍ଭବ ଲାଗୁଥିଲା, କିନ୍ତୁ ଆଜି ଓଡ଼ିଶାର ବିକାଶର ମୂଳଦୁଆ । ୧୯୬୨ ମସିହାରେ ଯେତେବେଳେ ଓଡ଼ିଶାରେ ଶିଳ୍ପ ନଥିଲା, ସେତେବେଳେ ସେ ଏକ ବଡ଼ ବନ୍ଦର ପାଇଁ ଜିଦ୍ କଲେ । ଆଜି ଏହା ପୂର୍ବ ଭାରତର ସବୁଠୁ ବ୍ୟସ୍ତ ବନ୍ଦର ଓ ରାଜ୍ୟ ରାଜସ୍ୱର ମୁଖ୍ୟ ଉତ୍ସ । କୋରାପୁଟ ପରି ପଛୁଆ ଜିଲ୍ଲା ସୁନାବେଡ଼ାରେ ଏରୋ-ଇଞ୍ଜିନ କାରଖାନା ଆଣିବା । ଉଦ୍ଦେଶ୍ୟ ଥିଲା ଆଦିବାସୀ ଅଞ୍ଚଳରେ ରୋଜଗାର ଓ ଟେକ୍ନିକାଲ ଜ୍ଞାନ ପହଞ୍ଚାଇବା । ବଡ଼ବିଲରେ ନିଜ ଉଦ୍ୟମରେ କଳିଙ୍ଗ ଆଇରନ୍ ୱର୍କସ ଭଳି ଲୁହା କାରଖାନା କରି ଦେଖାଇଲେ ଯେ ଓଡ଼ିଶା ବି ଶିଳ୍ପ କରିପାରିବ । ସେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ମଣିଷ ଥିଲେ । ୧୯୯୦ ମସିହାରେ ୩୫ ବର୍ଷ ତଳେ ସେ ଭୁବନେଶ୍ୱର-ପୁରୀ ଓ କଟକ-ପାରାଦୀପ ୬ ଲେନ୍ ରାସ୍ତା କଥା କହିଥିଲେ । ସେତେବେଳେ ଲୋକେ ହସିଥିଲେ, ଆଜି ତାହା ବାସ୍ତବତା । ରାଜ୍ୟର ସବୁ ନଦୀ ଉପରେ ସେତୁ କରି ଗାଁ ଗାଁକୁ ଯୋଡ଼ିବା ତାଙ୍କ ସ୍ୱପ୍ନ ଥିଲା । ୧୯୯୨ ମସିହାରେ ଦେଶରେ ପ୍ରଥମ କରି ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ୩୩% ସିଟ୍ ସଂରକ୍ଷିତ କରିଥିଲେ । ୧୫ ବର୍ଷ ପରେ କେନ୍ଦ୍ର ସରକାର ଏହା ଅପଣାଇଲେ । ୧୯୯୦ ଦଶକରେ ଯେତେବେଳେ କମ୍ପ୍ୟୁଟର ନୂଆ ଥିଲା, ସେ ସ୍କୁଲରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରିଥିଲେ । ପ୍ରଶାସନକୁ ଲୋକଙ୍କ ପାଖକୁ ନେବା ପାଇଁ ୧୩ ଟି ଜିଲ୍ଲାକୁ ୩୦ ଟି କଲେ । ବିରୋଧ ହେଲା, କିନ୍ତୁ ଆଜି ଏହା ଯୋଗୁଁ ଶାସନ ସହଜ ହୋଇଛି । ୧୯୬୩ ରେ ମୁଖ୍ୟମନ୍ତ୍ରୀ ପଦ ଛାଡି ସଂଗଠନ ମଜବୁତ କଲେ । ପଦ ଠାରୁ ଦଳ ବଡ଼ - ଏହି ବାର୍ତ୍ତା ଦେଲେ ।

**ବହୁମୁଖୀ ପ୍ରତିଭା:** ବିଜୁ ବାବୁ କେବଳ ଜଣେ ରାଜନେତା ନଥିଲେ । ତାଙ୍କ ଜୀବନ ଏକ ରୋମାଞ୍ଚକର ଉପନ୍ୟାସ ପରି - ପ୍ରତି ପୃଷ୍ଠାରେ ନୂଆ ପ୍ରତିଭା । ସେ ରୟାଲ ଇଣ୍ଡିଆନ ଏୟାର ଫୋର୍ସର ଫାଇଟର ପାଇଲଟ ଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବର୍ମା ଫ୍ରଣ୍ଟରେ ବିପଦପୂର୍ଣ୍ଣ ମିଶନ । ୧୯୪୭ ରେ ଇଣ୍ଡୋନେସିଆର ନେତାଙ୍କୁ ଡଚ୍ ଅବରୋଧ ଭେଦି ଉଦ୍ଧାର କରି 'ଭୂମିପୁତ୍ର' ଉପାଧି ପାଇଲେ । କାଶ୍ମୀର ଯୁଦ୍ଧରେ ପ୍ରଥମ ଦିନ ସୈନ୍ୟ ନେଇ ଶ୍ରୀନଗରରେ ଓହ୍ଲାଇଥିଲେ । ୧୯୪୨ ଭାରତ ଛାଡ ଆନ୍ଦୋଳନ ବେଳେ ଗୁପ୍ତରେ ନେତାଙ୍କୁ ବିମାନରେ ସ୍ଥାନ୍ତର, ଲିଫଲେଟ ବାଣ୍ଟିବା ପାଇଁ ୨ ବର୍ଷ ଜେଲ ଯାଇଥିଲେ । ସେ ଜଣେ ଦୂରଦର୍ଶୀ ରାଜନେତା,ଦୁଇ ଥର ମୁଖ୍ୟମନ୍ତ୍ରୀ, ଥରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ । ପାରାଦୀପ ବନ୍ଦର, ହାଲ୍ ସୁନାବେଡା, ମହିଳା ସଂରକ୍ଷଣ ୩୩%, ଜିଲ୍ଲା ବିଭାଜନ ପରି ଯୁଗାନ୍ତକାରୀ ନିଷ୍ପତ୍ତି । ରାଜନୀତି ବାହାରେ ସେ ଜଣେ ସଫଳ ଉଦ୍ୟୋଗୀ ଥିଲେ । କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ଆଇରନ ୱର୍କସ, କଳିଙ୍ଗ ଏୟାରଲାଇନ୍ସ ପ୍ରତିଷ୍ଠା କରିଥିଲେ । ଓଡ଼ିଶାରେ ଘରୋଇ ଶିଳ୍ପର ପଥପ୍ରଦର୍ଶକ । ସେ ଜଣେ ଭଲ ଖେଳାଳି ଥିଲେ । ହକି, ଫୁଟବଲ ଖେଳୁଥିଲେ । ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡିୟମ ତାଙ୍କ ଦାନ । ଆଜି ଏହା ଭାରତୀୟ ହକିର ଘର । ସେ ଜଣେ ଲେଖକ ଏବଂ ଇଂରାଜୀରେ ପ୍ରଖର ବକ୍ତା ଥିଲେ । ତାଙ୍କ ଭାଷଣରେ ସାହସ ଓ ସ୍ୱଚ୍ଛତା ଥିଲା । ନିଜ ଜୀବନ ଅନୁଭୂତିକୁ ନେଇ ଲେଖୁଥିଲେ । ୧୯୯୦ ଦଶକରେ କମ୍ପ୍ୟୁଟର ଓ ଟେକ୍ନୋଲୋଜିର ଗୁରୁତ୍ୱ ବୁଝି ସ୍କୁଲରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରାଇଥିଲେ ।

**ବ୍ୟକ୍ତିଗତ ଜୀବନ :** ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ଜ୍ଞାନ ପଟ୍ଟନାୟକ । ସେ କାଶ୍ମୀରର ପଣ୍ଡିତ ପରିବାରର ଝିଅ ଥିଲେ । ବିଜୁ ବାବୁ ବିମାନ ଉଡାଇ ତାଙ୍କୁ ନେଇ ପଳାଇ ବିବାହ କରିଥିଲେ - ଏହି ପ୍ରେମ କାହାଣୀ ବହୁତ ଚର୍ଚ୍ଚିତ । ୨ ପୁଅ ଓ ୧ ଝିଅ । ପ୍ରେମ ପଟ୍ଟନାୟକ, ନବୀନ ପଟ୍ଟନାୟକ ଓ ଗୀତା ମେହେଟା । ନବୀନ ପଟ୍ଟନାୟକ ପରେ ଓଡ଼ିଶାର ୫ ଥର ମୁଖ୍ୟମନ୍ତ୍ରୀ ହେଲେ । ଗୀତା ମେହେଟା ଜଣେ ପ୍ରସିଦ୍ଧ ଲେଖିକା । ମନରେ ଯାହା ଥାଏ ମୁହଁରେ କହିଦିଅନ୍ତି । ବିପଦକୁ ଡରୁନଥିଲେ । ବିଳାସପୂର୍ଣ୍ଣ ଜୀବନ ପସନ୍ଦ କରୁନଥିଲେ । ସାଧାରଣ ଲୁଙ୍ଗି-କୁର୍ତ୍ତା ପିନ୍ଧୁଥିଲେ । ଲୋକଙ୍କ ସହ ମିଶିବାକୁ ଭଲ ପାଉଥିଲେ । ଉଡ଼ାଜାହାଜ, ଦାମୀ କାର, ସିଗାର ଭାରି ସଉକ ଥିଲା । ନିଜେ ଗାଡ଼ି ଚଳାଇବାକୁ ଭଲ ପାଉଥିଲେ । ଓଡ଼ିଆ ଖାଇବା - ପଖାଳ, ମାଛ ଭାଜା ତାଙ୍କର ପ୍ରିୟ ଥିଲା । ତାଙ୍କ ଇଚ୍ଛା ଥିଲା ଯେ ମୃତ୍ୟୁ ପରେ ତାଙ୍କ ଅସ୍ଥିକୁ ୩ ଭାଗ କରି ପୁରୀ ସ୍ୱର୍ଗଦ୍ୱାର, ପାରାଦୀପ ସମୁଦ୍ର ଓ ହୀରାକୁଦ ଜଳଭଣ୍ଡାରରେ ବିସର୍ଜନ କରାଯିବ । ୧୭ ଏପ୍ରିଲ ୧୯୯୭ ରେ ଦେହାନ୍ତ ପରେ ଏହି ଇଚ୍ଛା ପୂରଣ ହେଲା ।

# ମହିଳା ସଂରକ୍ଷଣ : ଆଶାବାଡ଼ି ନୁହେଁ, ଅଧିକାର ପାଇଁ ଅଗ୍ରାଧିକାରର ଆବଶ୍ୟକତା



ଶ୍ରୀମା ଶତପଥୀ

ସମାଜ ଏକ ରଥ ହେଲେ, ପୁରୁଷ ଓ ମହିଳା ଦୁଇଟି ଚକ । ଯଦି ଗୋଟିଏ ଚକ ଦୁର୍ବଳ ରହେ, ତେବେ ରଥ ଆଗକୁ ବଢ଼ିବା ସମ୍ଭବ ନୁହେଁ । ଆଜି ଯେତେବେଳେ ଆମେ ଲୋକସଭା ଓ ବିଧାନସଭାରେ ୩୩% ମହିଳା ସଂରକ୍ଷଣ ବିଷୟରେ କଥା ହେଉଛୁ, ଆମକୁ ବୁଝିବାକୁ ହେବ ଯେ ପ୍ରକୃତରେ ଏହା କେବଳ ରାଜନୈତିକ ସୁବିଧା ନୁହେଁ, ବରଂ ଏକ ଦୀର୍ଘଦିନର ଅନ୍ୟାୟକୁ ସୁଧାରିବାର ପ୍ରୟାସ । କାରଣ, ଆମେ ହୁଏତ ଗର୍ବ କରୁ ଯେ ମହିଳାମାନେ ଆଜି ଆକାଶଛୁଆଁ ସଫଳତା ପାଉଛନ୍ତି, କିନ୍ତୁ ପରିସଂଖ୍ୟାନ ଦେଖିଲେ ଏହା ଏବେ ବି ଚିନ୍ତାଜନକ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଏନଏଚଏଫଏସର ରିପୋର୍ଟ ତଥ୍ୟ ଅନୁସାରେ, ଅନେକ ମହିଳା ପାରିବାରିକ ନିଷ୍ପତ୍ତି ନେବାରେ ସ୍ୱାଧୀନ ନୁହନ୍ତି । ପ୍ରାୟ ୮୯% ବିବାହିତ ମହିଳା ନିଜ ସ୍ୱାସ୍ଥ୍ୟ, ଘରକରଣା ଜିନିଷ କିଣିବା ଏବଂ ପରିବାରକୁ ଭେଟିବା ଭଳି ନିଷ୍ପତ୍ତିରେ ସାମିଲ ହେଉଛନ୍ତି । ଏମିତିକି ହିତାଧିକାରୀ ଭାବେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଉଥିବା ମହିଳାମାନେ ମଧ୍ୟ ସରକାରୀ ତହବିଲରୁ ପାଉଥିବା ଟଙ୍କାକୁ ବିନିଯୋଗ କରିବା ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ତଥ୍ୟ ବାରମ୍ବାର ସାମ୍ନାକୁ ଆସେ । ପ୍ରାୟ ୭୮.୬% ମହିଳାଙ୍କର ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ରହିଛି, ଯାହା ପୂର୍ବ ଅପେକ୍ଷା ୨୫% ବୃଦ୍ଧି ପାଇଛି ।

ଭାରତରେ ମହିଳାମାନେ ପୁରୁଷଙ୍କ ତୁଳନାରେ ସମାନ କାମ ପାଇଁ କମ୍ ପାରିଶ୍ରମିକ ପାଉଛନ୍ତି । ଏମିତିକି ଅନେକ ସ୍ଥାନରେ ମହିଳା ହୋଇଥିବା କାରଣରୁ ନିଯୁକ୍ତିରୁ ବଞ୍ଚିତ ରୁହନ୍ତି । ବିଶେଷ କରି ଅଣସଂଗଠିତ କ୍ଷେତ୍ର କୃଷି ଶ୍ରମିକ, ନିର୍ମାଣ ଶ୍ରମିକ ଏବଂ ଘରୋଇ ସହାୟିକା ଭାବେ କାମ କରୁଥିବା ମହିଳାମାନେ ସବୁଠାରୁ କମ୍ ମଜୁରି ପାଆନ୍ତି । କାରଖାନା ଓ ଉତ୍ପାଦନ କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ତୁଳନାରେ ମାତ୍ର ୪୪% ରୁ ୭୦% ପର୍ଯ୍ୟନ୍ତ ଦରମା ପାଉଛନ୍ତି । ସ୍ୱୟଂ ନିଯୁକ୍ତି ତଥା ସେଲ୍ଫ ଏମପ୍ଲୟମେଣ୍ଟ ମାଧ୍ୟମରେ ମହିଳାମାନେ ନିଜସ୍ୱ କାର୍ଯ୍ୟରୁ ପୁରୁଷଙ୍କ ତୁଳନାରେ ମାତ୍ର ୩୬% ରୋଜଗାର କରିଥାନ୍ତି ।

ଏନସିଆରବି ତଥ୍ୟର ସଂଖ୍ୟା କହୁଛି ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ କମିବା ପରିବର୍ତ୍ତେ ବଢ଼ିଛି । ୨୦୨୨ ମସିହାରେ ସାରା ଭାରତରେ ୪,୪୫,୨୫୬ ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି, ଯାହା ୨୦୨୧ ତୁଳନାରେ ୪% ଅଧିକ । ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ପ୍ରାୟ ୬୬.୪ ଜଣ ଅପରାଧର ଶିକାର ହେଉଛନ୍ତି । ଓଡ଼ିଶାରେ ଏହି ସ୍ଥିତି ଆହୁରି ସଙ୍ଗୀନ । ଓଡ଼ିଶାରେ ମହିଳା ଅପରାଧ ହାର ଖୁବ ଅଧିକ ରହିଛି । ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରେ ୧୧୨.୪ ମାମଲା ସାମ୍ନାକୁ ଆସିଛି । ଯାହା ଜାତୀୟ ହାର ଠାରୁ ପ୍ରାୟ ଦୁଇଗୁଣ । ଏବେ ବି ୩୨% ବିବାହିତ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି ।

ସ୍ୱାମୀ ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା- ୩୧.୪%

ଅପହରଣ- ୧୯.୨%

ଅଶ୍ଳୀଳତା ଓ ସମ୍ମାନ ହାନି- ୧୮.୭%

ଦୁଷ୍କର୍ମ- ୭.୧%

ଏହି ତଥ୍ୟଗୁଡ଼ିକ ସ୍ପଷ୍ଟ କରୁଛି ଯେ, ଯଦିଓ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଉନ୍ନତି ହେଉଛି, କିନ୍ତୁ ସୁରକ୍ଷା ଓ ଆର୍ଥିକ ସମାନତା କ୍ଷେତ୍ରରେ ଏବେ ବି ଅନେକ କାମ ବାକି ଅଛି । ୨୦୨୫ ର ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି ଯେ, ଅର୍ଦ୍ଧାଧିକ କାମର ମୂଲ୍ୟ ନାହିଁ । ଅର୍ଥାତ ମହିଳାମାନେ ପୁରୁଷଙ୍କ ତୁଳନାରେ ୩ ଗୁଣ ଅଧିକ ସମୟ ଘରକାମରେ ବିତାଉଛନ୍ତି, ଯାହାର କୌଣସି ଆର୍ଥିକ ମୂଲ୍ୟ ଦିଆଯାଉନାହିଁ । ଆଜି ବି ୪୦% କିଶୋରୀ ବିଦ୍ୟାଳୟ ପାଠପଢ଼ା ମଝିରୁ ଛାଡ଼ିଦେଉଛନ୍ତି, ଯାହାର ମୁଖ୍ୟ କାରଣ ହେଉଛି ସାମାଜିକ ପ୍ରଥା ଓ ସୁବିଧା ସୁଯୋଗର ଅଭାବ । ଏହି ସମସ୍ତ ତଥ୍ୟ ଆମକୁ ବୁଝାଉଛି ଯେ, ଯଦିଓ ଆମେ ପ୍ରଗତି କରୁଛୁ, ମହିଳାମାନଙ୍କୁ ସମାନ ଅଧିକାର ଓ ସୁରକ୍ଷା ଦେବା ପାଇଁ ୩୩% ସଂରକ୍ଷଣ ଭଳି ପଦକ୍ଷେପ ଏକ ଜରୁରୀ ଆବଶ୍ୟକତା ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଯଦି ଭାରତର ପ୍ରାୟ ୧୪୦ କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୪୮.୫% ମହିଳା। ଓଡ଼ିଶାରେ ମଧ୍ୟ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ପ୍ରାୟ ୯୭୮ ରହିଛି। ଯେଉଁଠି ଅଧା ଜନସଂଖ୍ୟା ମହିଳା, ସେଠାରେ ଦେଶର ନୀତି ନିର୍ଦ୍ଧାରଣରେ ସେମାନଙ୍କ ସହଭାଗିତା ମାତ୍ର ୧୫% ରହିବା କ'ଣ ନ୍ୟାୟସଙ୍ଗତ? ଏହି ବୈଷମ୍ୟ ଦୂର କରିବା ପାଇଁ ସଂରକ୍ଷଣ ଅତ୍ୟନ୍ତ ଜରୁରୀ । ଅନେକେ ଯୁକ୍ତି କରନ୍ତି ଯେ ଯୋଗ୍ୟତା ଭିତ୍ତିରେ ସ୍ଥାନ ମିଳିବା ଉଚିତ। କିନ୍ତୁ ମନେ ରଖିବାକୁ ହେବ ଯେ, ଯେଉଁଠି ଦୌଡ଼ ପ୍ରତିଯୋଗିତାରେ ଜଣଙ୍କ ଗୋଡ଼ ବନ୍ଧା ହୋଇଛି, ସେଠାରେ ସମାନ ସୁଯୋଗର କଥା କହିବା ଅର୍ଥହୀନ। ୩୩% ସଂରକ୍ଷଣ ସେହି ବନ୍ଧନ ଖୋଲିବାର ଏକ ପ୍ରକ୍ରିୟା ହେବ।

ତେଣୁ ପ୍ରଶ୍ନ ବରଂ ଏଇୟା ହେବା ଉଚିତ ଯେ ୩୩% କାହିଁକି ? ୫୦% କାହିଁକି ନୁହେଁ? ଯଦି ଜନସଂଖ୍ୟାରେ ମହିଳା ଅଧା, ତେବେ ସଂରକ୍ଷଣ ୩୩% କାହିଁକି? ଓଡ଼ିଶା ପରି ରାଜ୍ୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ଦେଇ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି। ବିଧାନସଭା ଓ ସଂସଦରେ ମଧ୍ୟ ଏହି ହାର ବୃଦ୍ଧି ପାଇବା ଆବଶ୍ୟକ।

ଯେଉଁମାନେ ଏହି ସଂରକ୍ଷଣକୁ ବିରୋଧ କରନ୍ତି, ସେମାନେ ବୁଝିବା ଉଚିତ ଯେ ଜଣେ ମହିଳା ସଶକ୍ତ ହେଲେ ଏକ ପରିବାର ଓ ଶେଷରେ ଏକ ଦେଶ ସଶକ୍ତ ହୁଏ। ମହିଳାମାନେ ଶାସନକୁ ଅଧିକ ସମ୍ବେଦନଶୀଳ ଓ ସମାଧାନ ଭିତ୍ତିକ କରିପାରିବେ କାରଣ କଥା କଥାରେ ଆମେ ଯଦି କହୁଛୁ ମହିଳାମାନେ ହିଁ ଘରର ମେରୁଦଣ୍ଡ ସେମାନେ ଘର ଯୋଡ଼ିବା କଳା ଜାଣନ୍ତି ତେବେ ସେମାନେ ଦେଶ କାହିଁକି ଯୋଡ଼ି ରଖିପାରିବେ ନାହିଁ? ପିଢିପିଢି ଧରି ଆମେ ଶୁଣି ଆସିଛୁ ଝିଅଟିଏ ଶୀଘ୍ର ବଡ଼ ହୁଏ, ବୟସ ଅପେକ୍ଷା ଅଧିକ ଅନୁଭବୀ । ଏମିତିକି ପୁରୁଷଙ୍କ ସର୍ବନିମ୍ନ ବିବାହ ବୟସ ସୀମା ଅପେକ୍ଷା ମହିଳାଙ୍କ ବିବାହ ବୟସ ସୀମା ମଧ୍ୟ କମ । ଏହା ପ୍ରମାଣିତ କରେ କି ମହିଳାମାନେ ଜୀବନ ଓ ଦର୍ଶନକୁ ନେଇ ମଧ୍ୟ ଖୁବ ପରିପକ୍ୱ ନିହାତି । ତାହାଲେ ମହିଳାଙ୍କ ନିର୍ଣ୍ଣୟ ନେବାର କ୍ଷମତାକୁ ସ୍ୱୀକାର କରିବାରେ ଆମର ଦ୍ୱିଧା କାହିଁକି ରହିବ ?

ତେବେ ୩୩% ସଂରକ୍ଷଣ ଏକ ଲକ୍ଷ୍ୟ ନୁହେଁ, ବରଂ ଏକ ଶୁଭାରମ୍ଭ। ଯେଉଁଦିନ ସମାଜରେ ମହିଳାଙ୍କୁ ସଂରକ୍ଷଣର ବୈଶାଖୀ ତଥା ଆଶାବାଡି ଆଉ ଦରକାର ପଡ଼ିବ ନାହିଁ ଏବଂ ସେମାନେ ନିଜ ସାମର୍ଥ୍ୟରେ ୫୦%ରୁ ଅଧିକ ସ୍ଥାନ ଦଖଲ କରିବେ, ଯେଉଁଦିନ ସେମାନଙ୍କୁ ମୋହରା କରି ପରିବାର ସଦସ୍ୟ ନିର୍ବାଚିତ ପ୍ରତିନିଧିଙ୍କ ସ୍ଥାନରେ ବସିବେ ନାହିଁ ସେଦିନ ହିଁ ପ୍ରକୃତ ସମାନତା ଆସିବ। ତେଣୁ କେବଳ ପଞ୍ଚାୟତିରାଜ ବ୍ୟବସ୍ଥା ନୁହେଁ ସେମାନଙ୍କୁ ସଂସଦରେ ସାଂସଦ ଭାବେ ସ୍ୱର ଉତ୍ତୋଳନ କରିବାକୁ ହେଲେ ଏହି ଶୁଭାରମ୍ଭ ନିତାନ୍ତ ଆବଶ୍ୟକ । ଯାହାଦ୍ୱାରା ମହିଳାଙ୍କୁ କେବଳ 'ଭୋଟ୍ ବ୍ୟାଙ୍କ' ନୁହେଁ, ବରଂ 'ଭାଗ୍ୟ ବିଧାତା' ଭାବେ ସମସ୍ତେ ଗ୍ରହଣ କରିବା ସାଙ୍ଗକୁ ମହିଳାଙ୍କ ନିର୍ଣ୍ଣୟକୁ ଗ୍ରହଣ କରିବାର ସାମର୍ଥ୍ୟ ରଖିବେ ।


ଲେଖିକା ଓ ସାମ୍ବାଦିକା


# ଏଣିକି ସ୍ଲଟ୍ ବୁକିଂରେ ହେବ ଜଗା ଦର୍ଶନ



ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ଶ୍ରୀମନ୍ଦିରରେ ବଦଳିବ ଦର୍ଶନ ବ୍ୟବସ୍ଥା। ଖୁବ୍ ଶୀଘ୍ର ସ୍ଲଟ୍ ବୁକିଂ ମାଧ୍ୟମରେ ଜଗା ଦର୍ଶନ ଆରମ୍ଭ ହେବ। ଏ ନେଇ ଆଜି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ସୁଗମ କରିବା ପାଇଁ ସରକାର ବିଭିନ୍ନ ରାସ୍ତା ଆପଣାଉଛନ୍ତି । ଏଥିପାଇଁ ସ୍ଲଟ୍ ବୁକିଂ ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କରାଯାଉଛି । ତେବେ ଉଭୟ ଲାଇନ୍ ଏବଂ ସ୍ଲଟ ବୁକିଂ ଦର୍ଶନ ଜାରି ରହିବ, ସେନେଇ ଆମେ ଯୋଜନା କରୁଛୁ ସ୍ଲଟ୍ ବୁକିଂ କରି ଶ୍ରଦ୍ଧାଳୁମାନେ କିଭଳି ନିର୍ଦ୍ଦିଷ୍ଟ ବୁକିଂ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ,ତାକୁ ନଜରରେ ରଖି ଏଭଳି ବ୍ୟବସ୍ଥା ପାଇଁ ଚିନ୍ତା କରାଯାଉଛି । ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି । ମ୍ୟାନେଜିଂ କମିଟିରେ ଏନେଇ ଆଲୋଚନା ପରେ ସ୍ଲଟ୍ ବୁକିଂକୁ ନେଇ ନିଷ୍ପତ୍ତି ହେବ। ନାଟମଣ୍ଡପକୁ ମଧ୍ୟ ଖୁବଶୀଘ୍ର ଏୟାର କଣ୍ଡିସନିଂ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିଭଳି ଧାଡ଼ି ଦର୍ଶନକୁ ନେଇ ପ୍ରସ୍ତୁତ ରାମ୍ପକୁ ଖୁବଶୀଘ୍ର ଲାଗୁ କରାଯିବ । ମନ୍ଦିରରେ ଏକ ସମୟରେ ସାଢ଼େ ଚାରି ହଜାରରୁ ପାଞ୍ଚ ହଜାର ଶ୍ରଦ୍ଧାଳୁ ଏକା ସମୟରେ ଦର୍ଶନ କରିପାରିବେ, ସେହି ବ୍ୟବସ୍ଥା କରାଯାଉଛି ।

# ଓଏସଏସଏସସିର ନିଷ୍ପତ୍ତି ହାଇକୋର୍ଟରେ ରଦ୍ଦ, ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ

କଟକ, ୧୮/୦୪ (ଜେଏନଏସ) : ଓଏସଏସଏସସିର ନିଷ୍ପତ୍ତି ହାଇକୋର୍ଟରେ ରଦ୍ଦ । ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ । ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ୩୩୭ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ରାସ୍ତା ପରିଷ୍କାର କରିଛନ୍ତି । ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଓଏସଏସଏସସି ଦ୍ୱାରା ଆୟୋଜିତ ହୋଇଥିବା ପରୀକ୍ଷା ସମ୍ପର୍କିତ ବିବାଦର ସମାଧାନ କରିଛନ୍ତି । ଲାଇଭଷ୍ଟକ ଇନ୍ସପେକ୍ଟର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପୋଷ୍ଟ ପାଇଁ ହୋଇଥିବା ଏହି ପରୀକ୍ଷାରେ ଜଡିତ ୩୩୭ ପ୍ରାର୍ଥୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି । ଓଏସଏସଏସସି ପକ୍ଷରୁ କମ୍ବାଇନଡ ରିକ୍ରୁଟମେଣ୍ଟ ପରୀକ୍ଷା ୨୦୨୩କୁ ନେଇ ପ୍ରାର୍ଥୀଙ୍କୁ ଜାରି କରିଥିବା କାରଣ ଦର୍ଶାଅ ନୋଟିସ୍ ଏବଂ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । କମିସନ ଆସନ୍ତା ୩ ସପ୍ତାହ ମଧ୍ୟରେ ଆଶାୟୀମାନଙ୍କ ପଦ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ। ସୁପାରିଶ ପାଇବା ପରେ ସରକାରୀ ବିଭାଗ ଗୁଡ଼ି ବିନା କୌଣସି ବିଳମ୍ବରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ । ଏହି ଆବେଦନକାରୀ ପ୍ରାର୍ଥୀମାନେ ପୂର୍ବରୁ ସରକାରୀ ଚାକିରୀରେ ଯୋଗଦେଇଥିବା ପ୍ରାର୍ଥୀଙ୍କ ଠାରୁ ବରିଷ୍ଠତା ଦାବି କରି ପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ଓଏସଏସଏସସି ଦ୍ୱାରା ୧୯ ଫେବୃଆରୀ ୨୦୨୫ରେ ଜାରି ହୋଇଥିବା ଶୋ-କଜ ନୋଟିସ ଏବଂ ୧୦ ଅକ୍ଟୋବର ୨୦୨୫ର ଆଦେଶକୁ ଅବୈଧ ଘୋଷଣା କରିଛନ୍ତି । ହାଇକୋର୍ଟରେ ଦାୟର ୨୫୦ ରୁ ଉର୍ଦ୍ଧ୍ୱ ମାମଲାର ଏକତ୍ର ଶୁଣାଣି କରି ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ଖରା ଯୋଗୁ ପିଲାମାନଙ୍କୁ ଯେମିତି କୌଣସି ପ୍ରକାର କ୍ଷତି ନପହଞ୍ଚେ ସେଥିପ୍ରତି ଆମେ ଗୁରୁତ୍ୱ ଦେବୁ : ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ରାଜ୍ୟରେ ଖରା ବଢ଼ିଲାଣି। ଖରାକୁ ଦୃଷ୍ଟି ରଖି ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ପ୍ରତିଦିନ ୱାର୍ଣ୍ଣିଂ ଜାରି କରାଯାଉଛି। ବିଶେଷ କରି ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଖରା ବହୁତ ବଢ଼ିଗଲାଣି। ଏଭଳି ସ୍ଥିତିରେ ସ୍କୁଲଗୁଡ଼ିକୁ କେବେ ଖରାଛୁଟି ଘୋଷଣା କରାଯିବ, ତାକୁ ନେଇ ଚର୍ଚ୍ଚା ହେଉଛି। ଏନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, ସାଧାରଣତଃ ହିଟ୍ ୱେଭ୍ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ବୈଠକ ଡାକନ୍ତି। ତା'ପରେ ସ୍କୁଲଗୁଡ଼ିକୁ ଖରାଛୁଟି ଘୋଷଣା କରିବା ନେଇ ନିଷ୍ପତ୍ତି ନିଆଯାଏ। ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ସ୍କୁଲଗୁଡ଼ିକୁ ଖରାଛୁଟି ଘୋଷଣା କରିବା ନେଇ କୌଣସି ନିଷ୍ପତ୍ତି ହୋଇନି। ହିଟ୍ ୱେଭ୍‌କୁ ଦେଖି ଆମେ ପରବର୍ତ୍ତୀ ସମୟରେ ଏନେଇ ନିଷ୍ପତ୍ତି ନେବୁ। ଯେତେବେଳେ ଦେଖାଯିବ ଯେ, ଅତ୍ୟଧିକ ଗରମ ହେଉଛି ଏବଂ ତାହା ପିଲାମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି, ସେତେବେଳେ ନିଷ୍ପତ୍ତି ନିଆଯିବ। ଖରା ଯୋଗୁ ପିଲାମାନଙ୍କୁ ଯେମିତି କୌଣସି ପ୍ରକାର କ୍ଷତି ନପହଞ୍ଚେ ସେଥିପ୍ରତି ଆମେ ଗୁରୁତ୍ୱ ଦେବୁ। ଆସନ୍ତାକାଲି ଟିଟିଲାଗଡ଼ ଓ ଝାରସୁଗୁଡ଼ାରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୪ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ନୂଆପଡ଼ା, ଭବାନୀପାଟଣା, ବଲାଙ୍ଗିର ଓ ସମ୍ବଲପୁରରେ ୪୩ ଡିଗ୍ରୀ ରହିପାରେ। ସେହିପରି ସୁନ୍ଦରଗଡ଼, ବରଗଡ଼, ରାଉରକେଲା, ଅନୁଗୋଳ, ବୌଦ୍ଧ ଓ ସୋନପୁରରେ ଆସନ୍ତାକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରହିପାରେ ବୋଲି ଆକଳନ କରାଯାଇଛି। ୧୮ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର ଓ ଟିଟିଲାଗଡ଼ର ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ସେହିପରି ଏହି ଦିନ ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, ବୌଦ୍ଧ, ସୋନପୁର, ଭବାନୀପାଟଣା ଓ ରାଉରକେଲାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ। ତା'ସହିତ ଅନୁଗୋଳରେ ୪୨ ଡିଗ୍ରୀ, ନବରଙ୍ଗପୁର, ପାରଳାଖେମୁଣ୍ଡି ଓ ଢେଙ୍କାନାଳରେ ୪୧, ଫୁଲବାଣୀ, ବାରିପଦା ଓ କେନ୍ଦୁଝରଗଡ଼ରେ ୪୦ ଡିଗ୍ରୀ ରହିପାରେ। ୧୯ ଓ ୨୦ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବାଧିକ ଦିନ ତାପମାତ୍ରା ଏହିଭଳି ୪୫, ୪୩, ୪୨, ୪୧ ଓ ୪୦ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।



# ମାଇକଂଚରୁ କଳିଙ୍ଗ ନଗର, ଏବେ ସିଜିମାଳି

## ଖଣି ଖନନ ଓ କାରଖାନା ପ୍ରତିଷ୍ଠା ପାଇଁ ଗୁଳି

(ଶରତ ନାୟକଙ୍କ ରିପୋର୍ଟ )

କୋରାପୁଟ, ୧୮/୦୪ : ମାଳିକୁ ନେଇ ଗୁଳି। ଖଣି ଖାଦାନରେ ଭରା ଅବିଭକ୍ତ କୋରାପୁଟ ଜିଲ୍ଲା। ବିଶେଷ କରି ବକ୍ସାଇଟ୍ ଭଳି କଞ୍ଚାମାଲରରେ ଭରପୁର ଆଦିବାସୀ ଅଧ୍ୟୁଷିତ ଉକ୍ତ ଅଞ୍ଚଳର ପାହାଡ଼ ଗୁଡ଼ିକ। ଯେଉଁ ପାହାଡ଼ ଉପରେ ଏହି ସବୁ ଇଲାକାର ଆଦିବାସୀ ମାନେ ବଞ୍ଚିବାର ରାହା ପାଇଥାନ୍ତି। ଏହା ଭିତରେ ଜଙ୍ଗଲ ଜାତ ଦ୍ରବ୍ୟ ଶିଆଳି ପତ୍ର ଠାରୁ ଆରମ୍ଭ କରି ଫୁଲ ଝାଡୁ, ମହୁଲ, ଅଁଳା, କେନ୍ଦୁ, ଶିଆଳି କନ୍ଦା, ଅମ୍ବ, ପଣସ, ତେନ୍ତୁଳି, ଝୁଣା, ବାଉଁଶ, କାଠ, ଲଇ ଇତ୍ୟାଦି। ଏହାକୁ ସଂଗ୍ରହ କରି ସେମାନେ ଜିବୀକା ନିର୍ବାହ କରିବା ସହିତ ମାଳି ଉପରେ ଗାଈ ଗୋରୁ ଆଦି ଚରାଇ ଥାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁ ଡଙ୍ଗର ଜମିରେ ସେମାନେ ଚାଷବାସ କରନ୍ତି ସେ ଜମିର ମାଲିକାନା ସେମାନଙ୍କ ନାମରେ ନଥାଏ। ଯାହା ଫଳରେ ସରକାର ସେ ସବୁ ଜମିକୁ କମ୍ପାନୀ ହାତରେ ଟେକି ଦେଲେ ଆଦିବାସୀ ମାନେ କୌଣସି କ୍ଷତିପୂରଣ ପାଇ ପାରନ୍ତି ନାହିଁ। ଯେଉଁଥିପାଇଁ ସେମାନେ ଜମି ହରାଇବା ସହିତ ଜୀବିକା ବି ହରାଇ ବସନ୍ତି।



ଟାଟା ଷ୍ଟିଲ୍ କମ୍ପାନୀକୁ ବିରୋଧ କରୁଥିବା କଳିଙ୍ଗନଗର ଗୁଳିକାଣ୍ଡରେ ମୃତ୍ୟୁ ବରଣ କରିଥିବା ଆଦିବାସୀ ମାନେ

ଅବିଭକ୍ତ କୋରାପୁଟ ବା ବର୍ତ୍ତମାନର ରାୟଗଡ ଜିଲ୍ଲା ଅଧିନସ୍ଥ କାଶୀପୁର ବ୍ଲକରେ ଦୋରାଗୁଡ଼ା ଠାରେ ଉତ୍କଳ ଆଲୁମିନା କମ୍ପାନୀ ବା ଇଣ୍ଡାଲ କୋଃ ଏକ କାରଖାନା ପ୍ରତିଷ୍ଠା କରିବ ବୋଲି ନିକଟସ୍ଥ ବାଫିଲି ମାଳିରୁ ବକ୍ସାଇଟ୍ ନେବାକୁ ସରକାରଙ୍କ ଠାରୁ ଚୁକ୍ତି କରିଥିଲା। ତେବେ ସର୍ବେ କାର୍ଯ୍ୟ ୧୯୯୦ ରୁ ଆରମ୍ଭର ହୋଇଥିଲା ବେଳେ ଆଦିବାସୀ ମାନେ ମେଳି ହୋଇ ତାହାକୁ ବିରୋଧ କରିଥିଲେ। ସେହି ସଂଗ୍ରାମ ଦୀର୍ଘ ବର୍ଷ ଧରି ଚାଲିଥିଲା।

ଆନ୍ଦୋଳନ କାରିଙ୍କୁ ଦମନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ। ଯାହା ଫଳରେ ୨୦୦୦ ମାଇକଞ୍ଚ ଠାରେ ଏକ ଥାନା ପ୍ରତିଷ୍ଠା କଲେ ଆନ୍ଦୋଳନକୁ ପ୍ରତିହ କରାଯାଇ ପାରିବ ବୋଲି ପ୍ରଶାସନ ପୋଲିସ ଲଗାଇ ଥାନା ନିର୍ମାଣ କାର୍ଯ୍ୟ ଆରମ୍ଭ କଲାବେଳେ ଆଦିବାସୀ ମାନେ ତାହାକୁ ବିରୋଧ କରିଥିଲେ। ଉଭୟ ଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ପୁଲିସ ଗୁଳିରେ ତିନି ଜଣ ଆଦିବାସୀ ମୃତ୍ୟୁ ବରଣ କରିଥିଲେ। ସେମାନେ ହେଉଛନ୍ତି ଅଭିଲାଷ ଝୋଡ଼ିଆ, ରଘୁ ଝୋଡ଼ିଆ ଓ ଦାମୋଦର ଝୋଡ଼ିଆ ଏଠାରେ ପ୍ରାୟ ୧୨ ଜଣ ଆହତ ହୋଇଥିଲେ। ଏମାନେ ଉତ୍କଳ ଆଲୁମିନା କାରଖାନା ସହିତ ବକ୍ସାଇଟ୍ ଖଣି ଖନନକୁ ବିରୋଧ କରି ସମାବେଶ କରୁଥିବା ବେଳେ ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା।

ତେବେ ୯୦ ଦଶକରୁ ଆଦିବାସୀଙ୍କ ସଂଗ୍ରାମ ଓ ଆନ୍ଦୋଳନ ପ୍ରାୟ ଦୁଇ ଦଶନ୍ଧି ରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ଚାଲିଥିଲା। ଆନ୍ଦୋଳନକାରୀଙ୍କୁ ଦମନ କରିବା ପାଇଁ ୨୦୦୪ ମସିହାରେ ମାଇକଞ୍ଚ ଓ ଦୋରାଗୁଡ଼ା ଠାରେ ଦୁଇଟି ଥାନା ପ୍ରତିଷ୍ଠା କରିଥିଲା। କୁଚେଇପଦର ଠାରୁ ଆରମ୍ଭ କରି ଦୋରାଗୁଡ଼ା, ବାଗିରିଝୋଲା, ମାଇକଞ୍ଚ ପର୍ଯ୍ୟନ୍ତ ଏକାଧିକ ଗ୍ରାମର ଆଦିବାସୀ ମାନେ ବର୍ଷ ବର୍ଷ ଧରି ସଂଗ୍ରାମ ଚଳାଇବା ସହିତ ବହୁ ବିଶିଷ୍ଟ ସମାଜ ସେବୀ ଉକ୍ତ ଆନ୍ଦୋଳନକୁ ସମର୍ଥନ କରି ବିଭିନ୍ନ ସମୟରେ ଗିରଫ ହେବା ସହିତ ଶତାଧିକ ଆଦିବାସୀଙ୍କୁ ଗିରଫ କରାଯାଇଥିଲା।

ଦୁଇ ଦଶନ୍ଧି ପରେ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହିତ ୨୦୧୩ ରେ କାରଖାନା ଚାଲିଥିଲା। ମାଇକଞ୍ଚ ଗୁଳିକାଣ୍ଡ ଘଟଣାରେ ମୃତ୍ୟୁ ବରଣ କରିଥିବା ଆଦିବାସୀ ମାନଙ୍କୁ ସହିଦ ସମ୍ମାନ ସହିତ ସେଠାରେ ସହିଦ ସ୍ତମ୍ଭ ନିର୍ମାଣ କରାଯାଇ ବହୁ ବର୍ଷ ଧରି ସହିଦ ଦିବସ ପାଳନ କରାଯାଇଥିଲା।



ସେହିପରି ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର କଳିଙ୍ଗନଗର ଠାରେ ଟାଟା। ଷ୍ଟିଲ ପ୍ଲାଣ୍ଟ ପାଇଁ ଭୂମି ଅଧିଗ୍ରହଣ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ରୁ ଆଦିବାସୀ ମାନେ କାରଖାନା କୁ ବିରୋଧ କରି ଆନ୍ଦୋଳନ ଜୋରଦାର କରିଥିଲେ। ଯାହା ଫଳରେ ପୋଲିସ ଓ ଆନ୍ଦୋଳନ କାରୀ ମାନେ ମୁହାଁମୁହିଁ ହୋଇ ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ କାରଖାନା ପ୍ରତିଷ୍ଠା ହୋଇଥିଲା। ଏଠାରେ ମଧ୍ୟ ଆନ୍ଦୋଳନରେ ମୃତ୍ୟୁ ବରଣ କରିଥିବା ଆଦିବାସୀ ମାନଙ୍କ ସହିଦ ସ୍ତମ୍ଭ କରାଯାଇ ସେମାନଙ୍କ ଉଦ୍ଦେଶ୍ୟରେ କିଛି ବର୍ଷ ସହିଦ ଦିବସ ଭାବେ ପାଳନ କରାଯାଇଥିଲା । ସେହିପରି କଳାହାଣ୍ଡିର ଲାଞ୍ଜିଗଡ଼ ଠାରେ ବେଦାନ୍ତ କାରଖାନାକୁ ନିୟମ ଗିରି ବକ୍ସାଇଟ୍ ପାହାଡ଼କୁ ଦିଆଯାଇଥିଲା। ସେଠାରେ ମଧ୍ୟ ଏହାକୁ ବିରୋଧ କରାଯାଇ ଆନ୍ଦୋଳନ ଚାଲିଥିଲା। ନିୟମ ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାରଖାନା ପ୍ରତିଷ୍ଠା ହେଉ ଅବା ଖଣି ଖନନ ତାହା ସଠିକ ଗ୍ରାମସଭା ଓ ସେଠାରେ ସେମାନଙ୍କ ସମର୍ଥନ ବିନା ତାହା ହେବା ଅସମ୍ଭବ। ଯେଉଁଥିପାଇଁ କମ୍ପାନୀ ଖଣି ଲିଜ୍ ନେଇ କାରଖାନା ଚାଲୁ କରିଥିଲେ ମଧ୍ୟ ବରବର୍ତ୍ତୀ ସମୟରେ ଠିକ୍ ଭାବେ ଗ୍ରାମସଭା ହୋଇ ନଥିବା ଜାଣି ଗ୍ରିନ୍ ଟ୍ରିବୁନାଲ ତାହାକୁ ବାତିଲ୍ କରି ଦେବାରୁ କିଛି ବର୍ଷ କାରଖାନା ବନ୍ଦ ହୋଇ ରହିବା ସହିତ କର୍ମଚାରୀ ଘରେ ବସିଥିଲେ। ଯାହା ଫଳରେ ଟିକିରି ଠାରେ ଆଦିତ୍ୟ ଆଲୁମିନା ପ୍ରତିଷ୍ଠା ପାଇଁ ହିଣ୍ଡାଲକୋଃ ଲକ୍ଷ୍ମୀପୁର ଠାରେ ଥିବା ଯେଉଁ କୋଡିଙ୍ଗା ମାଳି କୁ ଲିଜ୍ ନେଇଥିଲା ଠିକ୍ ସମୟରେ କାରଖାନା ପ୍ରତିଷ୍ଠା ଓ ଖଣି ଖନନ ନକରିବାରୁ ସରକାର ତାହାକୁ ବାତିଲ୍ କରି ବେଦାନ୍ତ କମ୍ପାନୀକୁ ଦେବାରୁ ଲାଞ୍ଜିଗଡ଼ କାରଖାନା ଚାଲିଥିଲା।



କିନ୍ତୁ ବର୍ତ୍ତମାନ କୋଡିଙ୍ଗା ମାଳିରୁ ବେଦାନ୍ତ ଯେଉଁ ବକ୍ସାଇଟ୍ ନେଉଛି ତାହାକୁ ନଦେବା ପାଇଁ ଏପରିକି ଆଦିତ୍ୟ ଆଲୁମିନା କମ୍ପାନୀ ଏବଂ ଅନ୍ୟ କେତେକ କମ୍ପାନୀକୁ ଦିଆଯିବାର ଥିବା ଯୋଗୁଁ ବେଦାନ୍ତ କାଶୀପୁର ବ୍ଲକର ସିଜି ମାଳି ଉପରେ ଆଖି ପକାଇ ତାହାକୁ ନେବ ବୋଲି କୁଆଡ଼େ ସ୍ଥିର ହୋଇ ସାରିଛି। ଯେଉଁଥିପାଇଁ ସେଠାରେ ରାସ୍ତା ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି ଗତ ୭ ତାରିଖ ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ପୋଲିସ ଫୋର୍ସ ଲଗାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଯାଇଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ତାହାକୁ ଟାଳିବା ପାଇଁ ଗୁଳି ଚଳାଇ ଥିବା ବେଳେ ଆନ୍ଦୋଳନକାରୀଙ୍କ ପଥର ମାଡ଼ରେ ଅନେକ ପୋଲିସ ଆହତ ହୋଇଛନ୍ତି। ଘଟଣା ପରେ ବିଭିନ୍ନ ଦଳର ଅନୁଧ୍ୟାନ କାରି କମିଟି ସେଠାକୁ ଯାଇ ଆଦିବାସୀଙ୍କ ସହିତ ଆଲୋଚନା କରିବା ସହିତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି।

ତେବେ ଆଦିବାସୀ ମାନେ ସେମାନଙ୍କ ଜିଦ୍‌ରେ ଅଟଳ ଆମେ ସିଜି ମାଳି ଛାଡ଼ିବୁ ନି କି କଣି ଖନନ କରିବାକୁ ଦେବୁନାହିଁ। ଅନ୍ୟ ପକ୍ଷରେ କୌଣସି ବି ଦଳ ଆଦିବାସୀ ଙ୍କୁ ନ୍ୟାୟ ଦେବାକୁ ଚାହୁଁ ନାହାନ୍ତି ଏପରିକି ସମସ୍ତ ଦଳ କମ୍ପାନୀ ସପକ୍ଷରେ ଥିବା କିଛି ଆଦିବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଭିନ୍ନ ସମୟରେ କାରଖାନା ପ୍ରତିଷ୍ଠା ପାଇଁ ଆଦିବାସୀ ମାନେ ଜୀବନ ଜୀବିକା ନିର୍ବାହ କରୁଥିବା ଜମିକୁ ବିଭିନ୍ନ ସମୟରେ ବିଭିନ୍ନ ସରକାର ସେମାନଙ୍କୁ ଉଚ୍ଛେଦ କରିବା ସହିତ ଦମନ କରୁଛନ୍ତି। ଯେଉଁଥିପାଇଁ ପୁଲିସ ଗୁଳିରେ ଆନ୍ଦୋଳନ କାରୀ ଙ୍କ ଜୀବନ ଯାଉଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସସ୍ମିତଙ୍କୁ ହଟାଇ ମାନସଙ୍କୁ କଲେ ସଂସଦୀୟ ଦଳ ନେତା



ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ବିଜେଡିରେ ପାଣ୍ଡିଆନରାଜ୍ କାଏମ ଅଛି। ପରଦା ପଛରେ ରହି ରିମୋଟ୍ କଂଟ୍ରୋଲରେ ବିଜେଡି ସଂଗଠନକୁ ନିଜ ମର୍ଜିରେ ପରିଚାଳନା କରୁଛନ୍ତି ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ। ନୂଆପଡ଼ା ଉପନିର୍ବାଚନ ଓ ରାଜ୍ୟସଭା ନିର୍ବାଚନ ପରେ ଆଜି ପୁଣିଥରେ ଏହା ପ୍ରମାଣିତ ହୋଇଛି। ବିଜେଡିର ସଂସଦୀୟ ଦଳ ନେତା ଭାବେ ମାନସ ମଙ୍ଗରାଜ ଓ ଉପନେତା ତଥା ଦଳର ମୁଖ୍ୟ ସଚେତକ ଭାବେ ସୁଲତା ଦେଓଙ୍କୁ ନିଯୁକ୍ତି ଦେବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗତକାଲି ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ତେବେ ସସ୍ମିତ ପାତ୍ରଙ୍କ ଭଳି ଉଚ୍ଚଶିକ୍ଷିତ ସାଂସଦ ଓ ଦେବାଶୀଷ ସାମନ୍ତରାୟଙ୍କ ଭଳି ପୁରୁଖା ନେତାଙ୍କୁ କୋଣଠେସା କରି ମାନସ ଓ ସୁଲତାଙ୍କୁ ରାଜ୍ୟସଭାରେ ନେତା ଓ ଉପନେତା ଭାବେ ନିଯୁକ୍ତି ଦେଇ ପାଣ୍ଡିଆନ ପୁଣିଥରେ ନିଜର ପତିଆରା ପ୍ରଦର୍ଶନ କରିଥିବା ଦଳୀୟ ମହଲରେ ଚର୍ଚ୍ଚା।

ଏପଟେ ବିଜେଡିର ନେତାମାନେ ନିଜର ନୀତି, ନୈତିକତା ଓ ଆତ୍ମସମ୍ମାନକୁ ବଳି ଦେଇ ରାଜନୀତିକ ଅସ୍ତିତ୍ୱ ବଂଚାଇବା ପାଇଁ ୨୦୨୪ ବିଜେଡି ବିପର୍ଯ୍ୟୟର ମୁଖ୍ୟ ସୂତ୍ରଧର ପାଣ୍ଡିଆନଙ୍କ ପାଖରେ ଆତ୍ମସମର୍ପଣ କରିବାକୁ ଏକରକମ ବାଧ୍ୟ ହୋଇଛନ୍ତି। ଆଉ ଏହି ସୁଯୋଗରେ ପାଣ୍ଡିଆନ ନିଜର ଖାସ୍ ଅନୁଗତ ମାନସ ମଙ୍ଗରାଜଙ୍କୁ ସଂସଦୀୟ ଦଳ ନେତା କରାଇବାରେ ସକ୍ଷମ ହୋଇଛନ୍ତି। ମାନସ ଯିଏକି ସରପଂଚ କିମ୍ବା ୱାର୍ଡମେମ୍ବରଟିଏ ନହୋଇ ମଧ୍ୟ ନିଜର ଗଡ଼ଫାଦର ଆଇପିଏସ୍ ଅଫିସରଙ୍କ ଦୟାରେ ସିଧାସଳଖ ରାଜ୍ୟସଭା ଯିବାକୁ ସକ୍ଷମ ହୋଇଥିଲେ ବୋଲି ସେତେବେଳେ ବିଜେଡି ମହଲରେ ଚର୍ଚ୍ଚା ହେଉଥିଲା।

ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏପ୍ରିଲ ୧୨ତାରିଖରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳ ନେତା ଭାବେ ମାନସ ମଙ୍ଗରାଜ ଓ ଉପନେତା ତଥା ମୁଖ୍ୟ ସଚେତକ ଭାବେ ସୁଲତା ଦେଓଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନ ଓ ଦଳର ସାଂସଦମାନଙ୍କ ଅବସର ଯୋଗୁ ଏହି ନୂଆ ନିଯୁକ୍ତି ଦିଆଯାଇଥିବା ନେଇ ନବୀନ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

ତେବେ ନବୀନଙ୍କ ଏହି ଚିଠି ପଛରେ ପାଣ୍ଡିଆନଙ୍କ ପ୍ରଭାବ ରହିଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବୟସାଧିକ୍ୟ ନିଷ୍କ୍ରିୟତା ଓ ମାତ୍ରାଧିକ ନିର୍ଭରଶୀଳତାର ଫାଇଦା ଉଠାଇ ଦଳରେ ପୁଣିଥରେ ଭିକେ ପାଣ୍ଡିଆନ ଦଳକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି। ସସ୍ମିତଙ୍କ ଭଳି ଉଚ୍ଚଶିକ୍ଷିତ ସାଂସଦଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇ ବିଜେଡି ଖୋଲାଖୋଲି ଭାବେ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିବାର ସବୁ ମାର୍ଗ ପ୍ରଶସ୍ତ କରିଛି। ବିଜେଡି ଯେଉଁ ଦୁଇ ଜଣଙ୍କୁ ଗୃହର ନେତା ଓ ଉପନେତା ଭାବେ ଚୟନିତ କରିଛି ସେମାନେ ଇଂରାଜୀରେ ଦୁଇପଦ ଠିକ୍ ଭାବେ କହିବା କିମ୍ବା ଦେଶ ଓ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଇଂରାଜୀରେ ବଳିଷ୍ଠ ଯୁକ୍ତି ବାଢ଼ିବାରେ ଯେ ସକ୍ଷମ ନୁହଁନ୍ତି ତାହା ଓଡ଼ିଶାବାସୀଙ୍କୁ ଅଛପା ନାହିଁ ବୋଲି ବିଜେଡି ମହଲରେ ଚର୍ଚ୍ଚା । ତା'ଛଡ଼ା ସାଂସଦଙ୍କ ଭାଷାଗତ ଅଶାଳୀନ ଆଚରଣ ଓ ଉଚ୍ଚାରଣ ସୋସିଆଲ ମିଡିଆ ଖୋଲିଲେ ଯେକେହି ସହଜେ ଅନୁଭବ ମଧ୍ୟ କରିପାରିବେ। ଉଭୟ କେବଳ ପାଣ୍ଡିଆନଙ୍କ ଆଶୀର୍ବାଦରୁ ଏବେ ଦଳର ଶୀର୍ଷ ସ୍ଥାନରେ ପହଂଚିଛନ୍ତି। ଉଭୟ ମାନସ ଓ ସୁଲତାଙ୍କର ରାଜ୍ୟସଭା କାର୍ଯ୍ୟକାଳ ୨୦୨୮ ଜୁଲାଇରେ ଶେଷ ହେବ।

ଏହି ନୂଆ ନିଯୁକ୍ତି ମାଧ୍ୟମରେ ଦଳର ପୁରୁଖା ଓ ଆଗଧାଡ଼ିର ନେତାମାନଙ୍କୁ ସମ୍ପୂର୍ଣ୍ଣ ଭାବେ କୋଣଠେସା କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଥିବାର ସନ୍ଦେଶ ଦେଇଛନ୍ତି ପାଣ୍ଡିଆନ। କେବଳ ସେତିକି ନୁହେଁ ଏଭଳି କରି ପାଣ୍ଡିଆନ ପରୋକ୍ଷରେ ବିଜେଡି ଓ ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ ଓ ଦୁର୍ବଳ କରିବାର ରଣନୀତିରେ ସକ୍ଷମ ହୋଇଥିବା କୁହାଯାଉଛି। ସସ୍ମିତଙ୍କୁ ବିଜେଡି କାହିଁକି ନିଜର ସଂସଦୀୟ ଦଳ ନେତା ପଦରୁ ବାଦ୍ ଦେଲା ତାହା ଏବେବି ଅସ୍ପଷ୍ଟ। ଦେବାଶୀଷଙ୍କ ଭଳି ପୁରୁଖା ନେତାଙ୍କୁ ଏହି ଦୁଇଟି ପଦ ପାଇଁ ଯୋଗ୍ୟ ମଧ୍ୟ ମଣିନାହିଁ ବିଜେଡି। ସସ୍ମିତ ଇସ୍ତଫା ଦେଇଥିବାର ପ୍ରାୟୋଜିତ ଡ୍ରାମା କରାଯାଇଥିଲେ ମଧ୍ୟ ବାସ୍ତବରେ ସସ୍ମିତଙ୍କୁ ସଂସଦୀୟ ଦଳ ନେତା ପଦରୁ ନବୀନ ବହିଷ୍କୃତ କରିଥିବା ଏକରକମ ସ୍ପଷ୍ଟ ହୋଇଛି। ଯେଉଁକାରଣରୁ ବିଜେଡି ଏପର୍ଯ୍ୟନ୍ତ ସସ୍ମିତଙ୍କ ଇସ୍ତଫା ପତ୍ରକୁ ସାର୍ବଜନୀନ କରିପାରିନଥିବା ଚର୍ଚ୍ଚା ହେଉଛି। ପାଣ୍ଡିଆନଙ୍କ ଗୋଟିଚାଳନାରେ ସନ୍ତୃପ୍ତ ମିଶ୍ର ରାଜ୍ୟସଭାକୁ ନିର୍ବାଚିତ ହେବାରେ ସକ୍ଷମ ହୋଇଥିବାବେଳେ ସେ ସାଂସଦ ଭାବେ ଶପଥ ନେବା ଦିନ(ଏପ୍ରିଲ ୬ତାରିଖ) ହିଁ ସସ୍ମିତଙ୍କ ଇସ୍ତଫା ଖବରକୁ ସର୍ବପ୍ରଥମେ 'ଓଡ଼ିଶା ରିପୋର୍ଟର' ବିସ୍ତୃତ ଭାବେ ପ୍ରକାଶିତ କରିଥିଲା।

୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟର କାରଣ କାହାରିକୁ ଅଛପା ନାହିଁ। ତଥାପି ନବୀନଙ୍କ ବାଧ୍ୟବାଧକତା ହେଉ ଅବା ଅନ୍ୟ କିଛି ଲୁକାୟିତ କାରଣ ପାଇଁ ପାଣ୍ଡିଆନ ହିଁ ବିଜେଡିର ସର୍ବମୟକର୍ତ୍ତା ବୋଲି ପୁଣିଥରେ ପ୍ରମାଣିତ ହୋଇଛି। ଏପରି କି ବିଜେଡି ନିଜର ସଂସଦୀୟ ଦଳ ନେତାଙ୍କୁ ପରିବର୍ତ୍ତନ କରିବା ପଛରେ କ'ଣ କାରଣ ରହିଛି ତାହା ଦଳର କେହି ଜଣେବି ନେତା ଜାଣନ୍ତି ନାହିଁ।

ଦଳରେ ଏତେ ବଡ଼ଧରଣର ପରିବର୍ତ୍ତନ ଓ ସସ୍ମିତ ପାତ୍ରଙ୍କ ଭଳି ବ୍ୟକ୍ତିଙ୍କୁ ହଟାଯିବା ସତ୍ତ୍ୱେ କୌଣସି ପୁରୁଖା ନେତା ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ରାଜନୀତିକ ବ୍ୟାପାର କମିଟି କେବଳ କାଗଜକଲମରେ ସୀମିତ ହୋଇ ରହିଛି । ଏହାର ସଦସ୍ୟମାନଙ୍କୁ ମଧ୍ୟ ଏହି ନିଷ୍ପତ୍ତି ପାଇଁ ନବୀନ ବିଶ୍ୱାସକୁ ନେଇନଥିବା ଜଣାପଡ଼ିଛି। ପାଣ୍ଡିଆନଙ୍କ ଇଙ୍ଗିତରେ ମାନସ ମଙ୍ଗରାଜ ହିଁ ସସ୍ମିତଙ୍କ ବିରୋଧରେ ଗୋଟିଚାଳନା କରିଥିଲେ ଓ ତାଙ୍କୁ ପଦରୁ ହଟାଇବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଥିଲା ବୋଲି ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଦଳକୁ ବିପର୍ଯ୍ୟସ୍ତ ଓ ତଳିତଳାନ୍ତ କରିବାର କୌଣସି ବି ସୁଯୋଗ ପାଣ୍ଡିଆନ ହାତଛଡ଼ା କରୁନଥିବାବେଳେ ବିଜେଡି ନେତାମାନେ ମେରୁଦଣ୍ଡବିହୀନ ଭଳି ନିରବ ରହିବା ଓ ପାଣ୍ଡିଆନଙ୍କ ଗୁଣଗାନରେ ଲିପ୍ତ ରହିବା ହିଁ ବିଜେଡିର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ହୀରକ ଜୟନ୍ତୀ ଉତ୍ସବରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮/୦୪ (ଜେଏନଏସ) : କେବଳ ଜଣେ ପୁରାତନ ଛାତ୍ର ଭାବରେ ନୁହେଁ ବରଂ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆଜି ମୁଁ ମୋ ସ୍କୁଲ ପାଇଁ ଗର୍ବିତ । ଏହା ଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କର ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଅଭିଭାଷଣ । ଅଭିଭାଷଣ ସମୟରେ କେତେବେଳେ ସେ ହୋଇଯାଉଥିଲେ ଭାବିବିହ୍ୱଳ, ତ କେତେବେଳେ ସେ ଖୁସିରେ ଗଦଗଦ ହୋଇ ଯାଉଥାଆନ୍ତି । ଝୁମ୍ପୁରା ମାଟି ଆଜି ମୁଖ୍ୟମନ୍ତ୍ରୀଙ୍କୁ ପାଇ ଆନନ୍ଦିତ ଥିବାବେଳେ ଝୁମ୍ପୁରା ହାଇସ୍କୁଲ ଉଲ୍ଲସିତ ହୋଇ ଉଠିଥିଲା ପାଖରେ ନିଜ ପୁରାତନ ଛାତ୍ର ତଥା ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ପାଇଁ । ନିଜ ଗୁରୁମାନଙ୍କୁ ପାଖରେ ଦେଖି ମୁଖ୍ୟମନ୍ତ୍ରୀ ପାଦଛୁଇଁ ପ୍ରଣାମ କରିବା ସହିତ, ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ ଏବଂ ସହପାଠୀ ମାନଙ୍କୁ ସମ୍ମାନିତ କରିଥିଲେ । ଶିକ୍ଷକ ମାନେ ମଧ୍ୟ ନିଜ ଆଦରର ଛାତ୍ର ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ନେହରେ କୋଳାଗ୍ରତ କରୁଥାନ୍ତି ।ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପାଇଁ ୨୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଛନ୍ତି । ଏହି ଅର୍ଥ ବିଦ୍ୟାଳୟର ବହୁବିଧ ଉନ୍ନତିକରଣରେ ଖର୍ଚ୍ଚ ହେବ ।

# କେନ୍ଦ୍ର-ରାଜ୍ୟ ସହଯୋଗରେ ହେବ ମେଟ୍ରୋ ରେଳ ପ୍ରକଳ୍ପ



କଟକ, ୧୮/୦୪ (ଜେଏନଏସ) : ମେଟ୍ରୋ ରେଳ ପ୍ରକଳ୍ପ ଆମର ଆବଶ୍ୟକତା କିନ୍ତୁ ଏହା ଆମର ପ୍ରାଥମିକତା ନୁହେଁ । ଏଭଳି କହିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ପ୍ରତିକ୍ରିୟା ରଖି ଭର୍ତ୍ତୃହରି କହିଛନ୍ତି, ଗତ ସରକାର ସମୟରେ ଏକୁଟିଆ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପ କରିଦେବେ ବୋଲି ଯେଉଁ ଦୃଢୋକ୍ତି ରଖାଯାଉଥିଲା ତାହା ବାସ୍ତବରେ ସମ୍ଭବ ନଥିଲା ।

କୋଲକାତାର ଉଦାହରଣ ଦେଇ ଭର୍ତ୍ତୃହରି କହିଲେ, ଯେଉଁଠି ବି ଏକୁଟିଆ ରାଜ୍ୟ ସରକାର ଏଭଳି ପ୍ରୟାସ କରିଛନ୍ତି, ତାହା ସଫଳ ହୋଇନାହିଁ । ଏହାସହ ଭର୍ତ୍ତୃହରି କହିଛନ୍ତି, ଏଠାରେ କେନ୍ଦ୍ର-ରାଜ୍ୟ ସହଯୋଗରେ ମେଟ୍ରୋ ରେଳ ପ୍ରକଳ୍ପ ହେବ । ମେଟ୍ରୋ ରେଳ ପ୍ରକଳ୍ପ ଆମର ଆବଶ୍ୟକତା କିନ୍ତୁ ଏହା ଆମର ପ୍ରାଥମିକତା ନୁହେଁ ବୋଲି ଭର୍ତ୍ତୃହରି ମତ ଦେଇଛନ୍ତି । ମେଟ୍ରୋ ପ୍ରକଳ୍ପ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବା ପାଇଁ ଚିଠି ଲେଖିଥିଲେ ଶାସକ ଦଳର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଅପରାଜିତା ଏହି ଚିଠି ଲେଖିବା ପରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ପରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ମେଟ୍ରୋ ପ୍ରକଳ୍ପର ପୁନର୍ବିଚାର କରିବାକୁ ସେ ଅନୁରୋଧ କରିଥିଲେ । ଯେଉଁଥିରେ ସେ ଦର୍ଶାଇଥିଲେ ସବୁ ପ୍ରକଳ୍ପ ଲାଭପାଇଁ କରାଯାଏ ନାହିଁ । କିଛି ପ୍ରକଳ୍ପ ବୃହତର ଜନସ୍ୱାର୍ଥକୁ ନଜରରେ ରଖି କରାଯାଏ । ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଦରକାର ପଡିଲେ ମୁଁ କେନ୍ଦ୍ର ସହିତ ଆଲୋଚନା କରିବି ବୋଲି କହିଥିଲେ ।

ପୂର୍ବ ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ଭିତ୍ତିପ୍ରସ୍ତର ପଡ଼ିଥିବା ବେଳେ କିଛି ବାଟ ମଧ୍ୟ ଆଗେଇ ଯାଇଥିଲା। ଏନେଇ ଦିଲ୍ଲୀ ମେଟ୍ରୋ ସହିତ କଥାବାର୍ତ୍ତା ବି ଆଗେଇଥିଲା । ତେବେ ଅର୍ଥନୈତିକ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଦେଖାଦେଇଥିଲା ଦ୍ୱନ୍ଦ୍ୱ। ତଳ ଉପର ଦ୍ୱନ୍ଦ୍ୱ ଭିତରେ ପ୍ରକଳ୍ପ ସ୍ଥଗିତ ରହିଥିଲା । ଏହାରି ଭିତରେ ବର୍ଷାଧିକ ସମୟ ବିତିଲାଣି। ଭୁବନେଶ୍ୱର ସ୍ଥିତ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାଳୟରେ ମେଟ୍ରୋ ପ୍ରକଳ୍ପର ଡିଜାଇନ, ମ୍ୟାପ୍ ଅଫିସ ଭିତରେ ଶୋ' ହୋଇଛି, କିନ୍ତୁ ଅଫିସରେ ଲୋକ ନାହାନ୍ତି । ଖାଲି ପଡିଛି ଚେୟାର ଟେବୁଲ । ଦେଶର ୩୪ଟି ସହରରେ ମେଟ୍ରୋ ପ୍ରକଳ୍ପ ଅଛି । ଏବେ ରାଜସ୍ଥାନ ଜୟପୁର ପାଇଁ କେନ୍ଦ୍ର ମଞ୍ଜୁରୀ ଦେଇଛି । ଏଠି ହେଉଛି ସେଠି ହେଉଛି ଭୁବନେଶ୍ୱର ବେଳକୁ କଥା ଘୁଞ୍ଚୁଛି । ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ବିଜେଡି କହିଛି ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ବିଚଳିତ । ଜଣେ ମନ୍ତ୍ରୀ କହୁଛନ୍ତି ଆବଶ୍ୟକତା ରହିଛି। ଆଉ ଜଣେ ମନା କରୁଛନ୍ତି । କଂଗ୍ରେସ ମଧ୍ୟ ସମାନ ଢଙ୍ଗରେ ପ୍ରଶ୍ନ କରିଛି । ଅନ୍ୟପକ୍ଷରେ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି, ଅଫିସ ବି ବନ୍ଦ ହୋଇନି । ରାଜ୍ୟରେ ଏହାର ଆବଶ୍ୟକତା ରହିଛି । ବିରୋଧୀଙ୍କ ରାଜନୀତିକୁ ସମାଲୋଚନା କରିଥିବା ବେଳେ ଆଜି ନହେଲେ କାଲି ହେବ ବୋଲି କହିଛନ୍ତି ।

# ମେଣ୍ଟ ନେଇ ଭକ୍ତଙ୍କ ଆଶା, ସନ୍ଦେହରେ ଦେବୀ
## ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ପଷ୍ଟ ହେବ ମେଣ୍ଟ

ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ଆଉ କିଛି ଦିନ ପରେ ରାଜ୍ୟରେ ଅନୁଷ୍ଠିତ ହେବ ପଞ୍ଚାୟତ ନିର୍ବାଚନ । ଏହାପୂର୍ବରୁ ସବୁ ଦଳଙ୍କ ପକ୍ଷରୁ ଆରମ୍ଭ ହୋଇସାରିଲାଣି ଅଙ୍କକଷା। ଏସବୁ ଭିତରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ବୟାନ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି । ଭକ୍ତ ଦାସ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ବିଜେଡି ସହିତ କଂଗ୍ରେସ ମିଶିବାର ନାହିଁ । ଯଦି ଖଡ଼୍ଗେ ଜୀ ଏବଂ ରାହୁଲ ଗାନ୍ଧୀ ଚାହିଁବେ । ଆଉ ଏପଟେ ବିଜେଡି ସୁପ୍ରିମୋ ବି ଯଦି ଚାହିଁବେ । ତେବେ ମେଣ୍ଟ ନେଇ କିଛି ଘଟିପାରେ । ରାଷ୍ଟ୍ରର ହିତ ପାଇଁ ବିଜେଡି ସହିତ କଂଗ୍ରେସ ମିଶି ଓଡ଼ିଶା ସେକ୍ୟୁଲାର ପାର୍ଟି ତିଆରି ହେଲେ ଆମର କିଛି ଆପତ୍ତି ନାହିଁ । ମାତ୍ର ପଞ୍ଚାୟତ ନିର୍ବାଚନରେ ସେମିତି କିଛି ହେବାର ନାହିଁ । ଆମେ ଏକାକି ଲଢିବା ନେଇ ପ୍ରସ୍ତୁତ ଅଛୁ । ଆଗାମୀ ଦିନରେ କଣ ହେବ,ତାହା ହାଇକମାଣ୍ଡ ହିଁ ନିଷ୍ପତ୍ତି ନେବେ । ତେବେ ମେଣ୍ଟ ପ୍ରସଙ୍ଗରେ ଉଭୟ ଦଳ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ । ପଞ୍ଚାୟତ ନିର୍ବାଚନକୁ



ଦୃଷ୍ଟିରେ ରଖି କଂଗ୍ରେସ ନିଜର ସଂଗଠନ ସୁଦୃଢ଼ କରୁଛି । ସେହିପରି ନିର୍ବାଚନ ନେଇ ଦଳର ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କଂଗ୍ରେସ ପକ୍ଷରୁ ପଞ୍ଚାୟତ ନିର୍ବାଚନର ବିଗୁଲ ବାଜିସାରିଛି । ଗ୍ରାମ ପଞ୍ଚାୟତ ଏବଂ ଜିଲ୍ଲା ପରିଷଦ ଜୋନ ଲେବୁଲରେ ଜନସଂପର୍କରେ ଆରମ୍ଭ ହୋଇସାରିଛି । ବ୍ଲକ ସଂଗଠନ କାମ ସରିଗଲାଣି । ଏ ମାସ ଶେଷ ସୁଦ୍ଧା ପଞ୍ଚାୟତ ଏବଂ ଜିଲ୍ଲା ପରିଷଦ ସଂଗଠନ କାର୍ଯ୍ୟ ଶେଷ ହେବ । ୪୩୦ ବ୍ଲକ ଓ ଟାଉନରେ ପଞ୍ଚାୟତ ନିର୍ବାଚନ ପାଇଁ ସଂଗଠନ କାର୍ଯ୍ୟ ଶେଷ ହୋଇଯାଇଛି । ୩୨ ହଜାର ବୁଥ୍‌ରେ ବିଏଲଓ ଆପଏଣ୍ଟମେଣ୍ଟ ସରିଛି । ପାଣି, ଖଣି, ଗଛ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ନେଇ କଂଗ୍ରେସ ପଞ୍ଚାୟତ ନିର୍ବାଚନରେ ଲଢେଇ କରିବ । ଏବେ ପଞ୍ଚାୟତ ନିର୍ବାଚନ ପାଇଁ କର୍ମୀଙ୍କୁ ତାଲିମ ଦେବାର କାର୍ଯ୍ୟକ୍ରମ ଖୁବଶୀଘ୍ର କରାଯିବ । ଅନ୍ୟପଟେ ପିସିସି ସଭାପତିଙ୍କ ମେଣ୍ଟ ପ୍ରସଙ୍ଗ ମୁହଁ ଖୋଲିଛନ୍ତି ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର । ଦେବୀ କହିଛନ୍ତି ଯେ, ସମ୍ଭାବନା ସବୁ କ୍ଷେତ୍ରରେ ରହିଛି। ପିସିସି ସଭାପତି ଯଦି କହିଛନ୍ତି , ତାହାଲେ କିଛି ଅନୁଧ୍ୟାନ କରି କହିଥିବେ। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁପ୍ରିମୋ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ।

# ନିମନ୍ତ୍ରଣକୁ ନେଇ ରାଜନୀତି, ଅପରାଜିତା-ସୁଲୋଚନାଙ୍କ ବିବୃତି




ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ୭୮ ବର୍ଷରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର । ରାଜଧାନୀ ପାଳୁଛି ୭୮ ତମ ପ୍ରତିଷ୍ଠା ଦିବସ । ଏଥିପାଇଁ ଗତକାଲିଠୁ ସଜେଇ ହୋଇଥିଲା ମନ୍ଦିର ମାଳିନୀ ସହର । ରଙ୍ଗୀନ ଆଲୋକ ମାଳାରେ ଝଲସୁଛି ସ୍ମାର୍ଟ ସିଟିର ପ୍ରମୁଖ ସରକାରୀ କୋଠା। ଲୋକସେବା ଭବନଠୁ ବିଧାନସଭା ସୌଧ ପର୍ଯ୍ୟନ୍ତ ସବୁଠି ସାଜସଜ୍ଜା । ତେବେ ଆଜି ପ୍ରତିଷ୍ଠା ଦିବସରେ ନିମନ୍ତ୍ରଣ ରାଜନୀତି ନିମନ୍ତ୍ରଣକୁ ନେଇ ସାଂସଦ-ମେୟର କଥା କଟାକଟି ।

ରାଜଧାନୀ ପ୍ରତିଷ୍ଠା ଦିବସରେ ପୂର୍ବ ସରକାରଙ୍କୁ ସମାଲୋଚନା କଲେ ସାଂସଦ। ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଲେ, ଦିନ ଥିଲା, ଭୁବନେଶ୍ୱର ସାଂସଦଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ନିମନ୍ତ୍ରଣ କରାଯାଇନଥିଲା । ଆଜି ବେଶ ଆଦରର ସହ ମୋତେ ନିମନ୍ତ୍ରଣ କରାଯାଇଛି । ଆଉ ମୁଁ ଉତ୍ସାହର ସହ ଏ କାର୍ଯ୍ୟକ୍ରମରେ ଯୋଗ ଦେଇଛି । ଆଗାମୀ ଦିନରେ ଯେଉଁଠି ଥିଲେ ମଧ୍ୟ ରାଜଧାନୀ ପ୍ରତିଷ୍ଠାରେ ସବୁ ବେଳେ ଯୋଗ ଦେବେ ବୋଲି କହିଛନ୍ତି ।

ସେପଟେ ଏହାକୁ ଖଣ୍ଡନ କରିଛନ୍ତି ମେୟର ସୁଲୋଚନା ଦାସ । ସେ କହିଛନ୍ତି, ଅତ୍ୟନ୍ତ ଦୁଃଖର କଥା। ମୁଁ ଯେବେଠୁ ମେୟର ହୋଇଛି, ସବୁବର୍ଷ ତାଙ୍କୁ ନିମନ୍ତ୍ରଣ ପତ୍ର ଯାଇଛି। କୁହା ମଧ୍ୟ ହୋଇଛି । ସେ ଅଲଗା କାମରେ ବ୍ୟସ୍ତ ଥାନ୍ତି ଆସିପାରନ୍ତିନି । ମୁଁ ମଧ୍ୟ ତାଙ୍କ ସହ ଫୋନରେ କଥା ହୋଇଥିଲି । କାର୍ଯ୍ୟବ୍ୟସ୍ତତା ଯୋଗୁଁ ହୁଏତ ସେ ଆସିପାରିନଥିବେ । ଆଜିର ଦିନରେ ଏଭଳି କହିବା ଆଦୌ ଠିକ୍ ନୁହେଁ। ସେ ହେଉଛନ୍ତି ଭୁବନେଶ୍ୱର ସାଂସଦ । ଯେଉଁଠି ଥିଲେ ବି ଭୁବନେଶ୍ୱରକୁ ପ୍ରାଥମିକତା ଦେବା ଦରକାର। ପ୍ରତିଷ୍ଠା ଦିବସରେ ଯୋଗଦେବାର ଆବଶ୍ୟକତା ରହିଛି ।

# ସରକାରୀ ପଲିଟେକନିକ କଲେଜ ଅଧ୍ୟକ୍ଷଙ୍କ ବଦଳି ଦାବି କଲେ ଛାତ୍ରଛାତ୍ରୀ

ସୋନପୁର,୧୮/୦୪ (ଜେଏନଏସ) : ସୁବର୍ଣ୍ଣପୁର ଜିଲ୍ଲା ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ପୋଲିଟେକନିକ କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି । ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ଛାତ୍ରଛାତ୍ରୀଙ୍କ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି । ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ହଟାଇବା ଦାବିରେ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇ ଏକ ଶୋଭାଯାତ୍ରାରେ ବାହାରି ପ୍ରାୟ ଚାରି କିଲୋମିଟର ରାସ୍ତା ଅତିକ୍ରମ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଯାଇ ସେଠାରେ ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଥାଉ କି ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ପଲିଟେକନିକ କଲେଜର ହଷ୍ଟେଲ ବ୍ୟବସ୍ଥା ତଥା ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଦୀର୍ଘ ଦିନ ହେଲା ଛାତ୍ର ଅଶାନ୍ତି ଲାଗି ରହିଛି । ହଷ୍ଟେଲରେ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନ ମାନର ହୋଇଥିବା ବେଳେ ଅନେକ ସମୟରେ ଖାଦ୍ୟରୁ ପୋକ ବାହାରୁଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ । ଏହା ସହିତ ରାତି ଅଧରେ ଚେକିଂ ନାମରେ ଛାତ୍ରୀ ହଷ୍ଟେଲ ଭିତରକୁ ଅଧ୍ୟକ୍ଷ ତଥା ପୁରୁଷ କର୍ମଚାରୀମାନେ ପ୍ରବେଶ କରୁଥିବା ନେଇ ଛାତ୍ରୀମାନେ ଗୁରୁତର ଅଭିଯୋଗ କରିଥିଲେ । ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ମଧ୍ୟ ଦେଖାଦେଇଛି । ତେବେ ଏହି ଘଟଣାକୁ ନେଇ ଅଭିଭାବକମାନେ କଲେଜକୁ ଆସି ଛାତ୍ରଛାତ୍ରୀମାନଙ୍କୁ ଦେଖା କରିବାକୁ ଚେଷ୍ଟା କରିଥିଲେ । ହେଲେ କଲେଜ କର୍ତ୍ତୃପକ୍ଷ କଲେଜ ମୁଖ୍ୟ ଗେଟକୁ ତାଲା ପକାଇ ଦେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା ସଠିକ୍ ଭାବେ ଦିଆଯାଉ ନଥିବା ବେଳେ ଖାଦ୍ୟ ମେସ ଦାୟୀତ୍ୱ ନେଇଥିବା ବ୍ୟକ୍ତିଙ୍କ ସହିତ ଅଧ୍ୟକ୍ଷଙ୍କ ଘନିଷ୍ଠ ସମ୍ପର୍କ ଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ । ପରେ ପରେ ସଦର ପୋଲିସ କଲେଜ ପରିସରକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲେ । ହେଲେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । କଲେଜର ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପ ଓ ପରିଚାଳନା ଶୈଳୀକୁ ନେଇ ଛାତ୍ରଛାତ୍ରୀମାନେ ପ୍ରତିବାଦରେ କରିଛନ୍ତି ।

# ଯେଉଁ ଦଳକୁ ଯିବୁ ଲୋକଙ୍କ ପାଇଁ କାମ କରିବୁ : ମୁକ୍ତିକାନ୍ତ ମଣ୍ଡଳ



ଭଦ୍ରକ, ୧୮/୦୪ (ହରିହର ନାୟକ): ରାଜ୍ୟରେ ବିଜେପି ସରକାରକୁ ଆସିବା ପରଠାରୁ ବିଭିନ୍ନ କ୍ଷେତ୍ରରେ ବିକାଶ ଯାହା ହେଉନା କାହିଁକି ଦଳ ବଦଳ ପର୍ବ ଅଧିକ ଚାଲୁଛି। ବିଶେଷ କରି ଶାସକ ଦଳକୁ ଆସିବାକୁ ଅନ୍ୟ ଦଳର ନେତାମାନେ ଯୋଜନା ଚଳାଇଛନ୍ତି। ଭଦ୍ରକ ଜିଲ୍ଲାରେ ଗତ ଦୁଇ ବର୍ଷ ଭିତରେ ଅନେକ ଆମଦାନୀ ନେତାଙ୍କୁ ବିଜେପି ଦଳ ନିଜ ଦଳରେ ସାମିଲ କରିଛି। ନିକଟରେ ଦଳୀୟ ବିଶୃଙ୍ଖଳା ଦର୍ଶାଇ ଭଦ୍ରକ ଜିଲ୍ଲାର ଟାଣୁଆ ବିଜେଡି ନେତା ତଥା ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ତାଙ୍କ ପତ୍ନୀ ବିଜେଡିର ମହିଳା ନେତ୍ରୀ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ବିଜେଡି ଦଳରୁ ନିଲମ୍ବିତ କରାଯାଇଛି । ଏହି ଦୁଇ ନେତା ବିଜେଡିରୁ ନିଲମ୍ବିତ ହେବ ପର ଠାରୁ ଭଦ୍ରକ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ଏହା ପୂର୍ବରୁ ବିଜେଡି ଛାଡ଼ି ଅନେକ ନେତା ବିଜେପିରେ ଯୋଗ ଦେଇଥିଲେ। ଅଜୟ ନାୟକ, ସୁଧାଂଶୁ ନାୟକ, ବାଣିକଲ୍ୟାଣ ମହାନ୍ତି, ରଘୁନାଥ ଲେଙ୍କା, ମଳୟ ଜେନାଙ୍କ ପରି ଅନେକ ବିଜେଡି ନେତା ଗତ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ମିଶି ଥିଲେ।

ସେହିପରି ଗତ ୩ ମାସ ତଳେ ଭଦ୍ରକ ଜିଲ୍ଲାର ୪ ବ୍ଲକର ସଭାପତି ଓ ବିଜେଡିର ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦୁଇ ପୁତ୍ର ଲୁଲୁ ସାମଲ ଓ ଜୁଲୁ ସାମଲ ବିଜେଡି ଛାଡ଼ି ବିଜେପି ଦଳରେ ସାମିଲ ହୋଇଥିଲେ। ଏହି ସମୟରୁ ଭଦ୍ରକ ରାଜନୀତିରେ ଚର୍ଚ୍ଚା ହେଉଥିଲା । ଭଦ୍ରକର ଆଉ ୪ ବଡ଼ନେତା ବିଜେଡି ଛାଡ଼ି ବିଜେପିରେ ମିଶିବେ। ଏହି ନେତାଙ୍କ ଭିତରେ ଚର୍ଚ୍ଚାରେ ଥିଲେ ବିଜେଡିର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁରର ଜଣେ ଆଗଧାଡିର ବିଜେଡି ନେତାଙ୍କୁ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏହି ଚର୍ଚ୍ଚା ଭିତରେ ମୁକ୍ତି ଓ ମାଞ୍ଜୁଙ୍କ ନେଇ ଭଦ୍ରକ ରାଜନୀତି ବେଶ କିଛି ଉଷ୍ମ ହୋଇଥିଲା। କେବେ ମୁକ୍ତି ଓ ମଞ୍ଜୁ ବିଜେଡି ଛାଡ଼ି ବିଜେପିରେ ମିଶିବେ ବୋଲି ସବୁ ରାଜନୈତିକ ଖଟିରେ ଚାଲିଥିଲା ଚର୍ଚ୍ଚା।

ଭଦ୍ରକ ଜିଲ୍ଲା ରାଜନୀତିରେ ମୁକ୍ତିଙ୍କର ଏକ ସ୍ୱତନ୍ତ୍ର କୋଟାରି ରହିଛି। ବାସୁଦେବପୁର, ଧାମନଗର ନିର୍ବାଚନ ମଣ୍ଡଳୀ କିମ୍ବା ଭଦ୍ରକ ନିର୍ବାଚନ ମଣ୍ଡଳୀ ହେଉ ମୁକ୍ତିଙ୍କର କିଛି ନିଜସ୍ୱ ସଙ୍ଗଠନ ରହୁଛି। ଯେଉଁ ସଙ୍ଗଠନକୁ ନେଇ ମୁକ୍ତି ସବୁଠି ଚର୍ଚ୍ଚାରେ ରହୁଥିଲେ। ଏବେ ମୁକ୍ତି ଓ ତାଙ୍କ ପତ୍ନୀ ବିଜେଡି ଦଳରୁ ନିଲମ୍ବିତ ହେବା ପରେ ତାଙ୍କର ସମର୍ଥକମାନେ ମୁକ୍ତି ଓ ମଞ୍ଜୁଙ୍କ ବିଜେପିର ମିଶ୍ରଣ ପ୍ରସଙ୍ଗକୁ ନେଇ ଅଧିକ ଚର୍ଚ୍ଚା ଆରମ୍ଭ କରିଛନ୍ତି। ଖୁବ ସିଘ୍ର ମୁକ୍ତି ଓ ମଞ୍ଜୁଙ୍କ ସମେତ ତାଙ୍କର ବହୁ ତୃଣମୂଳର ସଂଗଠକମାନେ ବିଜେଡି ଦଳ ଛାଡ଼ି ବିଜେପି ଦଳ ରେ ସାମିଲ ହେବେ ବୋଲି ଚର୍ଚ୍ଚା ଆରମ୍ଭ କରିଛନ୍ତି। ଶୁଣାଯାଉଛି ଆସନ୍ତା ଅକ୍ଷୟ ତୃତୀୟା ସମୟରେ ସେମାନେ ବିଜେପିରେ ଯୋଗ ଦେଇପାରନ୍ତି।

ମୁକ୍ତି ଓ ମଞ୍ଜୁଙ୍କ ସହ ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ଜଣେ ଟାଣୁଆ ନେତା କାଳେ ବିଜେପିରେ ଯୋଗଦେବେ। ଏଭଳି ଚର୍ଚ୍ଚା ଏବେ ରାଜ୍ୟ ଠାରୁ ଆରମ୍ଭ କରି ଭଦ୍ରକ ଆଉ ବାଲେଶ୍ୱର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ମୁକ୍ତି କିନ୍ତୁ ଏହି ମିଶ୍ରଣ ପ୍ରସଙ୍ଗ ସଂପର୍କରେ କହନ୍ତି ମୁଁ ଜଣେ ତୃଣମୂଳ ସଂଗଠକ। ଜନତା ଦଳରୁ ମୋର ରାଜନୈତିକ ଜୀବନ ଆରମ୍ଭ କରିଥିଲି। ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତ ସ୍ତରରୁ ଲଢି ବାସୁଦେବପୁର ବ୍ଲକର ଅଧ୍ୟକ୍ଷ ହୋଇଥିଲି। ପରେ ମୋତେ ବିଜେଡି ଦଳ ତରଫରୁ ଧାନଗର ନିର୍ବାଚନ ମଣ୍ଡଳୀରେ ବିଧାୟକ ହୋଇଥିଲି। ମୋର ପତ୍ନୀ ମଞ୍ଜୁଲତା ମଣ୍ଡଳ ମଧ୍ୟ ଭଦ୍ରକ ଲୋକସଭାର ସାଂସଦ ଥିଲେ। ଆମେ ଲୋକଙ୍କ ସହିତ ଅଛୁ। ବିଜେଡି ଆମକୁ ବିନା କାରଣରେ ଦଳରୁ ନିଲମ୍ବିତ କରୁଛି।

ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଧାୟକ ବ୍ୟୋମକେଶ ରାୟଙ୍କ ଚକ୍ରାନ୍ତରେ ଆମକୁ ଦଳରୁ ନିଲମ୍ବିତ କରାଯାଇଛି। ବ୍ୟୋମକେଶ ରାୟ ବିଜେଡିକୁ ଭଦ୍ରକ ଜିଲ୍ଲାରୁ ମୂଳପୋଛ କରିଦେବାକୁ ଚକ୍ରାନ୍ତ କରୁଛନ୍ତି। ତାଙ୍କର କୌଣସି ରାଜନୀତିକ ଅଭିଜ୍ଞତା ନାହିଁ। ଭଦ୍ରକ ଜିଲ୍ଲାର ବିଜେଡି ଦଳରେ ସଭାପତି ହୋଇଛନ୍ତି। କିନ୍ତୁ ତାଙ୍କର ଦଳୀୟ ସଂଗଠନ କରିବାର ଅଭିଜ୍ଞତା ନାହିଁ। ଜିଲ୍ଲାରେ କୌଣସି ନିର୍ବାଚନ ମଣ୍ଡଳୀର ରାଜନୈତିକ ଭୂଗୋଳ ତାଙ୍କୁ ଜଣାନାହିଁ। ତାଙ୍କର ଭଦ୍ରକରେ କିଛି ଲୋକ ସମ୍ପର୍କ ବି ନାହିଁ। ବିଜେଡି ଦଳ ଏଭଳି ନେତାଙ୍କ ଚକ୍ରାନ୍ତ ଭିତରେ ରହିଛି। ଏ ଦଳ ଭଦ୍ରକ ଜିଲ୍ଲାରେ ବୁଡିଯିବ ବୋଲି ମୁକ୍ତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରୁଥିବା ବେଳେ ଜିଲ୍ଲାର ବିକାଶ ପାଇଁ ଅନେକ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆମର ଅନେକ ସମୟରେ ସାକ୍ଷାତ ଆଲୋଚନା ହୋଇଥିଲା। ଏହାକୁ ନେଇ ଅନେକ ଲୋକ ଆକ୍ରୋଶ ରଖୁଥିଲେ। ଆମେ କେଉଁ ଦଳକୁ ଯିବୁ ସେ ସମ୍ପର୍କରେ ଲୋକଙ୍କୁ ପଚାରିବୁ। ଆମ ସମର୍ଥକମାନେ ଯାହା ନିଷ୍ପତ୍ତି ନେବେ ସେହି ଦଳକୁ ଯିବୁ। ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଛି ପଚାରିବାରୁ ସେ କହିଲେ ଚର୍ଚ୍ଚା ଅନେକ ହେଉଛି। କିନ୍ତୁ ଯେଉଁ ଦଳକୁ ଯିବୁ ସେ କଥା ସମୟ କହିବ। ଯେଉଁ ଦଳକୁ ଗଲେ ମଧ୍ୟ ସେଠାରେ ଲୋକଙ୍କ ପାଇଁ କାମ କରିବୁ ବୋଲି ମୁକ୍ତି ନିଜ ପ୍ରତିକ୍ରିୟାରେ କହିଥିବା ବେଳେ ତେବେ ମୁକ୍ତି ଓ ମଞ୍ଜୁ ଏବେ କେଉଁ ଦଳକୁ ଯିବେ ବିଜେପି ନା କଂଗ୍ରେସ ଦଳକୁ ଯିବେ ତାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ସମୟକୁ ଅପେକ୍ଷା ଭଦ୍ରକ ରାଜନୀତି କେଉଁ ପାଣି କୁଆଡେ ଯାଉଛି ?

# ଆନ୍ଦୋଳନ ମୟ ପରିବେଶ, ନଜର ଅନ୍ଦାଜ ପାଇଁ ଜିଲ୍ଲା ମହୋତ୍ସବ



ଅନୁଗୁଳ, ୧୮/୦୪ (ଜେଏନଏସ) : କୋଇଲା ପରିବହନ, ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ସରଗରମ ସ୍ଥିତିରେ ରହିଛି ଅନୁଗୁଳ ଜିଲ୍ଲା । ଗରମା ଗରମ ପରିସ୍ଥିତିକୁ କାଳ ବୈଶାଖୀର ପ୍ରଭାବ ଜିଲ୍ଲା ବାସୀଙ୍କୁ ବେଶ ଅନୁଭୂତି ଦେଇଛି। ସଡକ ପଥରେ କୋଇଲା ପରିବହନକୁ ବିରୋଧ କରି ଛେଣ୍ଡିପଦା ଅଂଚଳରେ ଭୀଷଣ ଜନ ଆନ୍ଦୋଳନ ଚାଲିଛି । ଅଂଚଳ ବାସୀଙ୍କ ଜିଦ ଆଗରେ ଜିଲ୍ଲା ପ୍ରଶାସନ କିଂ କର୍ତବ୍ୟ ବିମୁଢ ହୋଇ ପଡିଲାଣି । ଛେଣ୍ଡିପଦାର ଘଟଣାରେ ଅଂଚଳର ଅନ୍ୟ ଗ୍ରାମ ବାସୀଙ୍କ ସହଯୋଗ ପରେ ସମାଧାନର ରାସ୍ତାକୁ ଜଟିଳ କରିଦେଇଛି । ଛେଣ୍ଡିପଦା ବ୍ୟତୀତ କୋଶଳା ତଥା ଅନ୍ୟ ଅଂଚଳରେ ଆନ୍ଦୋଳନ ମୁଣ୍ଡ ଟେକିବା ବେଳେ ଗ୍ରାମ ବାସୀଙ୍କ ମେଳି ବେଶ ରୋଚକ ମୋଡ଼ ନେଉଛି । ଛେଣ୍ଡିପଦା ଅଂଚଳରୁ ଆନ୍ଦୋଳନ ଏବେ ତାଳଚେର କୋଇଲା ଖଣି ଅଂଚଳରେ ପ୍ରଭାବିତ ହୋଇ ସେ ଅଂଚଳରେ ମଧ୍ୟ ସ୍ଥାନୀୟ ଗ୍ରାମବାସୀ ରାସ୍ତା ବନ୍ଦର ଧମକ ଦେଲେଣି। ଏମିତି ସମୟରେ ଛେଣ୍ଡିପଦା ଅଂଚଳର ଟ୍ରକ ମାଲିକ ମାନେ ମଧ୍ୟ କୋଇଲା ପରିବହନ ଓ ଟ୍ରକ ଚଳାଚଳ ଦାବୀ କରି ଆନ୍ଦୋଳନ କୁ ଓହ୍ଲାଇଛନ୍ତି । ପ୍ରତିକାତ୍ମକ ଭାବରେ ସେମାନଙ୍କ ଆନ୍ଦୋଳନ ଚାଲୁ ରହିଛି । ଟ୍ରକ ମାଲିକ ସଂଘ ଏବଂ ଅଂଚଳ ବାସୀଙ୍କୁ ମୁହାଁ ମୁହିଁ ପରିସସ୍ଥିତିରେ ରହିଛନ୍ତି। ଅନ୍ୟ ପକ୍ଷରେ ଜିଲ୍ଲା ପୋଲିସ ବିଭାଗରେ ଜଣେ ମହିଳା ହାବିଲଦାର ନିର୍ଯ୍ୟାତିତା ହେବା ପରେ ଚାକିରୀରୁ ଇସ୍ତଫା ଖବର ପୋଲିସ ବିଭାଗରେ ଯେ ସବୁ କିଛି ଠିକ୍ ଚାଲିଛି ତାହା ଏବେ ସନ୍ଦେହ ଘେରରେ । କର୍ତବ୍ୟରତ ଜଣେ ମହିଳା ହାବିଲଦାରଙ୍କୁ ରିଜର୍ଭ ଇନିସପେକ୍ଟର ଓ ଅନ୍ୟ ଜଣେ କର୍ମଚାରୀଙ୍କ ଦ୍ୱାରା ନିର୍ଯ୍ୟାତିତ ହେବା ଅଭିଯୋଗ ପ୍ରସଙ୍ଗ ଜିଲ୍ଲା ପୋଲିସକୁ ଅଡୁଆ ସୃଷ୍ଟି କରିଛି। ଘଟଣାରେ ବିରୋଧୀ ଦଳ ମାନେ ଜିଲ୍ଲା ପୋଲିସ ମୁଖିଆଙ୍କୁ ପ୍ରଶ୍ନ କରିଛନ୍ତି। ବିଜୁ ଜନତା ଦଳ ଆନ୍ଦୋଳନ କରି ନିର୍ଯ୍ୟାତିତାଙ୍କ ପ୍ରତି ନ୍ୟାୟ ପ୍ରଦାନ ଦାବୀ କରିଛି । କଂଗ୍ରେସ ଦଳର ମହିଳା ସଂଗଠନ ମଧ୍ୟ ଅନୁରୁପ ଭାବରେ ବିଜେଡି ଦଳର ଆନ୍ଦୋଳନ ପୁର୍ବରୁ ଦାବୀ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନଷ୍ଠାନ ପାଇଁ ସ୍ୱର ଉଠାଇଛନ୍ତି । ଦାବୀ ନେଇ ଏସପି ଅଫିସ ଯାଇଥିବା ଉଭୟ ଦଳକୁ ଏସପିଙ୍କ ବଦଳରେ ଜଣେ ଅତିରିକ୍ତ ଏସପି ଆନ୍ଦୋଳନ କାରୀଙ୍କୁ ଭେଟିବା ଓ ଦାବୀ ପତ୍ର ଗ୍ରହଣ କରିଥିଲେ। ଏ ଘଟଣା ଜିଲ୍ଲାରେ ବେଶ ରୋଚକ ଆଲୋଚନାର ବିଷୟ ପାଲଟିଛି । ଏଥି ମଧ୍ୟରେ ସଂପୃକ୍ତ ରିଜର୍ଭ ଇନିସପେକ୍ଟରଙ୍କ ବିରୋଧରେ ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘ ମଧ୍ୟ ଜିଲ୍ଲା ଏସପି ଙ୍କୁ ଏକ ଦାବୀ ପତ୍ର ମାଧ୍ୟମରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି । ସଂପୃକ୍ତ ରିଜର୍ଭ ଇନିସପେକ୍ଟରଙ୍କ ବିରୋଧରେ ପୁର୍ବରୁ ମଧ୍ୟ ଅଭିଯୋଗ ରହିଥିବା ପ୍ରକାଶ । ତାଙ୍କ କାର୍ଯ୍ୟଶୈଳୀରେ ଅନେକ କର୍ମଚାରୀଙ୍କ ଅସନ୍ତୋଷ ଦୀର୍ଘ ଦିନରୁ ରହିଥିବା ପ୍ରକାଶ । ଅଭିଯୋଗ ଥାଇ ମଧ୍ୟ ଜିଲ୍ଲା ଏସପି କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ଥିଲା ବୋଲି ନିଜ ନାମ ଗୋପନ ରଖି ଅନେକ ପୋଲିସ କର୍ମଚାରୀ ମତବ୍ୟକ୍ତ କରିଛନ୍ତି । ଘଟଣା ଏବେ ଆଇନ ଅଦାଲତରେ ପହଂଚିଥିବା ବେଳେ ତଦନ୍ତ ଆଳରେ କାଳକ୍ଷେପଣ ନିତୀରେ ବିଭାଗର ସମ୍ମାନ ରକ୍ଷା କରିବାକୁ ଏକ ଭିତିରି ପ୍ରୟାସ ଚାଲିଥିବା ସନ୍ଦେହ କରାଯାଉଛି । ଜିଲ୍ଲାରେ ଏମିତି ଏକ ଗୋଳମାଳିଆ ପରିସ୍ଥିତି ମଧ୍ୟରେ ଜିଲ୍ଲା ମହୋତ୍ସବ ତାରିଖ ଘୋଷଣାକୁ ଭିନ୍ନ ଦୃଷ୍ଟିରେ ଅନେକେ ଦେଖୁଛନ୍ତି। ଆସନ୍ତା ୧୭ ତାରିଖରୁ କୋଡିଏ ତାରିଖ ପାର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ ପାଇଁ ଦିନ ଧାର୍ଯ୍ୟ ହୋଇଛି । ଜିଲ୍ଲାର ଆନ୍ଦୋଳନ ମାହୋଲରୁ ସାଧାରଣ ଜନତା ଙ୍କ ନଜର ହଟାଇବା ପାଇଁ ମହୋତ୍ସବ ପରି ଅସ୍ତ୍ର ବ୍ୟବହାର କରାଯାଉ ନାହିଁ ତ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରିବା ଏକ ସ୍ୱାଭାବିକ ଘଟଣା ମାତ୍ର ।

# ମାହାଳିଆ ଯୋଜନା...

ବଦଳୁଛି ସରକାର ଏବଂ ସମୟକୁ ଦେଖି ବଦଳୁଛି ଯୋଜନା। ତେବେ ସରକାରଙ୍କ ମାହାଳିଆ ଯୋଜନା ମଧ୍ୟରେ ମାଗଣା ଚାଉଳ ପ୍ରଦାନ ଲୋକମାନଙ୍କୁ ନିକମା କରି ଦେଉଛି। ଯାହା ଫଳରେ ଲୋକେ କାମଧନ୍ଦା କରିବାକୁ ନଯାଇ ଅଳସୁଆ ହୋଇ ଯାଉଛନ୍ତି। ଏହା ଦ୍ୱାରା ବିଶେଷ ଭାବେ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବା ପରିଲକ୍ଷିତ ହେଉଛି। ଯେଉଁ ମାନଙ୍କର ସ୍ୱଳ୍ପ ଜମି ରହିଛି ସେମାନେ ନିଜେ ଚାଷ କରୁଛନ୍ତି। ଯେଉଁ ମାନଙ୍କର ବହୁ ଏକର ଚାଷ ଜମି ରହିଛି ସେମାନେ ଭାଗରେ ଅନ୍ୟ ମାନଙ୍କୁ ଦେଉଥିବା ବେଳେ କେତେକ ମୁଲିଆ ଲଗାଇ ଚାଷ କରନ୍ତି। ଏପରିକି ରୁଆ ପୋତା ଆଦି କାର୍ଯ୍ୟ ପାଇଁ ଶ୍ରମିକ ମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେବେ ସରକାରଙ୍କ ତରଫରୁ ମାହାଳିଆ ଚାଉଳ ଯୋଜନା ହେବା ଦିନଠାରୁ ଯେଉଁ ମାନେ କାମଧନ୍ଦା କୁ ଯାଉଥିଲେ ବିଶେଷ କରି ଚାଷ ବାସ ଠାରୁ ଆରମ୍ଭ କରି ନିର୍ମାଣ ଆଦି କାମକୁ ଅଧିକାଂଶ ଘରେ ବସି ରହୁଛନ୍ତି ସିନା କାମଧନ୍ଦା କୁ ଯାଉଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ପୁଣି ଘୋଷଣା କରିଛନ୍ତି, ଯେଉଁ ମାନଙ୍କୁ ମୁଣ୍ଡ ପିଛା ପାଞ୍ଚ କିଲୋ ଲେଖା ମାଗଣାରେ ଚାଉଳ ଦିଆ ଯାଉଥିଲା ସେମାନଙ୍କୁ ୧୦ କିଲୋ ଲେଖାଏଁ ପ୍ରଦାନ କରାଯିବ ବୋଲି । ସରକାର ଏକ ନୂଆ ଯୋଜନା ମୁଖ୍ୟ ମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନା ଚଳିତ ବର୍ଷରୁ ଆରମ୍ଭ କରୁଛନ୍ତି । ଏହା ଦ୍ୱାରା ଯେଉଁ ମାନେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ସେ ମାଙ୍କୁ ମୁଣ୍ଡ ପିଛା ଯେଉଁ ପାଞ୍ଚ କଲୋ ଚାଉଳ ଦିଆଯାଉଥିଲା ଆଉ ଅଧିକ ପାଞ୍ଚ କଲୋ ଅର୍ଥାତ୍ ମୁଣ୍ଡ ପିଛା ୧୦ କିଲୋ ଲେଖା ମାଗଣାରେ ଚାଉଳ ପ୍ରଦାନ କରିବେ। ଯେଉଁ ଅତିରିକ୍ତ ଚାଉଳ ଦିଆଯିବ ଏହା ଦ୍ୱାରା ସରକାର ମାସିକ ପ୍ରାୟ ୭୩୪ କୋଟି ଟଙ୍କା ବ୍ୟୟ କରିବେ। ତେବେ କଥା ଉଠୁଛି ସରକାର ମାଗଣାରେ ଯେଉଁ ମାନଙ୍କୁ ଦେବା କଥା ଦିଅନ୍ତୁ ଯେପରି ଅସହାୟ, ଭିନ୍ନକ୍ଷମ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୃଦ୍ଧ, ବୃଦ୍ଧା ଙ୍କୁ ମାଗଣା ଚାଉଳ ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଧୁଆ ମୂଳା ଅଧୁଆ ମୂଳା ସମସ୍ତ ଙ୍କୁ ଏପରିକି ଯୁବକ ଯୁବତୀ ଓ ପରିଶ୍ରମ କରି ଉପାର୍ଜନ କରିବା ସାମର୍ଥ ଥିବା ଲୋକ ମାନଙ୍କୁ ମାଗଣା ଚାଉଳ ଦେଇ ଏକପ୍ରକାର ନିକମା କରିଦେବାକୁ ବସିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ସୂଚନା ଯୋଗ୍ୟ ଓଡିଶାର ମରୁଡ଼ି ପ୍ରପିଡିତ ଜିଲ୍ଲା ଭାବେ କାଶିପୁର ସମେତ କଳାହାଣ୍ଡି ଜିଲ୍ଲାର କେତେକ ବ୍ଲକରେ ଅନାହାର ଜନିତ ମୃତ୍ୟୁ ଘଟିଥିବା ବେଳେ ଓଡିଶା ଏଥିପାଇଁ ଚର୍ଚ୍ଚାରେ ରହିଥିଲା। ଯେଉଁଥିପାଇଁ ସେତେବେଳର ଉପା ସରକାର ପ୍ରଥମେ ୨୦୦୧ ମସିହାରେ ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୁଆପଡ଼ା, ରାୟଗଡା, ସାମୟିକ ଭାବେ ଆରମ୍ଭ ହୋଇଥିଲା ପରେ ୨୦୦୪ ମସିହାରେ କାମପାଇଁ ଖାଦ୍ୟ ଯୋଜନା ଆରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ଯେଉଁ ଗରିବ ଗୁରୁବା ଏପରିକି ଶ୍ରମିକ ମାନେ କାମଧନ୍ଦା ନପାଇ ଭୋକ ଉପାସରେ ରହୁଛନ୍ତି ସେମାନଙ୍କୁ ମାଗଣା କିଛି ନଦେ କାମା ଯୋଗାଇ ଚାଉଳ ଡାଲି ଆଦି ସହିତ ବଳକା ଟଙ୍କା ପ୍ରଦାନ କରାଯାଉଥିଲା ଏହା ଯୋଜନା ସେତେବେଳେ ଦେଶର ୧୫୦ ପଛୁଆ ଜିଲ୍ଲାରେ ପ୍ରଚଳିତ କରାଯାଇଥିଲା। କାମ ଗୁଡ଼ିକ ମଧ୍ୟରେ ଜଳ ସଂରକ୍ଷଣ ଏବଂ ଜଳ ଅମଳ ଗଠନ, ବନୀକରଣ ଏବଂ ବୃକ୍ଷରୋପଣ ସମେତ ମରୁଡ଼ି-ପ୍ରତିରୋଧକ ପଦକ୍ଷେପ, ଭୂମି ବିକାଶ ଏବଂ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ, ଗ୍ରାମ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ସମେତ ଗ୍ରାମୀଣ ସଂଯୋଗୀକରଣ। ବନ୍ୟା ନିୟନ୍ତ୍ରଣ ଏବଂ ସୁରକ୍ଷା କାର୍ଯ୍ୟ। କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ଭିତ୍ତିଭୂମି। ଯାହା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ କାମ ଯୋଗାଇବା ସହିତ କେହି ଯେପରି ଭୋକରେ ନ ରହିବେ ସେହି ଉଦ୍ଦେଶ୍ୟରେ କରାଯାଇଥିଲା। ବର୍ତ୍ତମାନ କିନ୍ତୁ ମାଗଣା ଯୋଜନା ଏକ ପ୍ରକାର ପ୍ରତିଯୋଗିତାରେ ପରିଣତ ହେବାକୁ ବସିଲାଣି। ଯେଉଁ ସରକାର ଅଛି ବିଭିନ୍ନ ଯୋଜନା ମାନ ପ୍ରଚଳିତ କରି ଭୋଟର ମାନଙ୍କୁ ଆକୃଷ୍ଟ କରି କିଭଳି ଅଧିକରୁ ଅଧିକ ଭୋଟ ହାତେଇ ପାରିବ ସେଥିପାଇଁ ସେମାନେ ଚେଷ୍ଟିତ। ସେହିପରି ନିର୍ବାଚନ ନିକଟବର୍ତ୍ତୀ ହେଲେ ଯେଉଁ ସରକାର କ୍ଷମତାରେ ଥାଉଛି ସେ ଏବଂ ବିରୋଧୀ ଙ୍କ ମଧ୍ୟରେ ନିର୍ବାଚନ ପ୍ରତିଶ୍ରୁତି ମାଧ୍ୟମରେ ମାଗଣା ଯୋଜନାର ଲମ୍ବା ତାଲିକା ପ୍ରସ୍ତୁତ ହେଉଅଛି। ଘୋଷଣା ଓ ପ୍ରଚଳିତ ଯୋଜନା ମଧ୍ୟରେ ଯେପରିକି ମାଗଣା ବିଜୁଳି ଯୋଗାଣ ଠାରୁ ଆରମ୍ଭ କରି କାଳିଆ ଯୋଜନା, ସୁଭଦ୍ରା ଯୋଜନା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ମମତା, ମଧୁବାବୁ ପେନସନ, ଶିକ୍ଷା ସହାୟତା ଯୋଜନା ଆଦି ଅନ୍ତର୍ଭୁକ୍ତ।

ଦେଶରେ ପ୍ରଥମେ ୧୯୯୩ ମସିହାରେ ଆରମ୍ଭ ହୋଇଥିଲା ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା କିଲୋ ପ୍ରତି ୨ ଟଙ୍କା ଲେଖାରେ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବିଜେଡି ସରକାର ସମୟରେ ୨୦୧୩ ମସିହାରେ କିଲୋ ପ୍ରତି ଟଙ୍କା ଏ ଲେଖାଏଁ ପ୍ରଦାନ କରାଗଲା। ପରେ ବିଜେଡି କ୍ଷମତାରେ ଥିବା ବେଳେ ୨୦୨୧ -୨୦୨୩ ଜଣ ପିଛା ୫ କିଲୋ ଲେଖା ମାଗଣାରେ ଚାଉଳ ଦିଆ ଆରମ୍ଭ ହୋଇଥିଲା ବେଳେ ବର୍ତ୍ତମାନ ବିଜେପି ସରକାର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୫ କିଲୋ ବଦଳରେ ୧୦ କିଲୋ ଲେଖା ଚଳିତ ମାସରୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ତେବେ ସାଧାରଣରେ ଏହାକୁ ନେଇ ଭିନ୍ନ ଆଲୋଚନା ହେଉଛି। ଯେହେତୁ ଆସନ୍ତା ବର୍ଷ ପ୍ରର୍ଥମାର୍ଦ୍ଧରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସହିତ ପୌର ନିର୍ବାଚନ ଥିବାରୁ ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହା ଏକ କୌତୁହଳ ବୋଲି ଆଲୋଚନା ହେଉଛି। ତେବେ ଯାହା ହେଉନା କାହିଁକି ଯେଉଁ ମାନେ ଭିନ୍ନକ୍ଷମ, ଅସହାୟ, ବୃଦ୍ଧ ବୃଦ୍ଧା ଙ୍କୁ ବିଭିନ୍ନ ଯୋଜନା ସହିତ ମାଗଣା ଚାଉଳ ଦିଆଗଲେ କିଛି ଅସୁବିଧା ନାହିଁ କିନ୍ତୁ ଏମାନଙ୍କ ବ୍ୟତୀତ ଯାହାଙ୍କୁ ବି ପ୍ରଦାନ କରାଯାଉଛି ତା'ଦ୍ୱାରା ଲୋକମାନେ ବିଶେଷ କରି ଶ୍ରମିକ ମାନେ ଯେଉଁ ମାନେ କି ବିଲ ବାଡ଼ିରେ କାମ କରୁଥିଲେ ସେମାନଙ୍କୁ ମାଗଣାରେ ଚାଉଳ ଯୋଗାଇ ଦିଆଯିବାରୁ ଆଉ କାମ କରିବା ପାଇଁ ବାହାରୁ ନାହାନ୍ତି। ଯାହା ଫଳରେ ଅନେକ ଚାଷ ଜମି ପଡ଼ିଆ ପଡୁଛି। ଆଲୋଚନା ହେଉଛି କି ସରକାର ଅନ୍ୟାନ୍ୟ ଯୋଜନାରେ ଯାହାବି ଦିଅନ୍ତୁ ଏପରିକି ଚାଉଳ କିଣିବା ପାଇଁ ହିତାଧିକାରୀଙ୍କୁ ଟଙ୍କା ଦିଆଯାଉ ଯାହା ଫଳରେ ସେମାନେ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ସ୍ୱରୂପ ସୁଲଭ ମୂଲ୍ୟରେ ଚାଉଳ କିଣି ଖାଇ ପାରିବେ। ତାହା ନକରି ଏଭଳି ଯୋଜନା ପ୍ରଚଳିତ ରହିଲେ ଲୋକମାନେ ନିଶ୍ଚିତ ନିକମା ହୋଇଯିବେ !


ଶରତ ନାୟକ
ବରିଷ୍ଠ ସାମ୍ବାଦିକ, ମୋ:୯୪୩୮୩୭୬୪୪


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କମିବ ଗ୍ୟାସ...

ପାଏ, ସରକାର ଏହି ପାଣ୍ଠିକୁ ଏହି ସାମଗ୍ରୀ କ୍ରୟ ଏବଂ ବିକ୍ରୟ ପାଇଁ ବ୍ୟବହାର କରନ୍ତି। ଏହା ସେମାନଙ୍କର ମୂଲ୍ୟ ସ୍ଥିର ରଖିବାରେ ସାହାଯ୍ୟ କରେ। ସରକାର ଏବେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ପାଇଁ ସମାନ ପାଣ୍ଠି ସୃଷ୍ଟି କରିବାକୁ ଚାହୁଁଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକରଣ ପାଣ୍ଠି ସମ୍ପର୍କରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ, ଏହା ପ୍ରକାଶ ପାଇଲା ଯେ ସରକାର ଏହି ପାଣ୍ଠି ବ୍ୟବହାର କରି ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସାମଗ୍ରୀ କ୍ରୟ କରି ଏକ ସ୍ଥିର ଭଣ୍ଡାର ଗଠନ କରିବାକୁ ଚାହୁଁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ, କେନ୍ଦ୍ର ସରକାର ଦେଶର ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ସହିତ ଚୁକ୍ତିନାମା କରିବେ। ପରବର୍ତ୍ତୀ ସମୟରେ, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ହଠାତ୍ ବୃଦ୍ଧି ପାଏ କିମ୍ବା ଯୋଗାଣ ବାଧାପ୍ରାପ୍ତ ହୁଏ, ସେତେବେଳେ ଏହି ଭଣ୍ଡାରରୁ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ସଂଗ୍ରହ କରି ବିକ୍ରି କରାଯିବ, ଯାହା ଦ୍ୱାରା ମୂଲ୍ୟ ସ୍ଥିରତା ସୁନିଶ୍ଚିତ ହେବ।

## ଶ୍ରାଦ୍ଧ-ଶ୍ରଦ୍ଧା...

ଅସଲ ଉଦ୍ଦେଶ୍ୟ ହେଉଛି ବିଜୁ ପଟ୍ଟନାୟକଙ୍କ ଜୀବନବ୍ୟାପି ଲଢ଼େଇ ଆଦର୍ଶକ ପୁର୍ନ୍ନଜୀବିତ କରିବା ସହିତ ଓଡ଼ିଆ ଜାତିୟତାର ଏକ ଭାବନାକୁ ଆଧାର କରି ରାଜନୈତିକ ଭବିଷ୍ୟତ ଗଢ଼ିବା ଲକ୍ଷରେ ଶ୍ରାଦ୍ଧ-ଶ୍ରଦ୍ଧା ଓ ରାଜନୈତିକ ମୁଦା ହାସଲ କରିବା। ସ୍ୱର୍ଗତଃ ଦାମୋଦର ରାଉତ ବିଜୁ ବିଚାର ମଞ୍ଚ ଗଠନ କରିଥିଲେ। ରାୟଗଡ଼ାର ଭାସ୍କର ରାଓ ବିଜେଡିରୁ ଦୁରେଇ ଯାଇ ଆଉ ଏକ ବିଜୁ ବିଚାର ମଞ୍ଚ କରିଛନ୍ତି। ତେବେ ବିଜୟ ମହାପାତ୍ର, ଦିଲ୍ଲିପ ରାୟ, ପ୍ରଭାତ ତ୍ରିପାଠୀ, ସୋମ୍ୟରଞ୍ଜନ ପଟ୍ଟନାୟକ, ଅମର ଶତପଥି ପ୍ରମୁଖ ଓଡ଼ିଶା ନାଗରିକ ମଞ୍ଚ ମାଧ୍ୟମରେ ଓଡ଼ିଶାର ପ୍ରତି ପ୍ରାନ୍ତରରେ ବିଜୁ ବାବୁଙ୍କ ଆଦର୍ଶର ଆଭିମୁଖ୍ୟ ପ୍ରତିଧ୍ୱନିତ୍ୱ କରିବାର ସଂକଳ୍ପ ନେଇଛନ୍ତି। ବିଜେଡିର ଅସ୍ତିତ୍ୱ ଓ ଭବିଷ୍ୟତ ଦୁର୍ବଳ ହୋଉଥିବାରୁ ଅନେକ ନେତା ଓ ବିଧାୟକ ଏବେ ଓଡ଼ିଶା ନାଗରିକ ମଞ୍ଚର ଦୃଢ଼ତା ଓ ଆଭିମୁଖ୍ୟ ଉପରେ ନଜର ରଖିଛନ୍ତି।

ଭୁବନେଶ୍ୱର ଓୟୁଏଟି ଅଡିଟୋରିୟମରେ ବିଶାଳ ସମାବେଶରେ ଏକତ୍ର ହୋଇଛନ୍ତି ବହୁ ବିଜୁ ଲିଗାସୀ ନେତା । ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ବରିଷ୍ଠ ନେତାଙ୍କ ମେଳି । ସଭାର ପ୍ରତିନିଧିତ୍ୱ କରିଥିଲେ ବରିଷ୍ଠ ନେତା ବିଜୟ ମହାପାତ୍ର, ସାଂସଦ ଦିଲ୍ଲିପ ରାୟଙ୍କ ସହ ସୌମ୍ୟରଞ୍ଜନ ପଟ୍ଟନାୟକ । ଅନ୍ୟତମ ମଂଚାସୀନ ଅତିଥି ଭାବେ ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ରବି ପାଣି, ନିରଞ୍ଜନ ପଟ୍ଟନାୟକ, ଏନ୍ ଭାସ୍କର ରାଓ, ଲାଲ ବିହାରୀ ହିମରିକା ପ୍ରମୁଖ ଉପସ୍ଥିତ ଥିଲେ । ଏହାସହିତ ବରିଷ୍ଠ ସାହିତ୍ୟିକ, ପ୍ରଶାସକ, ସାମ୍ବାଦିକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ରମାକାନ୍ତ ଭୋଇ ମଧ୍ୟ ସଭାରେ ଉପସ୍ଥିତ ଥିଲେ ।

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିଜୁ ପଟ୍ଟନାୟକଙ୍କ ଡ୍ରାଇଭର, ରୋଷେୟାଙ୍କ ପରିବାରରୁ ଜଣ ଜଣଙ୍କୁ ସମ୍ମାନିତ କଲା ଓଡ଼ିଶା ନାଗରିକ ମଞ୍ଚ । ଏହି ଅବସରରେ ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି, ବିଜୁ ବାବୁଙ୍କ ବିଷୟରେ ବହୁ ଲୋକ ବାହାରେ ବହୁତ କଥା କହୁଛନ୍ତି । ହେଲେ ବିଜୁ ବାବୁଙ୍କ ବାସ୍ତବ ପରିବାରକୁ କେବେ ସମ୍ମାନିତ କରାଯାଇ ନ ଥିଲା । ବିଜୁ ପଟ୍ଟନାୟକଙ୍କ ଡ୍ରାଇଭର, ରୋଷେଇୟାଙ୍କ ପରିବାରରୁ ଜଣ ଜଣଙ୍କୁ ସମ୍ମାନିତ କରିବା ସହ ବିଜୁ ବାବୁଙ୍କ ଟାଇପିଷ୍ଟଙ୍କୁ ସମ୍ମାନିତ କରି ଆମେ ଗର୍ବିତ ।

ଦିଲ୍ଲୀପ ରାୟ କହିଛନ୍ତି, ବିଜୁଙ୍କ କାର୍ଯ୍ୟ ଆଦର୍ଶ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ବିଜୁ ଲିଗାସୀ । ଆଜିର କାର୍ଯ୍ୟକ୍ରମ ଫ୍ୟାମିଲି ଗେଟ୍ ଟୁଗେଦର ଭଳି ଲାଗିଲା । ବିଜୁ ଲିଗାସୀ କଥା ଟିଭି ଓ ସୋସିଆଲ ମିଡ଼ିଆରେ ଚାଲିଛି । ବିଜୁଙ୍କ ରୋଷେୟା, ଖଇରାତି, ଡ୍ରାଇଭର ଓ ଟାଇପିଷ୍ଟ ହେଲେ ପ୍ରକୃତ ବିଜୁ ଲିଗାସୀ । ବିଜୁଙ୍କ କାର୍ଯ୍ୟ ଆଦର୍ଶ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ବିଜୁ ଲିଗାସୀ । ଯେଉଁ ମାନେ ବିଜୁ ବାବୁଙ୍କୁ ଦେଖି ନାହାନ୍ତି, ଜାଣି ନାହାନ୍ତି ସେମାନେ ବିଜୁ ବାବୁଙ୍କ କଥା ଆମକୁ ବୁଝାଉଛନ୍ତି । ବିଜୁ ବାବୁଙ୍କ ସ୍ନେହ, ଉପଦେଶ, ରାଗ ସବୁ ଦେଖିଛି । ବିଜୁ ବାବୁଙ୍କ ଶେଷ ଦେଢ଼ ବର୍ଷ ତାଙ୍କ ସେବା କରିବାର ସୁଯୋଗ ପାଇଛି ବୋଲି ଦିଲ୍ଲୀପ ରାୟ କହିଛନ୍ତି ।

## ମନ୍ତ୍ରୀଙ୍କ ଡ୍ରାଗନ...

ସାହାଯ୍ୟ କରୁଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଦେଇ କାର୍ଗୋ ବିମାନ ସାହାଯ୍ୟରେ ଏହି ଫଳ ବିଦେଶକୁ ପଠାଯାଉଛି।

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ପାଟଣାଗଡ଼େର ନିଜ ଫାର୍ମରେ ଜୈବିକ ପଦ୍ଧତିରେ ଡ୍ରାଗନ୍ ଫଳ ଚାଷ କରି ଚାଷୀଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଆମେରିକାରୁ ଫେରି ସୁନ୍ଦରଗଡ଼ର ଅରୁଣାଚାରୀ ପୁଲଓ୍ୱାର୍ତ୍ତୀ ଜଣେ ଆଇଟି ଇଞ୍ଜିନିୟର ଡ୍ରାଗନ୍ ଫଳ ଚାଷ କରି ମାସିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହା ଏକ କମ୍ ପାଣିରେ ହେଉଥିବା ଚାଷ, ଯାହା ପଶ୍ଚିମ ଓଡ଼ିଶାର ଜଳବାୟୁ ପାଇଁ ଉପଯୁକ୍ତ। ଏକର ପିଛା ପ୍ରାୟ ୩ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୁଦ୍ଧ ଲାଭ ମିଳିପାରୁଛି। ରକ୍ତଚାପ, ମଧୁମେହ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟ କରୁଥିବାରୁ ଏହାର ଚାହିଦା ବହୁତ ରହିଛି। ବର୍ତ୍ତମାନ ସୁଦ୍ଧା ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କୋରାପୁଟ ଓ ରାୟଗଡ଼ା, ଦକ୍ଷିଣ ଓଡ଼ିଶାର କନ୍ଧମାଳର ବେଡେକେତା, ଫିରିଙ୍ଗିଆ ବ୍ଲକ୍ ଏବଂ ଗଜପତି ଓ ମାଲକାନଗିରି, ଅନ୍ୟ ଜିଲ୍ଲା ଭିତରେ କେନ୍ଦ୍ରାପଡ଼ା, ନୟାଗଡ଼, ଓଡ଼ଗାଁ, ଖୋର୍ଦ୍ଧା, ପୁରୀ ଆଦି ଏହି ଜିଲ୍ଲାଗୁଡିକରେ ଡ୍ରାଗନ ଫ୍ରୁଟ୍ ଚାଷ କରାଯାଉଛି । ସରକାର ୨୦୨୭-୨୮ ସୁଦ୍ଧା ୪୫୦ ଚାଷୀଙ୍କୁ ଡ୍ରାଗନ ଫ୍ରୁଟ୍ ଚାଷରେ ସାମିଲ କରିବା ଲକ୍ଷ୍ୟ ରଖିଛନ୍ତି।

**କୃଷି ମନ୍ତ୍ରୀଙ୍କ ଭୂମିକା :** ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜେ ଡ୍ରାଗନ ଫ୍ରୁଟ୍ ଚାଷର ଉଦାହରଣ ସାଜିଛନ୍ତି। ବଲାଙ୍ଗୀର ପାଟଣାଗଡ଼େର ନିଜ ବାଡିରେ ୫ ଏକର ଜମିରେ ଚାଷ ୩ ବର୍ଷ ତଳେ ଆରମ୍ଭ କରିଥିଲେ । ପାରମ୍ପରିକ ଜୈବିକ ଖତ ଓ ଆଧୁନିକ ପ୍ରଣାଳୀରେ ଚାଷ କରୁଛନ୍ତି। ଏଥିପାଇଁ ତାଙ୍କୁ ଅର୍ଗାନିକ ସାର୍ଟିଫିକେଟ୍ ବି ମିଳିଛି । ଜଣେ ମନ୍ତ୍ରୀ ହୋଇ ନିଜେ ସଫଳ ଚାଷୀ ହେବା ଅନ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରୁଛି

କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜ ଫାର୍ମର ଡ୍ରାଗନ ଫଳ ଦୁବାଇ ଭଳି ବିଦେଶକୁ ରପ୍ତାନୀ କରୁଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ବି ଆତ୍ମନିର୍ଭରଶୀଳ ହେବା ପାଇଁ ଏହି ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ଔଷଧୀୟ ଗୁଣ, ଭିଟାମିନ୍ ଉ ଓ ଆଣ୍ଟିଅକ୍ସିଡାଣ୍ଟ ଯୋଗୁଁ ସହରାଞ୍ଚଳରେ ଡ୍ରାଗନ ଫ୍ରୁଟ୍ର ଚାହିଦା ବହୁତ ଅଧିକ । ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଡ୍ରାଗନ ଫ୍ରୁଟ୍ ଚାଷ ପାଇଁ ସବସିଡି ଓ ଟ୍ରେନିଂ ଦେଉଛି। ୧ ଏକର ପିଛା ପ୍ରାୟ ୩-୪ ଲକ୍ଷ ଟଙ୍କା ଖର୍ଚ୍ଚ ହେଲେ ୩ ବର୍ଷ ପରେ ବାର୍ଷିକ ୬-୮ ଲକ୍ଷ ଟଙ୍କା ଲାଭ ହୋଇପାରେ।

କନ୍ଧମାଳ ଜିଲ୍ଲା ବେଡ଼େକତା ଗାଁର ଆଦିବାସୀ ଚାଷୀମାନେ ଆଇଟିଡିଏ ଫୁଲବାଣୀର ସହାୟତାରେ ୮ ଏକରେ ଚାଷ କରିଛନ୍ତି। ପ୍ରୋଜେକ୍ଟ ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।୦.୭୫ ଏକରୁ ଚାଷୀମାନେ ବାର୍ଷିକ ୭-୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହା ପୂର୍ବ ପାରମ୍ପରିକ ଫସଲ ଠାରୁ ବହୁତ ଅଧିକ । ରାୟଗଡ଼ା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଡ୍ରାଗନ ଫ୍ରୁଟ୍ ଚାଷ କରି ଆର୍ଥିକ ସ୍ୱାଧୀନତା ପାଇଛନ୍ତି । ସ୍ଥାନୀୟ ବଜାରରେ କିଲୋ ପିଛା ୨୫୦-୩୦୦ ଟଙ୍କା। ଗୁଣବତ୍ତା ଭଲ ଥିଲେ ଅଧିକ ଦର ମିଳୁଛି । ବର୍ତ୍ତମାନ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟନମ୍‌ର ବ୍ୟବସାୟୀମାନେ ସିଧା ଚାଷୀଙ୍କ ପାଖରୁ କିଣି ନେଉଛନ୍ତି । କନ୍ଧମାଳର ଫଳର ଗୁଣବତ୍ତା ଏତେ ଭଲ ଯେ ତୋଳିବାର ୧୫ ଦିନ ପର୍ଯ୍ୟନ୍ତ ଖରାପ ହୁଏନି। ଏଥିପାଇଁ ଦୂର ବଜାରକୁ ପଠାଇବା ସହଜ ।

# ବିଜେପି ସରକାରକୁ ବିଜେଡିର ଟାର୍ଗେଟ ନାରୀ ଶକ୍ତି ବନ୍ଦନ ନାଁରେ ଭୁଆଁ ବୁଲାନଯାଉ...

ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ବିଜେପି ସରକାରକୁ ବିଜେଡିର ଟାର୍ଗେଟ । ନାରୀ ଶକ୍ତି ବନ୍ଦନ ଅଧିନିୟମ ନାଁରେ ଦେଶର ମହିଳାମାନଙ୍କୁ ଭୁଆଁ ବୁଲାନଯାଉ । ଏବେ ବିଭିନ୍ନ ରାଜ୍ୟରେ ନିର୍ବାଚନ ରହିଛି। ମହିଳାଙ୍କ ପ୍ରତି ଅତ୍ୟାଚାର ବଢିଚାଲିଛି । ବିଭିନ୍ନ ସାମଗ୍ରୀର ଦରଦାମ ହୁହୁ ହୋଇ ବଢିବାରେ ଲାଗିଛି। ତେଣୁ ଏସବୁ ପ୍ରସଙ୍ଗ ଉପରେ ନଜରା ହଟାଇବାକୁ ରାଜନୈତିକ ଅଭିସନ୍ଧି ରଖି ପ୍ରହସନ କରାନଯାଉ ବୋଲି ବିଜେଡି ପ୍ରେସମିଟ୍ କରି କହିଛି ।

ଦଳର ବରିଷ୍ଠ ନେତ୍ରୀ ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ସ୍ନେହାଙ୍ଗୀନି ଛୁରିଆ ଏକ ପ୍ରେସମିଟର ଆୟୋଜନ କରିଥିଲେ । ଏହି ପ୍ରେସମିଟରେ ସେ ବିଜେପି ସରକାରଙ୍କୁ ନାରୀ ଶକ୍ତ ବନ୍ଦନ ଅଧିନିୟମକୁ ନେଇ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ଲାଗୁ କରିବାକୁ ବିଜେଡି ସ୍ୱାଗତ କରୁଛି। କିନ୍ତୁ ଏହି ଅଧିନିୟମ ନାଁରେ ବିଜେପି ପ୍ରହସନ ନକରୁ। ପାର୍ଲିଆମେଣ୍ଟରେ ଏହି ବିଲ୍ ୨୦୨୩ରେ ପାରିତ ହୋଇଛି। ଆନ୍ତରିକତା ସହ ଏହାକୁ ଲାଗୁ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରନ୍ତୁ। ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ଯେତେବେଳେ ସାରା ଦେଶ ଚିନ୍ତା କରିନଥିଲା । ସେତେବେଳେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ସେହିପରି ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀ ଥିବା ବେଳେ ରାଜ୍ୟରେ ମହିଳା କମିଶନ ପ୍ରତିଷ୍ଠା କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଆରମ୍ଭ କରିଥିଲେ। ଯାହାକି ସାରା ଦେଶକୁ ଦିଗଦର୍ଶନ ଦେଇଥିଲା। ଏହି ଧାରାକୁ ଆହୁରି ଆଗକୁ ନେଇଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବା ପାଇଁ ବିଜେଡି ସ୍ୱର ଶାଣିତ କରିଆସିଛି। ଅଘୋଷିତ ଭାବରେ ବିଜେଡି ଲୋକସଭା ଓ ବିଧାନସଭାରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୨୦୧୮ରେ ମହିଳା ସଂରକ୍ଷଣ ବିଲ୍ ପାରିତ ହେଉ ବୋଲି ସର୍ବସମ୍ମତି ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଥିଲା। ଏହି ବିଲକୁ ସଂସଦରେ ପାରିତ କରିବା ପାଇଁ ୨୨ଟି ରାଜନୈତିକ ଦଳକୁ ବିଜେଡି ପ୍ରତିନିଧି ପଠାଇ ଅନୁରୋଧ କରିଥିଲା। ଆଜି ସାରା ଦେଶରେ ମହିଳାଙ୍କ ଚାପ ବଢିବା ପରେ ସରକାର ଏହାକୁ ଲାଗୁ କରିବାକୁ ଯାଉଛନ୍ତି।

# ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ ଆମ ସରକାର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮/୦୪ (ଜେଏନଏସ) : ବିଜୁ ପଟ୍ଟନାୟକଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ ଆମ ସରକାର । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଅବସରରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି, ବିଜୁ ବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଶିଳ୍ପପତି, ଓଡିଶାକୁ ଭଲ ପାଉଥିବା ରାଜନେତା । ଓଡିଶା ମାଟିର ଗୌରବ ଏବଂ ଦେଶର ସମ୍ମାନ ପାଇଁ ସେ ସର୍ବଦା ଲଢେଇ କରୁଥିଲେ । ଓଡ଼ିଶାର ସ୍ୱାଭିମାନ ଏବଂ ସମ୍ମାନ ପାଇଁ ସେ କେବେ ସାଲିସ କରିନଥିଲେ । ଓଡିଶାକୁ ସମୃଦ୍ଧ କରିବାକୁ ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ । ବିଜୁ ପଟ୍ଟନାୟକ ସଂକଳ୍ପ ଏବଂ ସ୍ୱପ୍ନକୁ ନେଇ ଆମ ସରକାର ମଧ୍ୟ ସମୃଦ୍ଧ ଓଡିଶା ଗଠନ କରିବାକୁ କାର୍ଯ୍ୟ କରୁଛି । ଓଡିଶା ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁ ବାବୁ ଙ୍କର ଯେଉଁ ସ୍ୱପ୍ନ ଅଧୁରା ରହିଯାଇଛି, ସେହି ସପ୍ନକୁ ପୁରା କରିବାକୁ ଆମ ସରକାର ସଂକଳ୍ପ ନେଇଛନ୍ତି । ଆଗାମୀ ଦିନରେ ଓଡ଼ିଆ ସ୍ୱାଭିମାନ ବିଶ୍ୱ ଦରବାରରେ ପହଂଚିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ଶକ୍ତି ଏ ସପ୍ତାହର

**୧୯ – ୨୫ ଅପ୍ରେଲ'୨୬**



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମେଷରାଶି: ଆପଣଙ୍କ ଧର୍ମପତ୍ନୀ ଆପଣଙ୍କ ମନ୍ତବ୍ୟ ସହିତ ସହମତ ରହିବେ ଏ ସପ୍ତାହ । ପୈତ୍ରିକ ସମ୍ପତି ଜଡିତ କାମ ସହଜରେ ହେୟାଇପାରିବ । କୋର୍ଟ କଚେରୀ କାମ ବି ଆସିବ ଯାହା ପାଇଁ ଆପଣଙ୍କୁ ଯାତ୍ରା କରିବାକୁ ପଡିବ । ଚାକିରୀ ବା ବ୍ୟବସାୟରେ ଚାପ ବଢିବ କୌଣସି ପ୍ରତିଦ୍ୱନ୍ଦୀ ଯୋଗୁଁ କ୍ଷତିଗ୍ରସ୍ତ ହେୟାଇପାରନ୍ତି ।ଏ ସପ୍ତାହ ଆପଣ ଋଣ ବା ଧାର ନେଇପାରନ୍ତି । ଆପଣଙ୍କ ସାନ ଭାଇ ସାହାର୍ଯ୍ୟ କରିବେ ଆପଣଙ୍କୁ ଅସୁବିଧାରୁ ବାହାର କରିବେ । ସ୍ୱାସ୍ଥ୍ୟ ଭଲ ରହିବ ।

ବୃଷ ରାଶି: କର୍ମଜୀବନରେ ନୂଆ ସୁଯୋଗ ପାଇବେ ଯାହାଦ୍ୱାରା ଆପଣଙ୍କର ଅର୍ଥ ଲାଭ ହେବ । କୌଣସି ଭୁଲ ମାଧ୍ୟମରେ ଅର୍ଥ ଅର୍ଜନ କରିବା ଆପଣଙ୍କୁ ଆକର୍ଷିତ କରିବା । ସ୍ୱାମୀ ବା ସ୍ତ୍ରୀ ନିଜ ଘରଠୁ ଦୂରରେ ରହିବେ କାମ କାର୍ଯ୍ୟ ପାଇଁ । ମା'ଙ୍କ ସହ ବୋଲଚାଲରେ ଏପଟ ସେପଟ କଥା ହବ । ଅର୍ଥ ଲାଭ ନହେଲେ ବି କ୍ଷତି ହବ ନାହିଁ। ବନ୍ଧୁବାନ୍ଧବଙ୍କ ସହ ମତାନ୍ତର ଏବଂ ଯୁକ୍ତିତର୍କ ହେଇପାରେ ।

ମିଥୁନ ରାଶି: ଜୀବନସାଥୀ ଅପାଙ୍କ କଥାରେ ଚାଲିଲେ ମଧ ଏ ସପ୍ତାହ ଅପନାମାନଙ୍କ ମଧରେ ମନମାଳୀନ ରହିବ । ଛୋଟ ଛୋଟ କଥାରେ ଯୁକ୍ତିତର୍କ ବଢ଼ିବ । କର୍ମ ଜୀବନରେ ପରିବେଶ ପରିସ୍ଥିତି ଆପଣଙ୍କ ପାଇଁ ବହୁତ କଷ୍ଟକର ହବ । ଏସପ୍ତାହ ଆପଣ କାହା ଠାରୁ ଆକର୍ଷିତ ହୋଇ ପାରନ୍ତି । ଏସମ୍ପର୍କ ବିଷୟରେ ଆପଣଙ୍କ ଘର ଲୋକଙ୍କର ସମର୍ଥନ ରହିବ । ସ୍ୱାସ୍ଥ୍ୟ ପାଇଁ ଚିକତ୍ସକ ପାଖକୁ ଯିବାକୁ ପଡ଼ିବ ।

କର୍କଟ ରାଶି: ଅସୁସ୍ଥତା ହେତୁ ଅର୍ଥ ହାନି ହେବ ଏବଂ ଚାକିରୀ ବା ପାଠ ପଢ଼ାରେ ଅବହେଳା କରିବେ । ପରିବାରରେ ଆପଣଙ୍କୁ ନେଇ ଝଗଡା ହେଇପାରେ । ଯାତାୟାତ କଲା ବେଳେ ମଧ ଅସୁବିଧାରା ସମ୍ମୁଖୀନ ହେବେ । କାମ କାର୍ଯ୍ୟ ପାଇଁ ଅର୍ଥ ଅଭାବ ହୋଇପାରେ । କୌଣସି ଏକ ଅନୁଷ୍ଠାନକୁ ଆପଣ ନିଜ ଘର ଲୋକଙ୍କୁ ବହୁତ ଦିନପରେ ବୁଲେଇ ନେବେ । ଏ ସପ୍ତାହ ଆପଣ ଖୁବ ଧାର୍ମିକ ରହିବେ ।

ସିଂହ ରାଶି: ପାରିବାରିକ ସୁଖ ରହିବ ହେଲେ ମନ ବ୍ୟସ୍ତ ହେବ ଆଉ ଆପଣ ସଠିକ ଜାଣିପାରିବେନି କାହିଁକି । ଯାତ୍ରା କୌଣସି କାରଣରୁ ମୂଲ୍ୟ ହୀନ ହୋଇଯିବ। ଆପଣ ପୂଜାପାଠରେ ମନଦେବେ ଉପବାସ ବା ଅଧିକ ସମୟ ଖାଲିପେଟ ରହିବାରୁ ଦେହ ଖରାପ ହେବ। ଜୀବନସାଥିଙ୍କ ଅସୁସ୍ଥତା ହେତୁ ଆପଣ ଚିନ୍ତାରେ ରହିବେ । କାମ କାର୍ଯ୍ୟକୁ ନେଇ ପଇଶା ନିବେଶ କରିବେ ।ଏ ସପ୍ତାହ ଆପଣ ଦାନ ଧର୍ମ କରିବେ ।

କନ୍ୟା ରାଶି: ଜୀବନସାଥୀ ସହ ଝଗଡା, ଖାସ କର ପିତୃକ ସମ୍ପତ୍ତିକୁ ନେଇ ମତାନ୍ତର ହେଇପାରେ ଏବଂ କଥା ବାର୍ତାରେ ଦୁଇଜଣ ଝଗଡ଼ା ହୋଇପାରେ । ପ୍ରେମ ସମ୍ପର୍କରେ ଥିବା ଲୋକ ମାନେ ଖୁବ କାଷ୍ଟାରେ ରହିବେ, କାରଣ ସେ ସମ୍ପର୍କ ଭାଙ୍ଗିଯିବା ଉପରେ ଅଛି । କର୍ମ କ୍ଷେତ୍ରରେ ଖୁବ ଉନ୍ନତି ରହିଛି । ଆର୍ଥିକ ପରିସ୍ଥିତି ସୁଧୁରିବ । ଆପଣ ରାଗରେ ରହିବେ ଏବଂ କଥା ବାର୍ତା କଲା ବେଳେ ଦେଖିବେନି କାହା ସହିତ କଥା ହଉଛନ୍ତି ।

ତୁଳା ରାଶି: କୌଣସି ଅରଜି କାରଣରୁ ଆସୁବିଧାରେ ରହି ପାରନ୍ତି । ଆପଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ମଧ ଆପଣ ବ୍ୟସ୍ତ ରହିବେ । ନୂଆ କାମ ମିଳିବ ହେଲେ ଚିନ୍ତା ଲାଗି ରହିବ କାମକୁ ନେଇ । କାମ ଯୋଗୁଁ ଆପଣଙ୍କ ସମ୍ମାନ ସମାଜରେ ବଢିବ । ବିଦେଶରେ ଥିବା ଲୋକ ମାନେ କିଛି ଅସୁସ୍ଥ ହେବେ ହେଲେ ଯେଉଁମାନେ ପ୍ରେମ ସମ୍ପର୍କରେ ଅଛନ୍ତି ସେମାନେ ଠକି ହୋଇଯାଇପାରନ୍ତି ।

ବିଛା ରାଶି: ଏ ସପ୍ତାହ ଆପଣଙ୍କ ବାପା ବା ମା ହିସାବରେ ଉପରେ କିଁଛି ନିର୍ଣ୍ଣୟ ନେବେ ଯାହାକି ଆପଣାକୁ ଜାଣିଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ ହେବେ । ବିହୁତ ଦିନରୁ ଚାଲି ଆସୁଥିବା ଅସୁସ୍ଥତାରୁ ଆପଣ ବାହାରି ପାରିବେ । କର୍ମ କ୍ଷେତ୍ରରେ ଏକ ଭଲ ଲିଡର ହେବାର ପୁଣିଥରେ ପରିଚୟ ଦେବେ । ଜୀବନସାଥୀ ଖୁବ ଧ୍ୟାନ ନେବେ ଏବଂ କୌଣସି ପରିସ୍ଥିତିରେ ଅପାଙ୍କ ସମର୍ଥନ କରିବେ । ଆର୍ଥିକ ପରିସ୍ଥିତି ଠିକ ଠାକ ରହିବ ।

ଧନୁ ରାଶି: ବିଦେଶ ଯାତ୍ରାର ଯୋଗ ଅଛି ଏ ସପ୍ତାହ। ଜୀବନ ସାଥୀଙ୍କ ସହ ଭଲ ସମୟ ବିତିବା ହେଲେ ସେ କୌଣସି କାରଣରୁ କାଷ୍ଟାରେ ଅଛନ୍ତି । କାମ କାର୍ଯ୍ୟରେ ଅସୁଭିଧା ଭିତରେ ଉନ୍ନତି ଅଛି । ଆର୍ଥିକ ସ୍ଥିତି ସୁଧୁରିବ, ବହୁତ ଦିନରୁ ଅଟକି ରହିଥିବା ପଇସା ମିଳିବ । ନିଜ ପାଇଁ ଲୁଗା କିଣି ପାରିବେ । ଖାଇବା ପିଇବାରେ ଧ୍ୟାନ ଦେବା ଦରକାର ନଚେତ ପେଟ ରୋଗ ରେ ପୀଡା ପାଯିବେ ।

ମକର ରାଶି: ବଦଖର୍ଚ୍ଚ ଯୋଗୁଁ ଏ ସପ୍ତାହ ପଇଶାର ଅସୁବିଧା ରହିବ । ଜୀବନ ସାଥୀଙ୍କ ସାହାଯ୍ୟରୁ ଆପଣ ଏଥିରୁ ବାହାରିପାରିବେ କିନ୍ତୁ ଯଦି ଆପଣ ଅବିବାହିତ ତାହାଲେ ଆପଣଙ୍କ ସମସ୍ୟା ବଢିବା । ଫାଇନାନ୍ସରେ କାମ କରୁଥିବା ଲୋକ ମାନଙ୍କର ଉନ୍ନତି ଅଛି । ପଶୁମାନଙ୍କଠୁ ସତର୍କ ରୁହନ୍ତୁ । ପ୍ରତିସ୍ୱର୍ଦ୍ଧାର ଆପଣ ଆଗରେ ରହିବେ । ଏ ସପ୍ତାହ ଯାତ୍ରା କରିବା ଆପଣଙ୍କ ପାଇଁ କଠିନ ରହିବ ।

କୁମ୍ଭ ରାଶି: ଏ ସପ୍ତାହ ଆପଣ ଅଳସୁଆମୀ ହେତୁ କାମ କରିବାକୁ ମନ କରିବେନି । ପରିବାର ଲୋକ ଆପଣାକୁ ସହଯୋଗ ଦେବେ ନାହିଁ, ପୂର୍ବରୁ ଚାଲି ଆସୁଥିବା ମତାନ୍ତର ହେତୁ । ଭୁଲବୁଝାବଣା ଯୋଗୁଁ ଆପଣ ବହୁତ ମାନସିକ ଯନ୍ତ୍ରଣା ପାଇବେ । ରାଗରେ ଥିଲା ବେଳେ ଆପଣ ବହୁତ କିଛି କହିଦେବେ । ଅଚାନକ ମିଳିଥିବା ଅର୍ଥ ଲାଭରୁ ଆପଣ କିଛି ଦରକାରୀ କାମ ପୁରା କରିପାରିବେ। ଅସୁବିଧା ସମୟରେ ଆପଣଙ୍କ ତଳ କର୍ମଚାରୀ ସହଯୋଗ ଦେବେ ଯାହାର ଆଶା ଆପଣଙ୍କୁ ନଥିବ ।

ମୀନ ରାଶି: ଆଖିର କୌଣସି ଅସୁବିଧା ଯୋଗୁଁ କଷ୍ଟ ପାଇବେ। ଆର୍ଥିକ ପରିସ୍ଥିତି ଭଲ ରହିବ, କାରଣ ଆପଣଙ୍କୁ ପାଇବାକୁ ଥିବା ପଇସା ମିଳିବାର ଯୋଗ ଅଛି । ସଂପର୍କୀୟଙ୍କ ଘର ପୂଜାରେ ଯୋଗଦେଇପାରନ୍ତି । କଠିନ ପରିଶ୍ରମ କରି ଆପଣ ନିଜ କାମରେ ଆଗେଇବ । ଖର୍ଚ୍ଚରେ ବୃଦ୍ଧି ଯୋଗୁଁ ଏ ସପ୍ତାହର ହିସାବ ବିଗାଡିବା। ବିଦେଶ ଯିବା ପାଇଁ କୌଣସି କାଗଜ ପତ୍ର କାମ ହୋଇପାରିବ । ଥଣ୍ଡା ଜନିତ ଶରୀର କଷ୍ଟ ରହିବ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



## ପ୍ରମୁଖ ଖବର ଏ ସପ୍ତାହର

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସୋନପୁର ଓ ବୌଦ୍ଧ ଭଳି ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବାର ସମ୍ଭାବନା ଥିବାରୁ ଏହି ଅଞ୍ଚଳରେ ସ୍କୁଲ ଓ କଲେଜଗୁଡ଼ିକୁ ୫ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭୁବନେଶ୍ୱରରେ 'ଓଡ଼ିଶା ନାଗରିକ ମଞ୍ଚ' ଗଠନ କରାଯାଇଛି। ବିଜୁ ବାବୁଙ୍କ ଆଦର୍ଶର ପ୍ରଚାର ପାଇଁ ଏହି ନୂତନ ମଞ୍ଚ କାର୍ଯ୍ୟ କରିବ।
- ମହିଳା ସଂରକ୍ଷଣ ବିଲ୍ ଖାରଜ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଙ୍କୁ କଡ଼ା ସମାଲୋଚନା କରି ଏହାକୁ 'ନାରୀ ଶକ୍ତି ପ୍ରତି ବିଶ୍ୱାସଘାତକତା' ବୋଲି କହିଛନ୍ତି।
- ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ପ୍ରତିବାଦରେ ଆଜି ମୟୂରଭଞ୍ଜରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି।
- ଏକ ବାହାଘର ଗାଡ଼ି ଓଲଟି ପଡ଼ିବାରୁ କୋରାପୁଟର ୩୩ ଜଣ ଯାତ୍ରୀ ଆହତ ହୋଇଛନ୍ତି, ସେଥିମଧ୍ୟରୁ ୧୩ ଜଣଙ୍କ ଅବସ୍ଥା ଗୁରୁତର
- ଭୁବନେଶ୍ୱର ଶ୍ୟାମପୁର ମୌଜାରେ ଇଡଉ ପକ୍ଷରୁ ବଡ଼ ଧରଣର ଉଚ୍ଛେଦ କରାଯାଇ ପ୍ରାୟ ୮ ଏକର ସରକାରୀ ଜମି ମୁକ୍ତ କରାଯାଇଛି।
- ବିହାରକୁ ହରାଇ ଓଡ଼ିଶା ମହିଳା ରଗ୍‌ବୀ ଦଳ ସିନିୟର ନ୍ୟାସନାଲ ଚାମ୍ପିଅନସିପ୍ ଜିତିଛନ୍ତି।
- ସମ୍ବଲପୁରର ଐତିହାସିକ ଭିକ୍ଟୋରିଆ ଟାଉନ ହଲ୍ ?କୁ ଏବେ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ ଭାବେ ଲୋକାର୍ପିତ କରାଯାଇଛି।
- ଓଡ଼ିଶାର ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ ଝାରସୁଗୁଡ଼ାରେ ପାରଦ ୪୫ ଡିଗ୍ରୀ ଅତିକ୍ରମ କରିଛି।
- ପାଣିପାଗ ବିଭାଗ ଆଗାମୀ ୩ ଦିନ ପାଇଁ ପ୍ରାୟ ୧୨ଟି ଜିଲ୍ଲାକୁ ଅରେଞ୍ଜ୍ ଆଲର୍ଟ ଜାରି କରିଛି। ବିଶେଷ କରି ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।
- ପ୍ରବଳ ଗରମକୁ ଦୃଷ୍ଟିରେ ରଖି ସୋନପୁର ଏବଂ ବୌଦ୍ଧ ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ/ କଲେଜକୁ ଆଗାମୀ ୫ ଦିନ ପାଇଁ (ଏପ୍ରିଲ ୨୩ ପର୍ଯ୍ୟନ୍ତ) ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।
- ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ମାଲକାନଗିରି ଜିଲ୍ଲାର ଜଙ୍ଗଲରେ ସୁରକ୍ଷାବଳଙ୍କ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବହୁ ପରିମାଣର ବିସ୍ଫୋରକ ଏବଂ ନକ୍ସଲ୍ ସାମଗ୍ରୀ ଜବତ।
- ପ୍ରବଳ ଖରା ସତ୍ତ୍ୱେ ଆଜି ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭକ୍ତମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ଼ରେ କାର୍ପେଟ୍ ଏବଂ ପାଣି ସ୍ପ୍ରେର ବ୍ୟବସ୍ଥା କରାଯାଇଛି।
- ରାଉରକେଲା ବିମାନବନ୍ଦରକୁ ଏକ ପୂର୍ଣ୍ଣକାଳୀନ କମର୍ସିଆଲ୍ ଏୟାରପୋର୍ଟ ଭାବେ ବିକଶିତ କରିବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ।

# ଆଇପିଏଲରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ରୂପ

ମୁମ୍ବାଇ, ୧୮/୦୪ : କ୍ରମାଗତ ଫେଲ ମାରି ଆସୁଥିବା ଯୁବ ବ୍ୟାଟର ଅଭିଷେକ ଶର୍ମା ଶେଷରେ ନିଜ ପୁରୁଣା ଅନ୍ଦାଜକୁ ଫେରିଛନ୍ତି। ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନପୁର ଷ୍ଟାଡିୟମରେ ଗର୍ଜିଛି ଅଭିଷେକ ଶର୍ମାଙ୍କ ବ୍ୟାଟ୍। ସେ ଖେଳିଛନ୍ତି ୨୮ ବଲରେ ୭୪ ରନର ବିସ୍ଫୋରକ ଇନିଂସ। ତାଙ୍କ ବ୍ୟାଟରୁ ବାହାରିଛି ୮ଟି ଛକା ଓ ୫ଟି ଚୌକା। ଟି-୨୦ ବିଶ୍ୱକପ ଫାଇନାଲକୁ ଛାଡ଼ି ବାକି ମ୍ୟାଚ୍‌ରେ ଅଭିଷେକ ଶର୍ମା ନିଜ ବିସ୍ଫୋରକ ରୂପ ଦେଖାଇବାରେ ବିଫଳ ହୋଇଥିଲେ। ଆଇପିଏଲ ଆରମ୍ଭରୁ ମଧ୍ୟ ତାଙ୍କ ବ୍ୟାଟ ନିରବ ରହିଥିଲା। କିନ୍ତୁ ଆଜି ତାଙ୍କ ବ୍ୟାଟ ଅନେକ କଥା କହିଛି। କେବଳ ଅଭିଷେକ ନୁହନ୍ତି, ତାଙ୍କ ଆଇପିଏଲ ଇନିଂସର ଓପନିଂ



ପାର୍ଟନର ଟ୍ରାଭିସ ହେଡ ମଧ୍ୟ ପୁରୁଣା ଲୟକୁ ଫେରିଛନ୍ତି। ଅଭିଷେକ ଓ ହେଡଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ସନ ରାଇଜର୍ସ ହାଇଦ୍ରାବାଦ ଟି-୨୦ କ୍ରିକେଟରେ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି।

ଉଭୟ ପାୱାର ପ୍ଲେରେ ୧୦୫ ରନ ଯୋଡ଼ିବା ସହ ୮ମ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୧୨୦ରେ ପହଞ୍ଚାଇ ଦେଇଥିଲେ। କେବଳ ପାୱାର ପ୍ଲେରେ ଅଭିଷେକ ଶର୍ମାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ୭ଟି ଛକା। ୪ର୍ଥ ଖେଳାଳି ଭାବେ ସେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ପାୱେ ପ୍ଲେରେ ୭ଟି ଛକା ମାରିବାର ରେକର୍ଡ ସନଥ ଜୟସୂରିୟା, ଜଶ ବଟଲର ଓ ଜନ୍ନି ବେୟାରଷ୍ଟୋଙ୍କ ନାଁରେ ରହିଥିଲା।

ସନ ରାଇଜର୍ସ ହାଇଦ୍ରାବାଦ ମଧ୍ୟ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। ହାଇଦ୍ରାବାଦ ତୃତୀୟ ଥର ପାଇଁ ପାୱାର ପ୍ଲେରେ ୧୦୦ ରନ ଅତିକ୍ରମ କରିଛି। ହାଇଦ୍ରାବାଦକୁ ଛାଡ଼ି ଦେଲେ ବିଶ୍ୱର କୌଣସି ଟି-୨୦ ଟିମ ପାୱାର ପ୍ଲେରେ ଗୋଟିଏ ଥରରୁ ଅଧିକ ୧୦୦ ରନ ଅତିକ୍ରମ କରି ନାହାନ୍ତି।

ହାଇଦ୍ରାବାଦ ୨୦୨୪ରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ପାୱାର ପ୍ଲେରୁ ୧୨୫ ରନ ଆଦାୟ କରିଥିଲା। ସେହି ୨୦୨୪ରେ ଦଳ ପୁଣି ଥରେ ଲକ୍ଷ୍ମୌ ବିପକ୍ଷରେ ୧୦୭ ରନ କରିଥିଲା। ଆଜି ହାଇଦ୍ରାବାଦ ୧୦୫ ରନ କରିଛି। ୩ ଥର ଯାକ ଅଭିଷେକ ଶର୍ମା ଓ ଟ୍ରାଭିସ ହେଡଙ୍କ ବିସ୍ଫୋରକ ରୂପ ଦେଖିବାକୁ ମିଳିଛି। ପାୱାର ପ୍ଲେରେ ୧୦୦ରୁ ଅଧିକ ରନ କରିଥିବା ବାକି ୨ ଦଳ ହେଲେ କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗସ। ୨୦୧୭ରେ ଆରସିବି ବିପକ୍ଷ ମ୍ୟାଚରେ କୋଲକାତା ବିନା ୱିକେଟରେ ୧୦୫ ରନ କରିଥିଲା। ସେହିପରି ୨୦୧୪ରେ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇ ୨ ୱିକେଟ ହରାଇ ପ୍ରଥମ ୬ ଓଭରରେ ସମାନ ୧୦୦ କରିଥିଲା। ମ୍ୟାଚ୍ କଥା ବିଚାରକୁ ନେଇ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୯ ରନ କରିଛି। ଏବେ ମ୍ୟାଚ୍ ଜିତିବା ପାଇଁ ହାଇଦ୍ରାବାଦକୁ ୨୨୦ ରନ କରିବାକୁ ପଡ଼ିବ। ଅଭିଷେକ ଶର୍ମା ୭୪ ରନ କରିଥିବା ବେଳେ ହେଡ ୩୮, ଅଧିନାୟକ ଈଶାନ କିଶନ ୨୭ ଓ ହେନରିଚ କ୍ଲାସେନ ୩୯ ରନର ଇନିଂସ ଖେଳିଛନ୍ତି।

## ଆର୍‌ସିବିର ଘାତକ ବୋଲିଂ, ୧୪୬ ରନରେ ଆଣ୍ଠେଇଲା ଏଲଏସଜି

ମୁମ୍ବାଇ, ୧୮/୦୪ : ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଉଥିବା ଆଇପିଏଲ ୨୦୨୬ର ୨୨ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲରଙ୍କ ଘାତକ ବୋଲିଂ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ମୌ ସୁପର ଜାଏଣ୍ଟସ ୧୪୬ ରନ କରିଛି। ମିଚେଲ୍ ମାର୍ଶ ସର୍ବାଧିକ ୪୦ ରନ କରିଥିବା ବେଳେ ଆୟୁଷ ବାଦୋନି ୩୮ ରନ ଓ ମୁକୁଲ ଚୌଧୁରୀ ୩୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଛନ୍ତି। ବେଙ୍ଗାଲୁରୁ ଆଗରେ ୧୪୭ ରନର ବିଜୟ ଲକ୍ଷ୍ୟ ରହିଛି। ବୋଲିଂରେ ରଶିଖ ସଲାମ ଡାର ୪ଟି ଏବଂ ଭୁବନେଶ୍ୱର କୁମାର ୩ଟି ୱିକେଟ୍ ନେଇ ଲକ୍ଷ୍ମୌକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜିର ଆରମ୍ଭ ସେତେ ଆଶାନୁରୂପ ନ ଥିଲା। ଆଡନ ମାରକ୍ରମ ୧୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଅଧିନାୟକ ଋଷଭ ପନ୍ତ( ୧ ରନ) ଓ ନିକୋଲାସ ପୂରନ( ୧ ରନ) ନିଜର ଖରାପ ଫର୍ମ ବଜାୟ ରଖି ଦଳକୁ ନିରାଶ କରିଥିଲେ। ମିଚେଲ୍ ମାର୍ଶ ୪୦ ରନ କରି ଆଉଟ୍ ହୋଇଥିଲେ। ଆୟୁଷ ବାଦୋନି ୨୪ ବଲରୁ ୩୮ ରନର ଉପଯୋଗୀ ରନ କରିଛନ୍ତି। ନିମ୍ନକ୍ରମରେ ମୁକୁଲ ଚୌଧୁରୀ ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟପଟୁ କେହି ସହଯୋଗ କରି ନ ଥିଲେ। ଫଳରେ ଏଲଏସଜି ୧୪୬ ରନ କରି ପାରିଛି। ମୁକୁଲ ଚୌଧୁରୀ ୩୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ବୋଲିଂରେ ରଶିଖ ସଲାମ ଡାର ୪ ଓଭରରେ ୨୪ ରନ ଓ ଭୁବନେଶ୍ୱର କୁମାର ସମାନ ୪ ଓଭରରେ ୨୭ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି। ଦୁଇ ବୋଲର ଘାତକ ବୋଲିଂ କରି ଏଲଏସଜିକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି।

# ସଞ୍ଜୁ ସାମସନ ଜିତିଲେ ଆଇସିସିର ବଡ଼ ପୁରସ୍କାର



ମୁମ୍ବାଇ, ୧୮/୦୪ : ଭାରତୀୟ ଟି-୨୦ ଟିମର ଓପନର ସଞ୍ଜୁ ସାମସନଙ୍କୁ ଜିତିଛନ୍ତି ଆଇସିସିର ବଡ଼ ପୁରସ୍କାର। ପ୍ରଥମଥର ପାଇଁ ସାମସନ ଜିତିଛନ୍ତି ଆଇସିସି ପ୍ଲେୟାର ଅଫ ଦ ମନ୍ଥ ଆୱାର୍ଡ। ଅର୍ଥାତ ସାମସନ ବନିଛନ୍ତି ମାସର ଶ୍ରେଷ୍ଠ ଖେଳାଳି। ଏହି ପୁରସ୍କାର ଦୌଡ଼ରେ ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ଦକ୍ଷିଣ ଆଫ୍ରିକାର କୋନ୍ନୋର ଇଷ୍ଟେରହୁଇଜେନ ରହିଥିଲେ। କିନ୍ତୁ ସେମାନଙ୍କୁ ପଛରେ ପକାଇ ଦେଇଛନ୍ତି ସାମସନ। ଏହାପୂର୍ବରୁ ପାକିସ୍ତାନର ଓପନର ଶାହିବଜାଦା, ଦକ୍ଷିଣ ଆଫ୍ରିକାର ସିମନ ହାର୍ମର, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ଆଇସିସିର ମାସିକିଆ ପୁରସ୍କାର ଜିତିଥିଲେ। ଏବେ ଭାରତ ପାଇଁ ଟି-୨୦ ବିଶ୍ୱକପରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ସାମସନ ବାଜି ମାରିଛନ୍ତି। ଟି-୨୦ ବିଶ୍ୱକପ ଆରମ୍ଭ ସମୟରେ ସାମସନ ଚୂଡ଼ାନ୍ତ ଏକାଦଶରେ ନଥିଲେ। କିନ୍ତୁ ସୁପର ୮ର ନିଶ୍ଚିତ ବିଜୟ ମ୍ୟାଚ୍‌ରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୨୪ ରନ କରିଥିଲେ। କିନ୍ତୁ ମାର୍ଚ୍ଚ ୧ ତାରିଖ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିଥିଲେ ଅପରାଜିତ ୯୭ ରନର ଇନିଂସ। ଏହି ଇନିଂସ ଯୋଗୁ ଭାରତ ସେମିରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ସେ ୮୯ ରନର ଇନିଂସ ଖେଳିଥିଲେ। ଫାଇନାଲ ମ୍ୟାଚରେ ମଧ୍ୟ ତାଙ୍କ ବ୍ୟାଟରୁ ବାହାରିଥିଲା ୮୯ ରନ। ଏହି ଇନିଂସ ଯୋଗୁ ଭାରତ କ୍ରମାଗତ ଦ୍ୱିତୀୟ ଥର ଟି-୨୦ ବିଶ୍ୱକପ ଜିତିଥିଲା। ଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷ ସେମିରେ ସାମସନ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ଜିତିଥିଲେ। ମାର୍ଚ୍ଚ ମାସରେ ସେ ୩ ଟି-୨୦ ମ୍ୟାଚ୍‌ରେ ୨୭୫ ରନ କରିଥିଲେ। ତାଙ୍କ ଆଭରେଜ ୧୩୭.୫୦ ରହିଥିବା ବେଳେ ଷ୍ଟ୍ରାଇକ ରେଟ ରହିଥିଲା ୧୯୯.୨୭। ଏଥିପାଇଁ ତାଙ୍କୁ ମାର୍ଚ୍ଚ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଛି ଆଇସିସି। ସାମସନ ମଧ୍ୟ ତାଙ୍କ କ୍ରିକେଟ କ୍ୟାରିୟରେ ପ୍ରଥମ ଥର ଆଇସିସି ସମ୍ମାନ ଜିତିଛନ୍ତି।

# ଆଇପିଏଲ ୨୦୨୬ : ବ୍ୟାଟିଂ-ବୋଲିଂରେ କମାଲ

## ଏଲଏସଜିକୁ ସହଜରେ ହରାଇ ପଏଣ୍ଟ ଟେବୁଲର ଶୀର୍ଷରେ ଆରସିବି

ମୁମ୍ବାଇ, ୧୮/୦୪ : ବୋଲରଙ୍କ ଘାତକ ବୋଲିଂ ପରେ ବ୍ୟାଟରଙ୍କ କମାଲ। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଧମାକାଦାର ବିଜୟ ହାସଲ କରିଛି। ଆଇପିଏଲର ୨୨ତମ ମ୍ୟାଚରେ ଆରସିବି ଏଲସଜିକୁ ୫ ୱିକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜି ୧୪୬ ରନ କରିଥିଲା। ଜବାବରେ ଆରସିବି ୫ ୱିକେଟ୍ ହରାଇ ୨୯ଟି ବଲ୍ ପୂର୍ବରୁ ମ୍ୟାଚକୁ ସହଜରେ ଜିତି ନେଇଛି। ବୋଲରଙ୍କ ଘାତକ ବୋଲିଂ ପରେ ବ୍ୟାଟରଙ୍କ କମାଲ। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଧମାକାଦାର ବିଜୟ ହାସଲ କରିଛି। ଆଇପିଏଲର ୨୨ତମ ମ୍ୟାଚରେ ଆରସିବି ଏଲସଜିକୁ ୫ ୱିକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜି ୧୪୬ ରନ କରିଥିଲା। ଜବାବରେ ଆରସିବି ୫ ୱିକେଟ୍ ହରାଇ ୨୯ଟି ବଲ୍ ପୂର୍ବରୁ ମ୍ୟାଚକୁ ସହଜରେ ଜିତି ନେଇଛି।



ବିରାଟ କୋହଲି ସର୍ବାଧିକ ୪୯ ରନ କରିଥିବା ବେଳେ ବାକି ବ୍ୟାଟର ଉପଯୋଗୀ ରନ କରିଛନ୍ତି। ଆରସିବି ପଞ୍ଚମ ମ୍ୟାଚରୁ ଚତୁର୍ଥ ବିଜୟ ସହ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଅନ୍ୟପଟେ ଲକ୍ଷ୍ମୌ ତୃତୀୟ ପରାଜୟ ଭୋଗିଛି।

୧୪୭ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଆରସିବିକୁ ୯ ରନ ସ୍କୋରେ ପ୍ରଥମ ଝଟକା ଲାଗିଥିଲା। ଫିଲ୍ ସଲ୍ଟ(୭ ରନ) ନିଜର ଖରାପ ଫର୍ମ ବଜାୟ ରଖି ପାଭିଲିୟନ ଫେରିଥିଲେ। ଦେବଦତ୍ତ ପାଡ଼ିକଲ ୧୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ବିରାଟ କୋହଲି ୩୪ ବଲରୁ ୬ ଚୌକା ଓ ୧ ଛକା ସହ ୪୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମଧ୍ୟକ୍ରମରେ ଅଧିନାୟକ ରଜତ ପାଟିଦାର ଓ ଜିତେଶ ଶର୍ମା ଧୂଆଁଧାର ବ୍ୟାଟିଂ କରି ମ୍ୟାଚକୁ ସଂପୂର୍ଣ୍ଣ ଏକତରଫା କରି ଦେଇଥିଲେ। ପାଟିଦାର ୧୩ ବଲରୁ ୨୩ ରନ ଓ ଜିତେଶ ୯ ବଲରୁ ୨୩ ରନ କରିଥିଲେ। ଟିମ୍ ଡେଭିଡ ୧୪ ରନ ଓ ରୋମାରିଓ ଶେଫାର୍ଡ ୧୪ ରନ ଅପରାଜିତ ରହି ଦଳକୁ ଜିତାଇଛନ୍ତି।

ବେଙ୍ଗାଲୁରୁ ୧୫.୧ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜିର ଆରମ୍ଭ ସେତେ ଆଶାନୁରୂପ ନ ଥିଲା। ଆଡନ ମାରକ୍ରମ ୧୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଅଧିନାୟକ ଋଷଭ ପନ୍ତ( ୧ ରନ) ଓ ନିକୋଲାସ ପୂରନ( ୧ ରନ) ନିଜର ଖରାପ ଫର୍ମ ବଜାୟ ରଖି ଦଳକୁ ନିରାଶ କରିଥିଲେ। ମିଚେଲ୍ ମାର୍ଶ ୪୦ ରନ କରି ଆଉଟ୍ ହୋଇଥିଲେ। ଆୟୁଷ ବାଦୋନି ୨୪ ବଲରୁ ୩୮ ରନର ଉପଯୋଗୀ ରନ କରିଛନ୍ତି। ନିମ୍ନକ୍ରମରେ ମୁକୁଲ ଚୌଧୁରୀ ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟପଟୁ କେହି ସହଯୋଗ କରି ନ ଥିଲେ। ଫଳରେ ଏଲଏସଜି ୧୪୬ ରନ କରି ପାରିଛି।

ମୁକୁଲ ଚୌଧୁରୀ ୩୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ବୋଲିଂରେ ରଶିଖ ସଲାମ ଡାର ୪ ଓଭରରେ ୨୪ ରନ ଓ ଭୁବନେଶ୍ୱର କୁମାର ସମାନ ୪ ଓଭରରେ ୨୭ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି। ଦୁଇ ବୋଲର ଘାତକ ବୋଲିଂ କରି ଏଲଏସଜିକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି।

## ମୁମ୍ବାଇ ଇଣ୍ଡିଆନ୍ସକୁ ଶକ୍ତ ଝଟକା, ୨ଟି ମ୍ୟାଚରୁ ରୋହିତ ଶର୍ମା ଆଉଟ !

ମୁମ୍ବାଇ, ୧୮/୦୪ : ଚଳିତ ଆଇପିଏଲରେ କ୍ରମାଗତ ୪ଟି ମ୍ୟାଚ ହାରି ସାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ପଞ୍ଜାବ କିଙ୍ଗସକୁ ଭେଟିବ। ଦଳ ବିଜୟ ସନ୍ଧାନରେ ରହିଥିବା ବେଳେ ଏବେ ବଡ଼ ଝଟକାର ସାମ୍ନା କରିଛି। ଦଳର ଷ୍ଟାର ଓପନର ରୋହିତ ଶର୍ମା ଆହତ କାରଣରୁ ଆଗାମୀ ଦୁଇଟି ମ୍ୟାଚ୍ ଖେଳି ପାରିବେ ନାହିଁ ବୋଲି ଜଣାପଡ଼ିଛି। ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ରୋହିତ ବ୍ୟାଟିଂ କରୁଥିବା ବେଳେ ମାଂସପେଶୀ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ତାଙ୍କୁ ମ୍ୟାଚ୍ ଅଧାରୁ ବ୍ୟାଟିଂ ଛାଡ଼ି ପ୍ୟାଭିଲିୟନକୁ ଫେରିବାକୁ ପଡ଼ିଥିଲା। ରୋହିତ ରିଟାର୍ଡ ହର୍ଟ ହେବା ମଧ୍ୟ ମୁମ୍ବାଇକୁ ମହଙ୍ଗା ପଡ଼ିଥିଲା। ଶେଷରେ ଦଳ ୧୮ ରନରେ ମ୍ୟାଚ୍ ହାରିଥିଲା। ଚଳିତ



ଆଇପିଏଲରେ ଏହା ମୁମ୍ବାଇର କ୍ରମାଗତ ୩ୟ ପରାଜୟ। ଦଳ ଏଯାଏ ୪ଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ଗୋଟିଏରେ ଜିତି ପାରିଛି। ଆସନ୍ତାକାଲି ଦଳ ପଞ୍ଜାବ କିଙ୍ଗସ ଓ ୨୦ ତାରିଖରେ ଗୁଜରାଟ ଟାଇଟନ୍ସକୁ ଭେଟିବ। ହେଲେ ଏହି ଦୁଇଟି ମ୍ୟାଚ୍‌ରେ ରୋହିତ ନଜର ଆସିବାର ସମ୍ଭାବନା ବହୁତ କମ। ରୋହିତ ମାଂସପେଶୀ ଜନିତ ସମସ୍ୟାରୁ ସଂପୂର୍ଣ୍ଣ ମୁକୁଳି ପାରି ନାହାନ୍ତି। ତେଣୁ ସେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ରିପୋର୍ଟ ପ୍ରକାଶ ପାଇଛି। ରୋହିତ ଏଯାଏ ୪ଟି ମ୍ୟାଚ୍ ଖେଳିଥିବା ବେଳେ ୧୩୭ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୪୫.୬୭ ରହିଥିବା ବେଳେ ଷ୍ଟ୍ରାଇକ ରେଟ ୧୬୫.୦୬। ତାଙ୍କ ବ୍ୟାଟରୁ କୋଲକାତା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବିସ୍ଫୋରକ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ମୁମ୍ବାଇ ପ୍ରଥମ ମ୍ୟାଚ୍‌ରେ କୋଲକାତାକୁ ୬ ୱିକେଟରେ ହରାଇଥିଲା। ୧୪ ବର୍ଷ ପରେ ଦଳ ଆଇପିଏଲରେ ନିଜର ପ୍ରଥମ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲା।

# ଅତୀତର ଆଇନାରେ ବିଜୁବାବୁ



ଶାରଦା ପ୍ରସନ୍ନ ସ୍ୱାଇଁ

ଭାରତୀୟ ରାଜନୀତିର ପ୍ରବାଦ ପୁରୁଷ ସ୍ୱାଭିମାନୀ ବିଜୟାନନ୍ଦ ପଟ୍ଟନାୟକ ଏ ଯୁଗର ବିସ୍ମୟ। ସେ ଯେପରି ଦୁଃସାହସୀ ସେପରି ଦୁର୍ଦ୍ଧଷ ପୁରୁଷ। ସେହି ଅସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ୧୯୧୬ ମସିହାରେ କଟକସ୍ଥିତ ତୁଳସୀପୁର ଆନନ୍ଦଭବନରେ ଆନନ୍ଦର ତରଙ୍ଗ ଖେଳାଇ ଭୂମିଷ୍ଠ ହୋଇଥିଲେ। ତାଙ୍କର ପିତାଙ୍କ ନାମ ଥିଲା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ମାତା ଥିଲେ ସନ୍ତାନ ବତ୍ସଳା ସ୍ନେହମୟୀ ଜନନୀ ଆଶାଲତା ଦେବୀ। ପ୍ରାତଃ ଭ୍ରମଣରୁ ଫେରିଆସି ଶିଶୁ ସନ୍ତାନଟିର ଉଜ୍ଜ୍ୱଳ ମୁଖ ଅବଲୋକନ ପୂର୍ବକ ଆନନ୍ଦରେ ମସଗୁଲ ହୋଇଗଲେ ପିତା ଲକ୍ଷ୍ମୀ ନାରାୟଣ। ଏକୋଇଶିଆ ପାଳନ ଅବସରରେ ନାମ ରଖାଗଲା 'ବିଜୟାନନ୍ଦ'। ପରବର୍ତ୍ତୀ ସମୟରେ ସେ ଲଢୁଆ ସୈନିକ ହୋଇ ସମଗ୍ର ଭାରତ ବର୍ଷରେ ନିଜର ନାମ ତଥା ସମଗ୍ର ଓଡ଼ିଶା ପ୍ରଦେଶର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଗଲେ। କିଏ ଜାଣିଥିଲା, ସେ ନିଜର ଗଭୀର ଆତ୍ମବିଶ୍ୱାସ ଓ ଦୁଃସାହସିକ ପଦକ୍ଷେପ ଦ୍ୱାରା 'ଭାରତମାତା'ର ପରାଧିନତାର ଶୃଙ୍ଖଳକୁ ଛିନ୍ନ କରି ସ୍ୱାଧିନତା ଆଣିବାରେ ଶ୍ରେଷ୍ଠ ସାରଥି ଭାବେ ପ୍ରତିଷ୍ଠିତ ହେବେ।

ଏକାଧାରାରେ ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ପାଇଲଟ, ସଫଳ କ୍ରୀଡ଼ାବିତ, ସ୍ୱାଧିନତା-ସଂଗ୍ରାମର ସଫଳ ଜନନାୟକ ଓ ସର୍ବୋପରି ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶା ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ଓ.ଟି.ଏମ ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ପାରାଦ୍ୱୀପ ବନ୍ଦର, କୋରାପୁଟର ମିଗ୍ ବିମାନ କାରଖାନା, କଳିଙ୍ଗ ଟ୍ୟୁବସ କାରଖାନା, କଳିଙ୍ଗ ରେଫ୍ରିଜେରେସନ ଓ କଳିଙ୍ଗ ଇଣ୍ଡଷ୍ଟ୍ରିଜ ଆଦି ନିର୍ମାଣ କରି ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ପରିଚିତ ହେଲେ । ୧୯୬୨ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପ୍ରଣ୍ଡିତ ଜବହାର ଲାଲ ନେହୁରଙ୍କ ଶାସନ ସମୟରେ ବିଜୁବାବୁ



ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା କରିଥିଲେ। ସ୍ୱାଧିନତା ପରେ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟର ପରିଗଣିତ କରାଇବା ଥିଲା ଏହି ମହାନ ନେତାଙ୍କ ଲକ୍ଷ୍ୟ। କିଏ କହେ ତାଙ୍କୁ ଓଡ଼ିଶାରୁ କିମ୍ବଦନ୍ତୀ ପୁରୁଷ, କିଏ କହେ ତାଙ୍କୁ ଝଡ଼ର ଇଗଲ କିଏ କହେ ଓଡ଼ିଶାର ଜୀବନ୍ତ କୋଣାର୍କ। ଆଜକୁ ୧୨୦ ବର୍ଷ ତଳେ ଗଞ୍ଜାମ ଜିଲ୍ଲାର ଏକ ପ୍ରତିଷ୍ଠିତ କରଣ ପରିବାରର ସନ୍ତାନ ଥିଲେ ମଧ୍ୟ ସେ କଟକରେ ହିଁ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ।

ଆଜି ସେହି ପ୍ରବାଦ ପୁରୁଷଙ୍କ ଜନ୍ମ ଦିନରେ ଆମେ ତାଙ୍କ ଅବିହିତ କରିବା ୧୯୧୬ ମସିହାରୁ ୧୯୯୧ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ସେ ଦେଶ ଓ ଜାତିର ଉନ୍ନତି ବିଧାନ ପାଇଁ ଯେଉଁ ସବୁ କାର୍ଯ୍ୟାବଳୀର ସ୍ମାରକୀ ଆମ୍ଭମାନଙ୍କ ପାଇଁ ଛାଡ଼ି ଦେଇ ଯାଇଛନ୍ତି ସେ ସବୁ 'କାର୍ଯ୍ୟାବଳୀ'ର ସ୍ମାରକୀ ଆମ୍ଭମାନଙ୍କ ପାଇଁ ଛାଡି ଦେଇ ଯାଇଛନ୍ତି ସେ ସବୁ ସ୍ମରଣ କରି ସେହି ମହାନ 'କଳିଙ୍ଗବୀର'ଙ୍କୁ ହୃଦୟ ଗଭୀରତମ ପ୍ରଦେଶରୁ 'ଶ୍ରଦ୍ଧାଞ୍ଜଳୀ' ଜ୍ଞାପନ କରିବା।

**ପ୍ରକାଶକ**
**ଜନବାର୍ତ୍ତା, ସାପ୍ତାହିକ**
**ଭୁବନେଶ୍ୱର**

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/ 1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra